# ଅଧ୍ୟାୟ 2

## ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଯୋଜନାର ସମ୍ପାଦନ ସମୀକ୍ଷା

# ଅଧ୍ୟାୟ 2

## ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର କାର୍ଯ୍ୟାନ୍ୱୟନର ଦକ୍ଷତା ଉପରେ ସମୀକ୍ଷା

### *କାର୍ଯ୍ୟନିର୍ବାହୀ*

*ଭାରତ ସରକାର 2022 ସୁଦ୍ଧା ସମସ୍ତଙ୍କୁ ବାସଗୃହ ଯୋଗାଇବା ଉଦ୍ଦେଶ୍ୟରେ ଇନ୍ଦିରା ଆବାସ ଯୋଜନା(ଆଇଏୱାଇ) କୁ 1 ଅପ୍ରେଲ 2016 ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍ଏୱାଇ-ଜି) ଭାବେ ପୁନର୍ଗଠିତ କଲେ । ପିଏମ୍ଏୱାଇ-ଜିର ଲକ୍ଷ୍ୟ ହେଲା ସମସ୍ତ ବାସହୀନ (ଏଚ୍ଏଚ୍) ଏବଂ ଯେଉଁମାନେ ଚରାଜୀର୍ଣ୍ଣ କଚ୍ଚା ଘରେ ରହୁଛନ୍ତି, ସେମାନଙ୍କୁ 2022 ସୁଦ୍ଧା ମୌଳିକ ସୁବିଧା ସହ ପକ୍କା ଘର ଯୋଗାଇବା ।*

*ଯେହେତୁ ବାସଗୃହ ଗୋଟିଏ ପ୍ରାଥମିକ ଆବଶ୍ୟକତା ଓ ଗୋଟିଏ ସ୍ଥାୟୀ ବିକାଶର ଲକ୍ଷ୍ୟ, ତେଣୁ ଗ୍ରାମୀଣ ଗରିବ ଲୋକଙ୍କର ଜୀବନଧାରଣମାନର ଉନ୍ନତି ପାଇଁ ଏହି ଯୋଜନାର ଫଳପ୍ରଦ କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ ଅଟେ । ସୁତରାଂ ଏହି ଯୋଜନାର ଲକ୍ଷ୍ୟର ସଫଳତାକୁ ସୁନିଶ୍ଚିତ କରିବା ପାଇଁ ପିଏମ୍ଏୱାଇ-ଗ୍ରାମୀଣର କାର୍ଯ୍ୟଦକ୍ଷତା ଉପରେ ସମୀକ୍ଷା କରାଯାଇଥିଲା । ଏହା 2016-17 ରୁ 2020-21 ଅବଧି ଓ ଆଠଟି ଜିଲ୍ଲା, ତିନୋଟି ପଞ୍ଚାୟତ ସମିତି (ପିଏସ୍) ଚୟନ ହୋଇଥିବା ପ୍ରତି ଜିଲ୍ଲାରୁ ଏବଂ ପ୍ରତି ଚୟନ କରାଯାଇଥିବା ପଞ୍ଚାୟତ ସମିତିରୁ ତିନୋଟି ଗ୍ରାମ ପଞ୍ଚାୟତ(ଜିପି) କୁ ନେଇ କରାଯାଇଥିଲା ।*

*ଏହି କାର୍ଯ୍ୟଦକ୍ଷତା ସମୀକ୍ଷାର ଉଦ୍ଦେଶ୍ୟ ହେଲା ହିତାଧିକାରୀ ଚିହ୍ନଟ ଓ ଚୟନ ପ୍ରକ୍ରିୟାର ପର୍ଯ୍ୟାପ୍ତତା ଓ ସ୍ୱଚ୍ଛତା ବିଷୟରେ ମୂଲ୍ୟାଙ୍କନ କରିବା, ଉଦ୍ଦିଷ୍ଟ ଫଳାଫଳକୁ ପାଇବା ପାଇଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଗୃହ ନିର୍ମାଣ, ସଂଯୋଜନାର ସାମର୍ଥ୍ୟ ଅନୁସାରେ ହିତାଧିକାରୀମାନଙ୍କ ମୌଳିକ ସୁବିଧା ବ୍ୟବସ୍ଥା କରିବା, ଯୋଜନା ପାଣ୍ଠିର ଆର୍ଥିକ ପରିଚାଳନା, ତଦାରଖ ଏବଂ ମୂଲ୍ୟାୟନର ପ୍ରକ୍ରିୟାର ପ୍ରଭାବକୁ ଆକଳନ କରିବା ।*

*କାର୍ଯ୍ୟାନ୍ୱୟନର ସମୀକ୍ଷାର ସାରାଂଶ କହିବାକୁ ଗଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧିନରେ ରାଜ୍ୟ ସରକାରଙ୍କ ଦ୍ୱାରା ସାମାଜିକ ଆର୍ଥିକ ଏବଂ ଜାତି ଜନଗଣନା (ଏସ୍ଇସିସି-2011) ର ତଥ୍ୟ ଏବଂ ଗ୍ରାମ ସଭାରେ ସ୍ଥାୟୀ ଅପେକ୍ଷାରତ ସାରଣୀର ଚୂଡ଼ାନ୍ତକରଣ ସହିତ ଯୋଗ୍ୟ ହିତାଧିକାରୀମାନଙ୍କର ଚିହ୍ନଟ ଓ ଅଗ୍ରୀମ ଦେବାର ଆବଶ୍ୟକ ଥିଲା । ସମୀକ୍ଷା ଦ୍ୱାରା ଜଣାପଡ଼ିଲା ଯେ ପୁନଶ୍ଚ ଗ୍ରାମ ସଭା ଦ୍ୱାରା ଚିହ୍ନଟ ହୋଇଥିବା 8.59 ଲକ୍ଷ ହିତାଧିକାରୀ ଅନିୟମିତ ଭାବରେ ସ୍ଥାୟୀ ଅପେକ୍ଷାରତ ତାଲିକାରୁ ବାଦ୍ ପଡ଼ିଲେ ଏବଂ ଯୋଜନାରୁ ବଞ୍ଚିତ ହେଲେ । ସ୍ଥାୟୀ ପ୍ରତୀକ୍ଷାରତ ତାଲିକା (ପିଡବ୍ଲୁଏଲ୍) ମାର୍ଚ୍ଚ 2021 ସୁଦ୍ଧା ଚୂଡ଼ାନ୍ତ ହୋଇପାରିନଥିଲା ଏବଂ ରାଜ୍ୟ ଯୋଗ୍ୟ ହିତାଧିକାରୀମାନଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ନେବାରେ ବିଫଳ ଯୋଗୁଁ 5.27 ଲକ୍ଷ ମଞ୍ଜୁର ଗୃହ ପ୍ରତ୍ୟାର୍ପଣ କରିବାକୁ ପଡ଼ିଲା ।*

*ଯେହେତୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ସ୍ଥିରୀକୃତ ହୋଇଥିବା ସମୟ ସୀମା ମଧ୍ୟରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରିବାରେ ଅସଫଳ ହୋଇଥିଲା । ତେଣୁ 12.25 ଲକ୍ଷ ହିତାଧିକାରୀ ସ୍ଥାୟୀ ଅପେକ୍ଷାର ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିଲେ ନାହିଁ ଏବଂ ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେଲେ ।*

*ଅନ୍ତିମ ସ୍ଥାୟୀ ଅପେକ୍ଷାରତ ତାଲିକାର ଅଭାବ ଯୋଗୁଁ, 24 ଟି ନମୁନା ଯାଞ୍ଚ ବ୍ଲକରେ ବାର୍ଷିକ ଚୟନ ତାଲିକା ତିଆରି ହୋଇପାରିଲା ନାହିଁ ଏବଂ ହିତାଧିକାରୀମାନଙ୍କୁ ବାସଗୃହ ମଞ୍ଜୁରୀ ପାଇଁ ଇଚ୍ଛାନୁଯାୟୀ ବଚ୍ଛା ହେଲା । ସୁତରାଂ ଏସ୍ଇସିସିର ସ୍ୱୟଂକ୍ରିୟ ସଂଖ୍ୟା ସୃଷ୍ଟି ବିନା ଅନେକ କ୍ଷେତ୍ରରେ ବାସଗୃହ ମଞ୍ଜୁର ହୋଇଥିଲା । ପକ୍କାଘର, ଦୁଇ/ ତିନି ଚକିଆ, କିସାନ କ୍ରେଡିଟ୍ କାର୍ଡ (କ୍ରେଡିଟ୍ ସୀମା 50,000 ଟଙ୍କା )ଇତ୍ୟାଦି ଥାଇ ବି ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାସଗୃହ ମଞ୍ଜୁର ହୋଇଥିଲା ।*

*ବାସଗୃହ ସଂପୂର୍ଣ୍ଣକୁ ତ୍ୱରାନ୍ୱିତ କରିବା ପାଇଁ ରାଜମିସ୍ତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବାର ଥିଲା ଓ ପ୍ରଶିକ୍ଷାର୍ଥୀମାନଙ୍କୁ ଗୃହ ନିର୍ମାଣରେ ବ୍ୟକ୍ତିଗତ ହିତାଧିକାରୀମାନଙ୍କ ସହିତ ଜଡ଼ିତ କରିବାର ଥିଲା । ରାଜମିସ୍ତ୍ରୀ ପ୍ରଶିକ୍ଷାର୍ଥୀମାନଙ୍କୁ ଦୁଇ ଥର ଅର୍ଥ ପ୍ରଦାନ ହୋଇଥିଲା କାରଣ ସେମାନଙ୍କୁ ଗୃହ ନିର୍ମାଣ ପୂର୍ବରୁ ଅର୍ଥ ପ୍ରଦାନ କରାଯାଇଥିଲା କିମ୍ବା ଗୃହ ନିର୍ମାଣ*

ପରେ ମିସ୍ତ୍ରୀ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ପ୍ରଦାନ ହୋଇଥିଲା । ପୁନଶ୍ଚ ଏକା ରାଜମିସ୍ତ୍ରୀଙ୍କୁ ଦୁଇଟି ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ଗୋଟିଏ ଦିନରେ ଦୁଇଥର ପ୍ରଦାନ କରାଯାଇଥିଲା ।

ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସହିତ ସଂଯୋଜନା କରି ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ 90-95 ବ୍ୟକ୍ତିଗତ ଦିନ ହିସାବରେ ଅଣକୁଶଳୀ ମଜୁରୀର ବ୍ୟବସ୍ଥା ଥିଲା । ମାତ୍ର ହାରାହାରି ହିସାବରେ 78.63 ବ୍ୟକ୍ତିଗତ ଦିନ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା । ପୁନଶ୍ଚ କେତେକ କ୍ଷେତ୍ରରେ ମଜୁରୀ ପ୍ରଦାନ ସନ୍ଦେହଜନକ କାରଣ ଏହା ଗୃହ ନିର୍ମାଣ ଆରମ୍ଭ ହେବା ପୂର୍ବରୁ କିମ୍ବା ସମ୍ପୂର୍ଣ୍ଣ ହେବା ପରେ ପ୍ରଦାନ କରାଯାଇଛି ।

ପିଏମ୍‌ଏୱାଇ-ଗ୍ରାମୀଣ ରାଜ୍ୟ ସରକାରଙ୍କ ଦ୍ୱାରା ଭୂମିହୀନ ହିତାଧିକାରୀମାନଙ୍କୁ ଘର ଡିହ ମଜୁରୀ ନିମିତ୍ତ ନିର୍ଦ୍ଧାରଣ କରିଥାଏ । ମାତ୍ର ମାର୍ଚ୍ଚ 2021 ସୁଦ୍ଧା 57,932 ମଧ୍ୟରୁ 40,608 (70 ପ୍ରତିଶତ) ହିତାଧିକାରୀମାନଙ୍କୁ ଗୃହ ପ୍ରଦାନ କରାଯାଇ ପାରିଲା ନାହିଁ କାରଣ ପିଏମ୍‌ଏୱାଇ-ଗ୍ରାମୀଣ ବାସଗୃହ ଅଧିକାର ସେମାନଙ୍କୁ ଗୃହ ନିର୍ମାଣ କରିବା ପାଇଁ ଘରଡିହ ପ୍ରଦାନ ହୋଇପାରିଲା ନାହିଁ । ପୁନଶ୍ଚ କେତେକ କ୍ଷେତ୍ରରେ ପ୍ରବଞ୍ଚନାତ୍ମକ କାର୍ଯ୍ୟାଦେଶ ବିନା ହିତାଧିକାରୀମାନଙ୍କୁ ହିତାଧିକାରୀମାନଙ୍କର ଆଇଡି ନେଇ ଜାରୀ କରାଯାଇଥିଲା ।

ଯେକୌଣସି ପ୍ରଶାସନିକ ସମ୍ବନ୍ଧୀୟ ବ୍ୟୟ ପାଇଁ ରାଜ୍ୟ ଗଚ୍ଛିତ ପାଣ୍ଠିରୁ ବ୍ୟୟ ହେବା ଉଚିତ । ତାହା ପୁଣି ପିଏଫଏମ୍‌ଏସ୍ ଓ ଆୱାସସଫ୍ଟ ବ୍ୟବହାର କରି ପାଣ୍ଠି ସ୍ଥାନାନ୍ତରଣ ଆଦେଶ ଦ୍ୱାରା । ମାତ୍ର ରାଜ୍ୟ ଗଚ୍ଛିତ ପାଣ୍ଠିରୁ 18.10 କୋଟି ଟଙ୍କା ଅନିୟମିତ ଭାବରେ ଅନ୍ୟ ବ୍ୟାଙ୍କ ହିସାବ ଖାତାକୁ ପ୍ରଶାସନିକ ସମ୍ବନ୍ଧୀୟ ଖର୍ଚ୍ଚ କରିବା ପାଇଁ ସ୍ଥାନାନ୍ତରଣ କରାଯାଇଥିଲା ।

ଯଦ୍ୟପି ସହାୟତାର ପ୍ରଥମ କିସ୍ତି ଗୃହ ମଞ୍ଜୁରୀ ହେବାର ପ୍ରଥମ ସପ୍ତାହ ମଧ୍ୟରେ ବାହାରିବାର ଥିଲା, 41,146 କ୍ଷେତ୍ରରେ ହିତାଧିକାରୀମାନଙ୍କୁ ସେମାନଙ୍କର ପ୍ରଥମ କିସ୍ତି 07 ରୁ 1,576 ଦିନ ବିଳମ୍ବରେ ରାଜ୍ୟ ଦ୍ୱାରା ପ୍ରଦାନ କରାଯାଇଥିଲା ।

ଅନ୍ୟ ଯୋଜନା ଗୁଡ଼ିକ ସହିତ ସଂଯୋଜନା ଅଭାବରେ ହିତାଧିକାରୀମାନେ ମୌଳିକ ସେବା ଯେପରିକି-ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍, ଇତ୍ୟାଦି ପାଇବାରୁ ବଞ୍ଚିତ ହେଲେ ।

ପିଏମ୍‌ଏୱାଇ-ଗ୍ରାମୀଣର ଶାସନୀୟ ଚିହ୍ନକୁ ସମସ୍ତ ସମ୍ପୂର୍ଣ୍ଣ ହୋଇଥିବା ପିଏମ୍‌ଏୱାଇ-ଗ୍ରାମୀଣ ଗୃହ ଗୁଡ଼ିକରେ ଲଗାଇବାର ଥିଲା । ମାତ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ଆପତ୍ତି ସତ୍ତ୍ୱେ, ରାଜ୍ୟର ପ୍ରତୀକ ପିଏମ୍‌ଏୱାଇ-ଗ୍ରାମୀଣ ଗୃହ ସବୁରେ ଲଗାଯାଇଥିଲା ।

ସରକାରୀ ଉତ୍ତରଦାୟିତ୍ୱକୁ ନିଶ୍ଚିତ କରିବା ପାଇଁ ପ୍ରତି ଗ୍ରାମ ପଞ୍ଚାୟତରେ ଅତି କମରେ ବର୍ଷକୁ ଥରେ ସାମାଜିକ ସମୀକ୍ଷା ହେବା ଉଚିତ୍ । ମାତ୍ର ଯାଞ୍ଚ କରାଯାଇଥିବା ଗ୍ରାମ ପଞ୍ଚାୟତରେ କୌଣସି ସାମାଜିକ ସମୀକ୍ଷା ହୋଇନଥିଲା ।

ସମୀକ୍ଷାରୁ ଜଣାଗଲା ଯେ ଆଠଟି ଯାଞ୍ଚ ହୋଇଥିବା ଜିଲ୍ଲା ମଧ୍ୟରୁ ସାତଟି ଏବଂ 24 ଟି ଯାଞ୍ଚ ହୋଇଥିବା ବ୍ଲକ ମଧ୍ୟରୁ 23 ଟିରେ ଅଭିଯୋଗ/ ଅଭିଯୋଗ ଗ୍ରହଣ ଏବଂ ସମାଧାନ ପାଇଁ କୌଣସି ରେକର୍ଡ ରଖାଯାଇନଥିଲା । ଜିଲ୍ଲା ତଥା ବ୍ଲକ ସ୍ତରରେ ଅଭିଯୋଗର ପ୍ରକୃତ ସମାଧାନ ସୁନିଶ୍ଚିତ କରାଯାଇନାହିଁ ଏବଂ ଅଭିଯୋଗର ସମାଧାନ ଅଭିଯୋଗକାରୀଙ୍କୁ ମଧ୍ୟ ଅବଗତ କରାଯାଇ ନାହିଁ ।

ଯୋଜନାର କାର୍ଯ୍ୟାନ୍ୱୟନର ଉପରଲିଖିତ ତ୍ରୁଟି ଓ ଅଭାବଗୁଡ଼ିକର ଦୃଷ୍ଟିକୋଣରୁ ନିମ୍ନମତେ ସୁପାରିଶ କରାଯାଏ ।

1. ରାଜ୍ୟ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ କରି ଚୂଡ଼ାନ୍ତ କରିବା ଉଚିତ୍ ।
2. ସ୍ୱଚ୍ଛତା ବଜାୟ ରଖିବା ପାଇଁ ଗୃହ ମଞ୍ଜୁରୀ ନିମିତ୍ତ ସ୍ୱୟଂକ୍ରିୟ ସ୍ଥାୟୀ ଅପେକ୍ଷାରତ ତାଲିକାକୁ ନେଇ ବାର୍ଷିକ ଚୟନ ତାଲିକା ପ୍ରସ୍ତୁତ କରିବା ଉଚିତ୍ ।
3. ଭୂମିହୀନ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ପାଇଁ ଜମି ପ୍ରଦାନ କରାଯିବା ଉଚିତ୍ ଓ ବିକଳାଙ୍ଗ ହିତାଧିକାରୀମାନଙ୍କୁ ସମ୍ପୃକ୍ତ ବିଭାଗ ସହିତ ସମନ୍ୱୟ କରି ଗୃହ ପ୍ରଦାନରେ ପ୍ରାଥମିକତା ଦେବା ଉଚିତ୍ ।
4. ଗୃହ ମଞ୍ଜୁରୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରଦାନ ହେବା ଉଚିତ୍ ।

5. *ମିସ୍ତ୍ରୀ ପ୍ରଶିକ୍ଷଣ ନିମିତ୍ତ ସନ୍ଦିଗ୍ଧ ଅର୍ଥ ପ୍ରଦାନ କ୍ଷେତ୍ରରେ ବିସ୍ତୃତ ଅନୁସନ୍ଧାନ ହେବା କଥା । ଅନିୟମିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଞ୍ଜୁରୀ ପ୍ରଦାନ ଅନ୍ୟ ହିତାଧିକାରୀଙ୍କ ନାମରେ ଗୃହ ମଞ୍ଜୁରୀରେ ମଧ୍ୟ ଅନୁସନ୍ଧାନ ହେବା ଉଚିତ୍ ଓ ସଠିକ୍ କାର୍ଯ୍ୟ ପନ୍ଥା ଆରମ୍ଭ ହେବା ଉଚିତ ।*
6. *ଅନ୍ୟ ନିଶାଣୀକୃତ ହୋଇଥିବା ଯୋଜନା ଗୁଡ଼ିକ ସହିତ ଏକତ୍ରିକରଣ କରାଯିବା ଉଚିତ୍ ଯାହାଦ୍ୱାରା ହିତାଧିକାରୀମାନେ ମୌଳିକ ସୁବିଧା ପାଇପାରିବେ ।*
7. *କାର୍ଯ୍ୟର ବାସ୍ତବିକ ପ୍ରଗତିକୁ ନେଇ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ମଜୁରୀ ପାଇଁ କ୍ଷତିପୂରଣ ହେବା ଉଚିତ୍ ।*
8. *ସୁରୁଖୁରରେ ଗୃହ ସମ୍ପୂର୍ଣ୍ଣ କରିବା ପାଇଁ ଉପଯୁକ୍ତ ସମୟରେ କିସ୍ତି ପ୍ରଦାନ ହେବା ଉଚିତ୍ ।*
9. *ଆୱାସ୍ ସଫ୍ଟ ଓ ପିଏଫ୍‌ଏମ୍‌ଏସ୍ ବ୍ୟବହାର କରି ସମସ୍ତ ପ୍ରଦାନ ଓ ତା ସହିତ ସମସ୍ତ ପ୍ରଶାସନିକ ବ୍ୟୟ ପାଣ୍ଠି ସ୍ଥାନାନ୍ତରଣ ଆଦେଶ ଦ୍ୱାରା ହେବା ଉଚିତ୍ ।*
10. *ପ୍ରଶାସନିକ ପାଣ୍ଠିରୁ କେବଳ ବ୍ୟୟଭୁକ୍ତ କ୍ଷେତ୍ରଗୁଡ଼ିକର ଖର୍ଚ୍ଚ ହେବା ଉଚିତ୍ ।*
11. *ଜିଲ୍ଲା ଓ ବ୍ଲକ ସ୍ତରରେ ଥିବା ଶାସକୀୟ ପାଣ୍ଠି ରାଜ୍ୟ ପାଣ୍ଠି ହିସାବ ଖାତାକୁ ଫେରସ୍ତ ହେବା ଉଚିତ୍ ।*
12. *ଯୋଜନାଗୁଡ଼ିକର ସଫ୍ଟ କାର୍ଯ୍ୟାନ୍ୱୟନ ଓ ତ୍ରୁଟିଗୁଡ଼ିକ ସୁଧାରିବା ପାଇଁ ରାଜ୍ୟ ସରକାର ନିର୍ଘଣ୍ଟ ସମୟ ଓ ନିୟମିତ ଭାବେ ନିର୍ଦ୍ଧାରିତ ନୀରିକ୍ଷଣ ବିଭିନ୍ନ ସ୍ତରରେ କରିବା ଉଚିତ୍ । ତା'ସହିତ ଗ୍ରାମ ପଞ୍ଚାୟତ ସ୍ତରରେ ସାମାଜିକ ଲେଖା ପରୀକ୍ଷା କରିବା ଉଚିତ୍ ।*
13. *ସମସ୍ତ ଅଭିଯୋଗ/ ଆପତ୍ତିଗୁଡ଼ିକୁ ଧ୍ୟାନ ଦେବା ସହିତ ସେଗୁଡ଼ିକର ଫଳାଫଳ ଅଭିଯୋଗକାରୀମାନଙ୍କୁ ଜଣାଇବା ଉଚିତ୍ ।*

### 2.1.1 ଉପକ୍ରମ

ଦାରିଦ୍ର୍ୟ ଦୂରୀକରଣ ପାଇଁ ବାସଗୃହ ଯୋଜନା ଗୁରୁତ୍ୱପୂର୍ଣ୍ଣ ଅଟେ । ଗ୍ରାମୀଣ ବାସଗୃହ ଯୋଜନା ଯାହା ଦେଶର ବାସଗୃହ ଯୋଜନାର ଏକ ବଡ଼ ଅଂଶ, ତାହା ଜାନୁଆରୀ 1996 ରେ ଇନ୍ଦିରା ଆବାସ ଯୋଜନା (ଆଇଏୱାଇ) ନାମରେ ପ୍ରଥମେ ସ୍ୱାଧୀନ ଯୋଜନା ଭାବେ ଗ୍ରହଣ କରାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦେଶର ଗ୍ରାମୀଣ ବାସଗୃହର ଆବଶ୍ୟକତାକୁ ପୂରଣ କରିବା । ଭାରତର ନିୟନ୍ତ୍ରକ ତଥା ମହାଲେଖାପରୀକ୍ଷକ 2014 ରୁ ପ୍ରତିବେଦନ ସଂଖ୍ୟା 37 ରେ ଓ ପରବର୍ତ୍ତୀ ମୂଲ୍ୟାୟନରେ ଇନ୍ଦିରା ଆବାସ ଯୋଜନା କାର୍ଯ୍ୟାନ୍ୱୟନରେ ନିର୍ଦ୍ଦିଷ୍ଟ ବ୍ୟବଧାନ/ ତ୍ରୁଟି ଚିହ୍ନଟ କରାଯାଇଥିଲା ।

ଏସବୁ ତ୍ରୁଟିକୁ ସୁଧାରିବା ପାଇଁ ଏବଂ 2022 ସୁଦ୍ଧା ସମସ୍ତଙ୍କୁ ଗୃହ ଆବାସ ଯୋଗାଣର ସରକାରଙ୍କ ଲକ୍ଷ୍ୟକୁ ନେଇ ଭାରତ ସରକାର(ଜିଓଆଇ) 01 ଅପ୍ରେଲ 2016 ରୁ ଇନ୍ଦରା ଆବାସ ଯୋଜନାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମ୍‌ଏୱାଇ-ଜି) ରେ ପୁନର୍ଗଠନ କଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ସମସ୍ତ ଗୃହହୀନ ଓ ଯେଉଁମାନେ କଚ୍ଚା ଓ ଜରାଜୀର୍ଣ୍ଣ ଗୃହରେ ରହୁଛନ୍ତି, ସେମାନଙ୍କୁ 2022 ସୁଦ୍ଧା ମୌଳିକ ସୁବିଧା ଥିବା ପକ୍କା ଗୃହ ପ୍ରଦାନ କରିବା ।

ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର ମୁଖ୍ୟ ବିଶେଷତ୍ୱ ହେଲା:

- ପରିଚ୍ଛନ୍ନ ରୋଷାଇଶାଳା ସହିତ ସର୍ବନିମ୍ନ (ଘର) 25 ବର୍ଗ ମିଟରର ଗୃହର ଆକାର ।
- ସମତଳ ଅଞ୍ଚଳରେ ଏକକ ସହାୟତା ରାଶି 1.20 ଲକ୍ଷ ଟଙ୍କା ଓ ପାହାଡ଼ିଆ ଅଞ୍ଚଳରେ 1.30 ଲକ୍ଷ ଟଙ୍କା ଅଟେ । ଦୁର୍ଗମ ଅଞ୍ଚଳ ଓ ସମନ୍ୱିତ କାର୍ଯ୍ୟ ଯୋଜନା (ଆଇଏପି)[3] ଜିଲ୍ଲାଗୁଡ଼ିକରେ ଏହା ପକ୍କା ଗୃହ ନିର୍ମାଣର ଅଗ୍ରଗତିକୁ ସଂପୃକ୍ତ କରି ଚାରୋଟି[4] କିସ୍ତିରେ ପ୍ରଦାନ କରାଯାଏ । ପ୍ରତି ଗୃହ ସହାୟତାର ଖର୍ଚ୍ଚ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ 60:40 ହିସାବରେ ଆବଣ୍ଟିତ ହୋଇଥାଏ ।

[3] ଆଇଏପି-ବାମପନ୍ଥୀ ସନ୍ତ୍ରାସବାଦୀ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜିଲ୍ଲାଗୁଡ଼ିକର ଆଇଏପି (ଏଲ୍‌ଡବ୍ଲୁଇ) ଯୋଜନା ଉକ୍ତ ଅଞ୍ଚଳରେ ଭିତ୍ତିଭୂମି ସଂଚାର ଉନ୍ନୟନକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟାନ୍ୱୟନ କରାଯାଇଛି, ଯଦ୍ୱାରା ସେହି ଜିଲ୍ଲାଗୁଡ଼ିକର ଆକ୍ରାନ୍ତ ଲୋକମାନେ ଦୀର୍ଘସ୍ଥାୟୀ ଲାଭ ପାଇବାରେ ଏହା ଗୋଟିଏ ଆଧାର ହୋଇ କାମ କରିବ ।

[4] ଓଡ଼ିଶାରେ ସହାୟତା ଚାରୋଟି କିସ୍ତିରେ ପ୍ରଦାନ କରାଯାଏ ।

- ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ, ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା କିମ୍ବା ଅନ୍ୟ କୌଣସି ଉତ୍ସର୍ଗୀକୃତ ଆର୍ଥିକ ସ୍ରୋତରୁ ଏକତ୍ରୀକୃତ ଭାବରେ 12,000 ଟଙ୍କା ଶୌଚାଳୟ ନିର୍ମାଣ ପାଇଁ ବ୍ୟବସ୍ଥା ହୋଇଥାଏ ।
- ସମତଳ ଅଞ୍ଚଳ ପାଇଁ ଅଣକୁଶଳୀ ଶ୍ରମିକ ମଜୁରୀ 90 ବ୍ୟକ୍ତି ଦିନ ଏବଂ ସମନ୍ୱିତ କାର୍ଯ୍ୟ ଯୋଜନା (ଆଇଏପି) ଜିଲ୍ଲାଗୁଡ଼ିକ ପାଇଁ 95 ବ୍ୟକ୍ତି ଦିନ ବାସଗୃହ ନିର୍ମାଣ ନିମିତ୍ତ ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଅଧିନରେ ହେବା ଉଚିତ୍ ।
- ହିତାଧିକାରୀମାନଙ୍କୁ ସମସ୍ତ ଅର୍ଥ ପ୍ରଦାନ ସେମାନଙ୍କର ବ୍ୟାଙ୍କ/ ଡାକ ଘର ହିସାବ ଖାତାରେ ବୈଦ୍ୟୁତିକ ମାଧମରେ ହେବା ଉଚିତ୍ ଏବଂ ଏହା ଡିଜିଟାଲ ଦସ୍ତଖତ ମାଧମରେ ପାଣ୍ଠି ସ୍ଥାନାନ୍ତରଣ ଆଦେଶ (ଏଫ୍‌ଟିଓ) ଦ୍ୱାରା ।
- ଅନ୍ୟାନ୍ୟ ଯୋଜନାଗୁଡ଼ିକର ଏକତ୍ରୀକରଣ କରି ବିଭିନ୍ନ ସୁବିଧା ଯେପରିକି, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସଂଯୋଗ, ଏଲ୍‌ପିଜି ସଂଯୋଗ ଇତ୍ୟାଦିର ବ୍ୟବସ୍ଥା ହେବା ଆବଶ୍ୟକ ।
- ଯଦି ହିତାଧିକାରୀ ଚାହେଁ ତାହେଲେ ତାଙ୍କୁ ଆର୍ଥିକ ଅନୁଷ୍ଠାନରୁ 70,000 ଟଙ୍କା ଋଣର ସୁବିଧା ହେବା କଥା ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର ଗୋଟିଏ ମୁଖ୍ୟ ବିଶେଷତ୍ୱ ହେଲା ହିତାଧିକାରୀ ଚୟନ, ସହାୟତା ରାଶି ଯେପରି ବଞ୍ଚିତ ଜନସାଧାରଣଙ୍କୁ ମିଳେ ଓ ଚୟନ ଯେପରି ନିର୍ଦ୍ଦିଷ୍ଟ ଓ ସତ୍ୟ ପ୍ରମାଣିତ ହୁଏ, ତାକୁ ନିଶ୍ଚିତ କରିବା ପାଇଁ ପିଏମ୍‌ଏୱାଇଏ-ଜିରେ ହିତାଧିକାରୀ ଚୟନ ଓ ଦାରିଦ୍ର୍ୟ ସୀମା ରେଖା ତଳେ ଥିବା ହିତାଧିକାରୀ, ହାଉସ୍ ହୋଲ୍ଡ (ଏଚ୍‌ଏଚ୍) ରେ ହୁଏ ନାହିଁ କିମ୍ବା ନିର୍ଦ୍ଦିଷ୍ଟ କରାଯାଇ ନାହିଁ ବରଂ ସାମାଜିକ ଓ ଅର୍ଥନୈତିକ ତଥା ଜାତି ଜନଗଣନା-ଏସ୍‌ଇସିସି-2011 ର ତଥ୍ୟ ଅନୁସାରେ ବଞ୍ଚିତ ହିତାଧିକାରୀମାନଙ୍କୁ ଯାହା ଗ୍ରାମ ସଭା ଦ୍ୱାରା ସତ୍ୟ ପ୍ରମାଣିତ ହୁଏ । ତା'ଆଧାରରେ ହୋଇଥାଏ । ଏସ୍‌ଇସିସିର ତଥ୍ୟ ଆଧାରରେ ସ୍ଥାୟୀ ଅପେକ୍ଷାରତ ସାରଣୀର ସୃଷ୍ଟି ରାଜ୍ୟର ଗୋଟିଏ ସବୁବେଳେ ଏଚ୍‌ଏଚ୍ ରହିବାକୁ ନିଶ୍ଚିତ କରେ, ଯାହା ଆସନ୍ତା ବର୍ଷ ଗୁଡ଼ିକରେ ବାର୍ଷିକ ଚୟନ ସାରଣୀରେ ଅନ୍ତର୍ଭୁକ୍ତ ହୋଇ ସମସ୍ତ ଭାଗୀଦାରୀମାନଙ୍କ ପାଇଁ ଉତ୍ତମ ଯୋଜନା ଓ କାର୍ଯ୍ୟାନ୍ୱୟନରେ ପାରଦର୍ଶୀ ହେବ । ହିତାଧିକାରୀ ଚୟନଗୁଡ଼ିକର ଅଭିଯୋଗ ସବୁ ଗୋଟିଏ ଅପିଲ ପଦ୍ଧତି ଦ୍ୱାରା ସମାଧାନ ହେବା ଉଚିତ୍ ।

ପିଏମ୍‌ଏୱାଇଏ-ଜି ର କାର୍ଯ୍ୟାନ୍ୱୟନ ଓ ପର୍ଯ୍ୟାଲୋଚନା ଆୱାସସଫ୍ଟ, ଯାହା ଗୋଟିଏ ୱେବ୍ ଆଧାରିତ ବୈଦ୍ୟୁତିକ ଦେଣନେଣ ସେବା ପ୍ରଦାନ ପଦ୍ଧତି ଅଟେ, ଯଦ୍ୱାରା କାର୍ଯ୍ୟକାରୀ ହେବା ଆବଶ୍ୟକ । ଏହା ମାଧମରେ ପିଏମ୍‌ଏୱାଇଏ-ଜି ସମ୍ପୃକ୍ତ ପ୍ରକ୍ରିୟା ଯେପରିକି ହିତାଧିକାରୀ ଚିହ୍ନଟ ଠାରୁ ଆରମ୍ଭ କରି ନିର୍ମାଣ ସଂଲଗ୍ନ ସହାୟତା କରିବା ଆବଶ୍ୟକ । ଆୱାସ୍‌ସଫ୍ଟକୁ ସାକ୍ଷ୍ୟ ଆଧାରିତ ଗୃହ ନିର୍ମାଣ ପ୍ରଗତିର ପ୍ରକୃତ ସମୟ ପର୍ଯ୍ୟାଲୋଚନାରେ ବ୍ୟବହାର କରାଯିବା ଆବଶ୍ୟକ । ହିତାଧିକାରୀମାନଙ୍କୁ ସମସ୍ତ ଅର୍ଥ ପ୍ରଦାନ ସିଧାସଳଖ ସୁବିଧା ସ୍ଥାନାନ୍ତର (ଡିବିଟି) ମାଧମରେ ହେବା ଉଚିତ୍ ଏବଂ ତାହା ପୁଣି ସେହି ହିତାଧିକାରୀମାନଙ୍କୁ ପ୍ରଦାନ କରିବା ଉଚିତ୍ ଯାହାଙ୍କର ବ୍ୟାଙ୍କ ହିସାବ ଖାତାସବୁ ଆବାସସଫ୍ଟ ଏମ୍‌ଆଇଏସ୍‌ରେ ପଞ୍ଜୀକୃତ ହୋଇଥିବ ।

ଓଡ଼ିଶା ସରକାରଙ୍କର ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ରାଜ୍ୟରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ନୋଡାଲ ବିଭାଗ ଅଟେ ।

### *2.1.2 ଅଡିଟ୍ ଉଦ୍ଦେଶ୍ୟ*

ଏହି କାର୍ଯ୍ୟଦକ୍ଷତା ଅଡିଟର ମୁଖ୍ୟ ଉଦ୍ଦେଶ୍ୟ ହେଲା:

**i)** ଯେଉଁ ପଦ୍ଧତି ଦ୍ୱାରା ହିତାଧିକାରୀ ଚିହ୍ନଟ ଓ ଚୟନ ଏହି ଯୋଜନା ନିମିତ୍ତ ହୋଇଥିଲା ତାହା କଣ ସ୍ୱଚ୍ଛ ଓ ଯଥେଷ୍ଟ ଥିଲା;

**ii)** ଏହି ଯୋଜନାର କାର୍ଯ୍ୟାନ୍ୱୟନ ସହିତ ବାସଗୃହ ନିର୍ମାଣ କଣ ଠିକ୍ ସମୟରେ ହୋଇଥିଲା ଏବଂ ସଂପୃକ୍ତ ଫଳାଫଳକୁ ହାସଲ କରିଥିଲା;

**iii)** ପିଏମ୍‌ଏୱାଇଏ-ଗ୍ରାମୀଣର ନିର୍ଦ୍ଦେଶାବଳୀ ଅନୁଯାୟୀ କଣ ଅନ୍ୟ ସବୁ ସରକାରୀ ଯୋଜନାଗୁଡ଼ିକର ଏକତ୍ରୀକରଣ କରି ଲାଭ ମିଳିଥିଲା;

iv) ଯୋଜନାର ନିର୍ଦ୍ଦେଶାବଳୀ ଓ ଅନ୍ୟାନ୍ୟ ପ୍ରଯୁଜ୍ୟ ଆର୍ଥିକ ନିୟମ ଅନୁସାରେ ଆର୍ଥିକ ପରିଚାଳନା ଯେପରିକି, ପାଣ୍ଠି ପ୍ରଦାନ, ହିସାବ, ସିଧାସଳଖ ସ୍ଥାନାନ୍ତର ଏବଂ ଉପଯୋଗ କଣ ସଠିକ ଭାବେ ହୋଇଥିଲା; ଏବଂ

v) ଯୋଜନାର ପର୍ଯ୍ୟାଲୋଚନା ଓ ମୂଲ୍ୟାୟନର ପଦ୍ଧତି କଣ ଯଥେଷ୍ଟ ଓ ପ୍ରଭାବଶାଳୀ ଥିଲା ।

### *2.1.3 ଅଡିଟ୍ ମାନଦଣ୍ଡ*

ଏହି କାର୍ଯ୍ୟଦକ୍ଷତା ଲେଖାପରୀକ୍ଷାର ମାନଦଣ୍ଡ ନିମ୍ନଲିଖିତ ଡକ୍ୟୁମେଣ୍ଟରୁ ନିର୍ଣ୍ଣୟ କରାଯାଇଛି:

1. ଭାରତ ସରକାରଙ୍କ(ଜିଓଆଇ)ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ (ଏମ୍‌ଓଆର୍‌ଡି) ଦ୍ୱାରା ନଭେମ୍ବର 2016 ରେ ଜାରି ହୋଇଥିବା ପିଏମ୍‌ଏୱାଇଏ-ଗ୍ରାମୀଣର କାର୍ଯ୍ୟାନ୍ୱୟନ ଢାଞ୍ଚା(ଏଫ୍‌ଏଫ୍‌ଆଇ);
2. ସମୟ ସମୟରେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି ହୋଇଥିବା ବିଭିନ୍ନ ବିଜ୍ଞପ୍ତି, ପରିପତ୍ର ଏବଂ ଆଦେଶ;
3. ଏହି ଯୋଜନାର ୱେବ୍‌ସାଇଟରେ ଉପଲବ୍ଧ ପରିଚାଳନା ସୂଚନା ପଦ୍ଧତି (ଆୱାସଫ୍ଟ) ଦ୍ୱାରା ପ୍ରସ୍ତୁତ ବସ୍ତୁଗତ ଓ ଆର୍ଥିକ ଅଗ୍ରଗତି;
4. ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନା-2011;
5. ଓଡ଼ିଶା ସାଧାରଣ ବିତ୍ତୀୟ ନିୟମ (ଓଜିଏଫ୍‌ଆର୍);
6. ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ଜାରି ହୋଇଥିବା ଗ୍ରାମୀଣ ବାସଗୃହ ମୁଦ୍ରଣ ବିଜ୍ଞାନର ସାର ସଂଗ୍ରହ.

### *2.1.4 ଅଡିଟର ବିସ୍ତୃତ ସୀମା ଓ ପଦ୍ଧତି*

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣର କାର୍ଯ୍ୟଦକ୍ଷତା ଅଡିଟ୍ ଜୁଲାଇ 2021 ରୁ ଜାନୁଆରୀ 2022 ମଧ୍ୟରେ ପାଞ୍ଚ ବର୍ଷ ସମୟ ବିତ୍ତୀୟ ବର୍ଷ 2016-17 ରୁ 2020-21 କୁ ନେଇ କରାଯାଇଥିଲା । ଏହି ଯୋଜନା ରାଜ୍ୟର ସମସ୍ତ 30 ଜିଲ୍ଲାରେ କାର୍ଯ୍ୟାନ୍ୱୟନ କରାଯାଇଅଛି । ଏହି କାର୍ଯ୍ୟଦକ୍ଷତା ଅଡିଟ୍ ପାଇଁ ଆଠଟି[5] ଜିଲ୍ଲାକୁ ସରଳ ଅନିୟମିତ ନମୁନା ସରଳ ଅନିୟତ ପ୍ରମାଣୀକୃତ ମାଧମରେ ଗୋଟିଏ ନମୁନା ଭାବେ ଚୟନ କରାଯାଇଥିଲା । ପ୍ରତି ଜିଲ୍ଲାରୁ ତିନୋଟି ପଞ୍ଚାୟତ ସମିତି ପ୍ରମାଣୀକୃତ ଅନିୟତ ନମୁନା ସଂଗ୍ରହ ମାଧମରେ ଚୟନ କରାଯାଇଥିଲା । ଏହି ପ୍ରମାଣୀକୃତ ପାଇଁ ପ୍ରତି ପଞ୍ଚାୟତ ସମିତିର ଭୌତିକ ଓ ଆର୍ଥିକ ଦକ୍ଷତାକୁ ବିଚାରକୁ ନିଆଯାଇଥିଲା । ଅନିୟତ ନମୁନା ସଂଗ୍ରହ ମାଧମରେ ପ୍ରତି ଚୟନ କରାଯାଇଥିବା ପଞ୍ଚାୟତ ସମିତିରୁ ତିନୋଟି ପଞ୍ଚାୟତକୁ ଚୟନ କରାଯାଇଥିଲା । ସର୍ବନିମ୍ନ ଭାବେ ପ୍ରତି ପଞ୍ଚାୟତରୁ 20 ଟି ଦସ୍ତାବିଜଟ୍ ପରୀକ୍ଷଣ ପାଇଁ ଚୟନ ହୋଇଥିଲା ।

ଏହା ସହିତ ଏହି ଯୋଜନାର କାର୍ଯ୍ୟାନ୍ୱୟନର ମତାମତ ଗ୍ରହଣ କରିବା ପାଇଁ ପ୍ରତି ଚୟନ ହୋଇଥିବା ଗ୍ରାମ ପଞ୍ଚାୟତରୁ 12 ଜଣ ହିତାଧିକାରୀ ଓ ତିନି ଜଣ ବିନା-ହିତାଧିକାରୀଙ୍କୁ ସର୍ବେକ୍ଷଣ କରାଯାଇଥିଲା । ପ୍ରତ୍ୟେକ ଗ୍ରାମ ପଞ୍ଚାୟତର 12 ଜଣ ହିତାଧିକାରୀଙ୍କ ଦ୍ୱାରା ନିର୍ମିତ ବାସଗୃହର ସଂପୃକ୍ତ ବସ୍ତୁଗତ ସତ୍ୟାପଣ ସଂପୃକ୍ତ ଗ୍ରାମ ପଞ୍ଚାୟତ/ ପଞ୍ଚୟତ ସମିତି କର୍ମଚାରୀଙ୍କର ସାହାଯ୍ୟରେ କରାଯାଇଥିଲା ।

ସାମାଜିକ-ଆର୍ଥିକ ଜନଗଣନା-2011 ର ତଥ୍ୟାବଳୀ ସହିତ ଆୱାସ ସଫ୍ଟର ତଥ୍ୟାବଳୀକୁ ପରୀକ୍ଷଣ କରାଯାଇଥିଲା ଯାହା ନିମ୍ନଲିଖିତ ଜିନିଷଗୁଡ଼ିକର ଭରସା ଦେବା ପାଇଁ ବ୍ୟବହୃତ ହୋଇଥିଲା । (କ) କଣ ଯୋଗ୍ୟ ହିତାଧିକାରୀମାନଙ୍କର ଚୟନ ଯୋଜନା ନିର୍ଦ୍ଦେଶାବଳୀ ଅନୁସାରେ ଚୟନ ହୋଇଥିଲା (ଖ) କଣ ଆୱାସସଫ୍ଟରେ ପ୍ରଦତ୍ତ ତଥ୍ୟ ଅନୁସାରେ ଯୋଜନାର କାର୍ଯ୍ୟାନ୍ୱୟନର ଭୌତିକ ଓ ଆର୍ଥିକ ଅଗ୍ରଗତି ବାସ୍ତବିକ କ୍ଷେତ୍ରରେ ସଠିକ୍ ଭାବେ ଦର୍ଶାହୋଇଥିଲା ।

[5] ବରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, ମୟୁରଭଞ୍ଜ, ନବରଙ୍ଗପୁର, ପୁରୀ ଓ ସୋନପୁର

17 ଅପ୍ରେଲ 2018 ରେ ଗୋଟିଏ ପ୍ରବେଶ ସମ୍ମିଳନୀ[6] ଅନୁଷ୍ଠିତ ହୋଇଥିଲା । ଟିଠା ପ୍ରତିବେଦନ (ଡ୍ରାଫ୍ଟ ରିପୋର୍ଟ) ସଂପୃକ୍ତ ବିଭାଗକୁ 30 ଜୁନ୍ 2022 ରେ ଜାରି ହୋଇଥିଲା ଏବଂ ଏହାର ଉତ୍ତର 28 ଅକ୍ଟୋବର 2022 ରେ ହସ୍ତଗତ ହୋଇଥିଲା । ଅଡିଟର ସିଦ୍ଧାନ୍ତ ସବୁର ଆଲୋଚନା ପାଇଁ ଗୋଟିଏ ପ୍ରସ୍ଥାନ ସମ୍ମିଳନୀ 9 ଡିସେମ୍ବର 2022 ରେ ହୋଇଥିଲା ।

***ଅଡିଟ୍ ସିଦ୍ଧାନ୍ତ***

### 2.1.5 ହିତାଧିକାରୀମାନଙ୍କର ଚିହ୍ନଟୀକରଣ

***ହିତାଧିକାରୀମାନଙ୍କର ଚିହ୍ନଟରେ ବ୍ୟତିକ୍ରମ ଯୋଗୁଁ ଯୋଗ୍ୟ ହିତାଧିକାରୀମାନେ ଅନିୟମିତ ଭାବରେ ଅନ୍ତର୍ଭୁକ୍ତ ହୋଇପାରିଲେ ନାହିଁ, ଯୋଗ୍ୟ ହିତାଧିକାରୀମାନେ ବାଦ୍ ପଡ଼ିଲେ, ମଞ୍ଜୁର ଲକ୍ଷ୍ୟକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟକୁ ଫେରସ୍ତ ହେଲା । ପୁନଶ୍ଚ, ସ୍ଥାୟୀ ଅପେକ୍ଷାରତ ସାରଣୀକୁ ଚୂଡ଼ାନ୍ତକରଣ ନ କରିବା କାରଣରୁ ବଛାବଛି ମାଧ୍ୟମରେ ବିନା ପ୍ରାଥମିକତା ସାରଣୀକୁ ନେଇ ବାସଗୃହ ମଞ୍ଜୁରୀ ହୋଇଥିଲା ଏବଂ ବାସଗୃହ ଅଯୋଗ୍ୟ ହିତାଧିକାରୀମାନଙ୍କୁ ମଧ୍ୟ ମଞ୍ଜୁରୀ କରାଯାଇଥିଲା ।***

#### 2.1.5.1 ଗ୍ରାମ ସଭା ଦ୍ୱାରା ସ୍ଥିରୀକୃତ ହୋଇଥିବା ସ୍ଥାୟୀ ଅପେକ୍ଷାରତ ସାରଣୀର ଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦେବା

ପିଏମ୍ଏୱାଇ-ଗ୍ରାମୀଣ ଅନ୍ତର୍ଗତ ଏଫ୍ଏଫ୍ଆଇର ଅନୁଚ୍ଛେଦ 4 ଅନୁସାରେ ସାମାଜିକ ଆର୍ଥିକ ତଥା ଜାତି ଜନଗଣନା-2011 ର ତଥ୍ୟାବଳୀକୁ ନେଇ ହିତାଧିକାରୀମାନଙ୍କର ଚୟନ ଓ ପ୍ରାଥମିକତା ବାସଗୃହରୁ ବଞ୍ଚିତ ହିତାଧିକାରୀମାନଙ୍କ ଅନୁଯାୟୀ ହେବାର ଥିଲା । ପୁନଶ୍ଚ ଏସ୍ସି, ଏସ୍ଟି, ସଂଖ୍ୟାଲଘୁ ଏବଂ ଅନ୍ୟାନ୍ୟ ଏପରି ଚାରୋଟି ବର୍ଗକୁ ପ୍ରାଥମିକତା ଦେବାର ଥିଲା ।

ପ୍ରାରମ୍ଭିକ ଭାବେ ବାସଗୃହ ପ୍ରଦାନ କରିବାରେ ଗୃହହୀନତାକୁ ପ୍ରାଥମିକତା ଦେବା ଉଚିତ୍ । ତାପରେ କୋଠରୀ ସଂଖ୍ୟାର ସ୍ଥିତି ଯେପରିକି ଶୂନ୍ୟ, ଏକ ଏବଂ ଦୁଇ, ସେହି କ୍ରମରେ ଥରେ ଯଦି ସାମାଜିକ-ଆର୍ଥିକ ଓ ଜାତି ଭିତ୍ତିକ ଜନଗଣନାର ତଥ୍ୟାବଳୀ ଅନୁସାରେ ବର୍ଗ ଅନୁଯାୟୀ ପ୍ରାଥମିକତା ସାରଣୀ ବାହାରି ଗଲା, ତା'ହେଲେ ଗୋଟିଏ ଗ୍ରାମ ସଭା ଡାକିବା ଆବଶ୍ୟକ । ଗ୍ରାମ ସଭା ହିଁ କେଉଁ ଏଚ୍ଏଚ୍ ମାନେ ଯୋଗ୍ୟ ଅଟନ୍ତି, ତାହା ସତ୍ୟାପିତ କରିବ । ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଗୋଟିଏ ଅପିଲ୍ କମିଟି[7]ଦ୍ୱାରା ଭୁଲ ଭାବରେ ବାଦ୍ ପଡ଼ିଥିବା, ପରିବର୍ତ୍ତନ କରାଯାଇଥିବା ଏପରି ସମସ୍ତ ଅଭିଯୋଗର ପରୀକ୍ଷଣ ହେବା ଆବଶ୍ୟକ । ଏହାପରେ ଗ୍ରାମ ପଞ୍ଚାୟତଓ୍ୱାରୀ ଚୂଡ଼ାନ୍ତ ସ୍ଥାୟୀ ଅପେକ୍ଷାରତ ସାରଣୀ ପ୍ରତି ବର୍ଗ ପାଇଁ ପ୍ରକାଶନ କରିବା କଥା ଏବଂ ଗ୍ରାମ ପଞ୍ଚାୟତର ନୋଟିସ୍ ବୋର୍ଡରେ ବିଜ୍ଞାପନ ଦେବା ସହିତ ଆଓ୍ୱାସ ସଫ୍ଟ ଓ ପିଏମ୍ଏୱାଇ-ଗ୍ରାମୀଣର ଓ୍ୱେବ୍ସାଇଟରେ ଉପଲବ୍ଧ ହେବା ଆବଶ୍ୟକ ।

ଅପ୍ରେଲ 2016 ସୁଦ୍ଧା ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁସାରେ ସିଷ୍ଟମର ତିଆରି ସାରଣୀ ଅନୁଯାୟୀ ମୋଟ 41.72 ଲକ୍ଷ ହିତାଧିକାରୀ ରାଜ୍ୟରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ସାମାଜିକ-ଆର୍ଥିକ ତଥା ଜାତୀୟ ଭିତ୍ତିକ ଜନଗଣନା-2011 ତଥ୍ୟକୁ ଭିତ୍ତିକରି, ଗ୍ରାମ ସଭା ମାର୍ଚ୍ଚ 2021 ସୁଦ୍ଧା 27.45 ଲକ୍ଷ ଯୋଗ୍ୟ ହିତାଧିକାରୀମାନଙ୍କୁ ପିଏମ୍ଏୱାଇ-ଗ୍ରାମୀଣ ପାଇଁ ଚିହ୍ନଟ କରାଯାଇଛି ଏବଂ 14.27 ଲକ୍ଷ ହିତାଧିକାରୀମାନଙ୍କୁ ପିଏମ୍ଏୱାଇ-ଗ୍ରାମୀଣ କାର୍ଯ୍ୟାନ୍ୱୟନ ରୂପରେଖ ନିର୍ଦ୍ଦେଶାବଳୀରେ ସଂଲଗ୍ନ-1 ରେ ଦର୍ଶାଯାଇଥିବା ମାନକ ଯଥା ପକ୍କା ଛାତଘର, ପକ୍କା କାନ୍ଥଥିବା ଘର, ଦୁଇରୁ ଅଧିକ କୋଠରୀ ବିଶିଷ୍ଟ ଘର ମୋଟର ଚାଳିତ ଯାନ, ମତ୍ସ୍ୟଜିବୀ ଡଙ୍ଗା, ତିନି/ ଚାରି ଚକିଆ ଯାନ, କୃଷି ଉପକରଣ, ରେଫ୍ରିଜରେଟର, ଲ୍ୟାଣ୍ଡଲାଇନ୍ ଫୋନ୍, କିସାନ କ୍ରେଡିଟ୍ କାର୍ଡ ସହିତ ସୀମା 50,000 ଟଙ୍କାରୁ ଉର୍ଦ୍ଧ୍ୱ, ସରକାରୀ କର୍ମଚାରୀ ଭାବରେ ପରିବାରରେ ଜଣେ ସଦସ୍ୟ ଥିବା, ଆୟକର, ବୃତ୍ତିଗତ ଟିକସ, ଏକ ନିର୍ଦ୍ଦିଷ୍ଟ ପରିମାଣର କୃଷି ଜମି, ପରିବାରର ଆୟ 10,000 ଟଙ୍କାରୁ ଅଧିକ ଇତ୍ୟାଦି ସେମାନଙ୍କର ଅଯୋଗ୍ୟତା ପାଇଁ ବାଦ୍ ଦେବା ପ୍ରସ୍ତାବ ଦିଆଯାଇଥିଲା ।

---

[6] ଯେହେତୁ ଏହି କାର୍ଯ୍ୟଦକ୍ଷତା ଅଡିଟ୍ 2018 ବର୍ଷରେ ବିଳମ୍ବିତ ଅନୁଷ୍ଠିତ ହୋଇଥିବା ଆଇଏୱାଇ/ ପିଏମ୍ଏୱାଇ-ଜି କାର୍ଯ୍ୟଦକ୍ଷତା ଅଡିଟର (ପରିସୀମା ସମୟ 2013-18 ) ନିରବଚ୍ଛିନ୍ନ/ ଅବିରତ କାର୍ଯ୍ୟଦକ୍ଷତା ଅଡିଟ୍, ତେଣୁ ପ୍ରବେଶ ସମ୍ମିଳନୀ ଅନୁଷ୍ଠିତ ହୋଇନଥିଲା ।

[7] ଜିଲ୍ଲା ମାଜିଷ୍ଟ୍ରେଟ୍/ ଜିଲ୍ଲାପାଳ ବା ତାଙ୍କ ମନୋନୀତ ବ୍ୟକ୍ତି, ଅନ୍ୟ ଜଣେ କର୍ମଚାରୀ, ଏବଂ ଅତି କମରେ ଜଣେ ଅଣ-ସରକାରୀ ସଦସ୍ୟ

ଯଦ୍ୟପି ଗ୍ରାମ ସଭା 27.45 ଲକ୍ଷ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରିଥିଲା ମାତ୍ର ରାଜ୍ୟର ସ୍ଥାୟୀ ଅପେକ୍ଷାରତ ସାରଣୀରେ 31 ମାର୍ଚ୍ଚ 2021 ସୁଦ୍ଧା 18.86[8] ଲକ୍ଷ ହିତାଧିକାରୀ ଥିଲେ, ଯାହାଫଳରେ 8.59 ଲକ୍ଷ ହିତାଧିକାରୀ ଯେଉଁମାନେ ଗ୍ରାମ ସଭା ଦ୍ଵାରା ଯୋଗ୍ୟ ବିବେଚିତ ହେଉଥିଲେ, ସେମାନେ ବାଦ୍ ପଡ଼ିଲେ । ବିସ୍ତୃତ ବିବରଣୀ ପରିଶିଷ୍ଟ 2.1 ରେ ଦର୍ଶାଯାଇଛି । ଏହା ସହ ଅଡିଟ୍ ଦେଖିଲା ଯେ 31 ମାର୍ଚ୍ଚ 2021 ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତର ବର୍ଗ ଅନୁସାରେ (ଏସ୍‌ସି, ଏସ୍‌ଟି, ସଂଖ୍ୟାଲଘୁ, ଅନ୍ୟାନ୍ୟ) ପ୍ରାଥମିକତା ତାରିକା ପ୍ରସ୍ତୁତ ହୋଇନଥିଲା ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅକ୍ଟୋବର 2022 ରେ ଉତ୍ତରରେ ଏହା ଉଲ୍ଲେଖ କଲା କି ଯେଉଁ ଏଚ୍‌ଏଚ୍‌ମାନେ ଫିଲ୍‌ଡ ଯାଞ୍ଚ ସମୟରେ ଅଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନଙ୍କୁ ଗ୍ରାମ ସଭାର ଅନୁମୋଦନ କ୍ରମେ ସ୍ଥାୟୀ ଅପେକ୍ଷାରତ ତାଲିକାରୁ ବାଦ୍ ଦିଆଯାଇଥିଲା । ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତଗୁଡ଼ିକରେ ଓ ଜିଲ୍ଲାଗୁଡ଼ିକରେ ଅପିଲ୍ କମିଟିରେ ଗ୍ରାମ ସଭାଦ୍ଵାରା ଅନୁମୋଦନ କ୍ରମେ ଅନ୍ତର୍ଭୁକ୍ତ କରିବା ବା ବାଦ୍ ଦେବାର ସାକ୍ଷ୍ୟ ପ୍ରମାଣ ପାଇନଥିଲା ।

### *2.1.5.2 ସ୍ଥାୟୀ ଅପେକ୍ଷାରତ ତାଲିକାରୁ ଭୁଲ ଭାବେ ବାଦ୍ ଦେବା*

କାର୍ଯ୍ୟାନ୍ୱୟନର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 4.4.1 ଗ୍ରାମ ସଭା ଦ୍ଵାରା ପ୍ରାଥମିକତା ତାଲିକାକୁ ପରୀକ୍ଷଣ କରିବା ପାଇଁ ଦର୍ଶାଇଥାଏ ଏବଂ ବ୍ୟବସ୍ଥିତ କରିଥାଏ କି ଥରେ ଯଦି ସିଷ୍ଟମ ଦ୍ଵାରା ବର୍ଗ ଅନୁସାରେ ପ୍ରାଥମିକତା ତାଲିକା ତିଆରି ହୁଏ ଏବଂ ଉପଯୁକ୍ତ ଭାବେ ପ୍ରକାଶିତ ହୋଇଯାଏ, ତାହେଲେ ଗ୍ରାମ ସଭା ଉକ୍ତ ତଥ୍ୟକୁ ଯାଞ୍ଚ କରିବେ ଓ ତଦନୁସାରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଏଚ୍‌ଏଚ୍ ମାନଙ୍କୁ ଯୋଗ୍ୟ ପାଇଁ ଚିହ୍ନଟ କରିବ । ଯଦି ଭୁଲ ତଥ୍ୟ ଅନୁସାରେ ଅନ୍ତର୍‌ଭୁକ୍ତ କରାଯାଇଛି, କିମ୍ବା ଏଚ୍‌ଏଚ୍ ଗୋଟିଏ ପକ୍କା ଘର କରିଅଛି କିମ୍ବା ଅନ୍ୟ ସରକାରୀ ଯୋଜନାରେ ଗୋଟିଏ ଘର ପ୍ରଦାନ କରାଯାଇଛି କିମ୍ବା ସର୍ବେକ୍ଷଣ ପରେ ପରେ ସ୍ଥାୟୀ ଭାବେ କୌଣସି ସ୍ଥାନକୁ ପଳାୟନ କରିଅଛି କିମ୍ବା ଉତ୍ତରାଧିକାରୀ ବିନା ମୃତ୍ୟୁବରଣ କରିଅଛି, ତାହେଲେ ଗ୍ରାମ ସଭା ଏହିପରି ଏଚ୍‌ଏଚ୍‌ମାନଙ୍କୁ ସିଷ୍ଟମ ଦ୍ଵାରା ପ୍ରସ୍ତୁତ ତାଲିକାରୁ ବାଦ୍ ଦେବା ଆବଶ୍ୟକ । ଏହିପରି ବାଦ୍ ପଡ଼ିଥିବା ଏଚ୍‌ଏଚ୍ ମାନଙ୍କର ତାଲିକା କାରଣ ସହିତ ଗ୍ରାମ ସଭାର ବିବରଣୀର ଅଂଶ ହେବା ଆବଶ୍ୟକ । ପ୍ରସ୍ତାବିତ ଅନ୍ତର୍ଭୁକ୍ତ/ବାଦ୍ ଦେବାର ସାରଣୀକୁ ଏହାପରେ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ନିକଟରେ ଗ୍ରାମ ସଭାର ନିର୍ଦ୍ଧାରଣ ସହିତ ପ୍ରେରଣ କରାଯିବା ଉଚିତ୍ । ତଦନୁଯାୟୀ ପରେ ପରେ ଜିଲ୍ଲାର ଅପିଲ୍ କମିଟିକୁ ଯୋଗ୍ୟ ଏଚ୍‌ଏଚ୍ ମାନଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ କରଣରେ ସଠିକ୍ ନିଷ୍ପତ୍ତି ନେବା ନିମିତ୍ତ ପ୍ରେରଣ କରିବା ଆବଶ୍ୟକ ।

ଉପର ଲିଖିତ ଅନୁଚ୍ଛେଦରେ ବର୍ଣ୍ଣିତ ଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦେବା ସହିତ ଅଡିଟ୍ ଦେଖିଲା ଯେ ଫିଲ୍ଡ କର୍ମଚାରୀଙ୍କ ଦ୍ଵାରା 10,852 ହିତାଧିକାରୀ (2,886[9] ଏସ୍‌ସି/ ଏସ୍‌ଟି ହିତାଧିକାରୀ ସହିତ) ତ୍ରୁଟିପୂର୍ଣ୍ଣ ଭାବରେ ପିଏମ୍‌ଏୱାଇ-ଗ୍ରାମୀଣର ସ୍ଥାୟୀ ଅପେକ୍ଷାରତ ତାଲିକାରୁ ବାଦ୍ ଦିଆଯାଇଛି । ଏହାର କାରଣ ହେଲା ସଂପୃକ୍ତ ଗ୍ରାମ ପଞ୍ଚାୟତରେ ସମାନ ନାମ ଥାଇ ଅନେକ ହିତାଧିକାରୀ ରହିଥିଲେ ଏବଂ ଯେତେବେଳେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦେଲେ ନାମ ମାତ୍ର ଯୋଗ୍ୟ ହିତାଧିକାରୀମାନଙ୍କୁ ଅଜ୍ଞାନ ଭାବେ ଅଗଷ୍ଟ 2021 ପୂର୍ବରୁ ବାଦ୍ ଦିଆଯାଇଛି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଭାରତର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟକୁ ଅଗଷ୍ଟ 2021 ରେ ଏହାକୁ ହିତାଧିକାରୀମାନଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ତ୍ରୁଟିପୂର୍ଣ୍ଣ ଭାବରେ ହିତାଧିକାରୀମାନଙ୍କର ନାମ ସ୍ଥାୟୀ ଅପେକ୍ଷାରତ ତାଲିକାରୁ ବାଦ୍ ପଡ଼ିଥିଲା ଏବଂ ଭାରତର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟକୁ ସ୍ଥାୟୀ ଅପେକ୍ଷାରତ ତାଲିକାରୁ ଅଜ୍ଞାନ ଭାବେ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ଅନୁରୋଧ କରାଯାଇଛି ।

---

8 ଅନୁଚ୍ଛେଦ 2.1.5.2 ରେ ଆଲୋଚିତ 10,852 ଜଣଙ୍କର ଭୁଲ ଭାବରେ ବାଦ୍ ଦିଆଯିବା

9 8.49 ଲକ୍ଷ ଏସ୍‌ସି/ଏସ୍‌ଟି ହିତାଧିକାରୀମାନଙ୍କ ମଧ୍ୟରୁ

### 2.1.5.3 ସ୍ଥାୟୀ ଅପେକ୍ଷାରତ ତାଲିକାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ବିନା ଅନ୍ତର୍ଭୁକ୍ତିକରଣ(ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନାରୁ ତଥ୍ୟାବଳୀ ଅନୁସାରେ ଅନ୍ତର୍ଭୁକ୍ତ ନକରିବା ଏବଂ/ କିମ୍ବା ସିଷ୍ଟମ ପ୍ରସ୍ତୁତ ତାଲିକାରେ ଅନ୍ତର୍ଭୁକ୍ତ ନକରିବା

ଏଫ୍ଏଫ୍ଆଇର ଅନୁଚ୍ଛେଦ 4.4.4 ଅନୁଯାୟୀ ଗ୍ରାମ ସଭା ମଧ୍ୟ ସିଷ୍ଟମ ଦ୍ୱାରା ପ୍ରସ୍ତୁତ ହୋଇଥିବା ତାଲିକାରେ ଅନ୍ତର୍ଭୁକ୍ତ ହୋଇନଥିବା ଏଚ୍ଏଚ୍ମାନଙ୍କର ଗୋଟିଏ ଅଲଗା ତାଲିକା ନିର୍ଦ୍ଧାରଣ ସମୟରେ ବାରଣ ସହିତ ପ୍ରସ୍ତୁତ କରିବା ଆବଶ୍ୟକ, ଯେଉଁମାନେ ଅନ୍ୟ ପ୍ରକାରର ଉପଯୁକ୍ତ କିମ୍ବା ଯୋଗ୍ୟ ହୋଇଥିବେ । ଏଚ୍ଏଚ୍ମାନେ, ଯେଉଁମାନେ ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନା ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ହୋଇ ପାରିନଥିବେ କିମ୍ବା ଯେଉଁମାନେ ଯୋଗ୍ୟ ହୋଇବି ଯଦ୍ୟପି ସାମାଜିକ-ଆର୍ଥିକ ଜନଗଣନାରେ ଅନ୍ତର୍ଭୁକ୍ତ ହୋଇଥିବେ କିନ୍ତୁ ସିଷ୍ଟମ ପ୍ରସ୍ତୁତ ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରି ନଥିବେ, ସେମାନେ ଗ୍ରାମ ସଭା ଦ୍ୱାରା ପ୍ରସ୍ତୁତ (ଅନୁଚ୍ଛେଦ 4.1 ଏଫ୍ଏଫ୍ଆଇ) ପିଏମ୍ଏୱାଇ-ଗ୍ରାମୀଣରୁ ସହାୟତା ପାଇବାରେ ଯୋଗ୍ୟ ବିବେଚିତମାନଙ୍କୁ ଏହି ତାଲିକାରେ ସ୍ଥାନିତ କରିବା କଥା । ଗ୍ରାମ ସଭାର ନିର୍ଦ୍ଧାରଣ ଅନୁସାରେ ପ୍ରସ୍ତୁତ କରାଯାଇଥିବା ତାଲିକା ପରବର୍ତ୍ତୀ କାର୍ଯ୍ୟ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଥାଏ । ଏହା ସ୍ଥାୟୀ ଅପେକ୍ଷାରତ ତାଲିକା ପ୍ରକାଶନ ପୂର୍ବରୁ କରିବା ଆବଶ୍ୟକ ଯଦ୍ୱାରା ହିତାଧିକାରୀମାନଙ୍କୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇପାରିବ ।

ଅଡିଟ୍ ଦେଖିଲା ଯେ କୌଣସି ଯୋଗ୍ୟ ଏଚ୍ଏଚ୍, ସ୍ଥାୟୀ ଅପେକ୍ଷାରତ ତାଲିକାରେ ବିତ୍ତୀୟ ବର୍ଷ 2016-17 ରୁ 2020-21 ମଧ୍ୟରେ ଅନ୍ତର୍ଭୁକ୍ତ ହୋଇନଥିଲେ । ଏହା ସହିତ ଯେଉଁ ହିତାଧିକାରୀମାନେ ସିଷ୍ଟମଦ୍ୱାରା ପ୍ରସ୍ତୁତ ପ୍ରାଥମିକ ତାଲିକା (ସାମାଜିକ-ଆର୍ଥିକ ତଥା ଜାଦି ଭିତ୍ତିକ ଜନଗଣନା -2011 ର ତଥ୍ୟାବଳୀକୁ ନେଇ) ଅନ୍ତର୍ଭୁକ୍ତ ମଧ୍ୟ ହୋଇଥିଲେ ।

ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ନିର୍ଦ୍ଧାରଣ ତାରିଖ ଅନୁସାରେ 7 ମାର୍ଚ୍ଚ 2019 ପର୍ଯ୍ୟନ୍ତ ଯେଉଁ ହିତାଧିକାରୀମାନେ ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନାର ତଥ୍ୟାବଳୀରେ ଅନ୍ତର୍ଭୁକ୍ତ ହୋଇଥିବେ କିନ୍ତୁ ସେମାନେ ସିଷ୍ଟମ ଦ୍ୱାରା ପ୍ରସ୍ତୁତ ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିନଥିବେ, ସେମାନଙ୍କର ଚିହ୍ନଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ଆବଶ୍ୟକ । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏହି ସମୟକୁ 31 ଜୁଲାଇ 2019 ପର୍ଯ୍ୟନ୍ତ ବଢ଼ାଇବା ପାଇଁ ଭାରତ ସରକାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟକୁ ଜୁନ୍ 2019 ରେ ଅନୁରୋଧ କରିଥିଲା, ମାତ୍ର ମନ୍ତ୍ରାଳୟ ଏହାକୁ ଅନୁମୋଦନ ନକରି କହିଲା କି ସ୍ଥାୟୀ ଅପେକ୍ଷାରତ ତାଲିକାର ଏହିପରି ଅତିରିକ୍ତ ହିତାଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଶେଷ ତାରିଖ 31 ମାର୍ଚ୍ଚ 2018 ନିର୍ଦ୍ଧାରଣ କରାଯାଇଥିଲା, ଯାହାପରେ ପରେ ଚାରି ଥର ଯଥାକ୍ରମେ 30 ଜୁନ୍ 2018, 30 ସେପ୍ଟେମ୍ବର 2018, 30 ନଭେମ୍ବର 2018 ଏବଂ ଶେଷଥର 07 ମାର୍ଚ୍ଚ 2019 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ।

ତେଣୁ, ଚିହ୍ନଟ କରିବାରେ ବିଳମ୍ବ ଯୋଗୁଁ ଅଟକଳ ଅନୁଯାୟୀ 12.25 ଲକ୍ଷ ଅତିରିକ୍ତ ଏଚ୍ଏଚ୍, ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିଲେ ନାହିଁ ଏବଂ ସେମାନେ ଏହି ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେଲେ ।

ଅଡିଟ୍ ପର୍ଯ୍ୟାଲୋଚନାକୁ ଗ୍ରହଣ କରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅକ୍ଟୋବର 2022 ରେ ଉଲ୍ଲେଖ କଲା କି ସମସ୍ତ ଦରଖାସ୍ତଗୁଡ଼ିକ ସମ୍ପୂର୍ଣ୍ଣ କରାଯାଇଛି ଏବଂ ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟକୁ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଏମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରାଯାଇଛି ।

### 2.1.5.4 ନିର୍ଦ୍ଧାରିତ ବାସଗୃହଗୁଡ଼ିକର ପ୍ରତ୍ୟାର୍ପଣ

ପ୍ରତିବର୍ଷ ଭାରତ ସରକାରଙ୍କର କ୍ଷମତାପନ୍ନ କମିଟି ରାଜ୍ୟ ସରକାରଙ୍କ ସହିତ ପରାମର୍ଶ କରି ପର ବର୍ଷ ପାଇଁ ବାସଗୃହ ନିର୍ମାଣର ଲକ୍ଷ୍ୟ ସ୍ଥିର କରିଥାଏ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ (ଭାରତ ସରକାର) କ୍ରମିକ ଭାବରେ 24.23 ଲକ୍ଷ ବାସଗୃହ ମାର୍ଚ୍ଚ 2021 ସୁଦ୍ଧା ନିର୍ମାଣ ପାଇଁ ଲକ୍ଷ୍ୟ ସ୍ଥିର କରିଥିଲା ।

ଅଡିଟ୍ ଦେଖିଲା ଯେ ଯେହେତୁ ସେହି ହିତାଧିକାରୀମାନଙ୍କୁ ଗୃହ ଆବଣ୍ଟିତ କରିବା କଥା ଯେଉଁମାନଙ୍କର ନାମ ସ୍ଥାୟୀ ଅପେକ୍ଷାରତ ତାଲିକାରେ ସ୍ଥାପିତ ହୋଇଅଛି । ମାତ୍ର 2019-20 ଏବଂ 2020-21 ଆର୍ଥିକ ବର୍ଷରେ ରାଜ୍ୟ ସରକାର ନିର୍ଦ୍ଧାରିତ 5.27 ଲକ୍ଷ ଆବଣ୍ଟିତ ଗୃହ ଯୋଗ୍ୟ ହିତାଧିକାରୀ ସ୍ଥାୟୀ ଅପେକ୍ଷାରତ ତାଲିକାରେ ନଥିବା କାରଣରୁ ଓ ବିଭିନ୍ନ ବର୍ଗର ଏଚ୍ଏଚ୍ ସ୍ଥାୟୀ ଅପେକ୍ଷାରତ ତାଲିକାରେ ନହେବା ଯୋଗୁଁ ଫେରସ୍ତ ନେବା ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ, ଭାରତ ସରକାରଙ୍କୁ ମଇ 2021 ରେ ଅନୁରୋଧ କଲେ ।

ଅଡିଟ୍ ସେପ୍ଟେମ୍ବର 2021 ରୁ ଜାନୁଆରୀ 2022 ମଧ୍ୟରେ 72 ଟି ଗ୍ରାମ ପଞ୍ଚାୟତରେ ଯୁଗ୍ମ ଭୌତିକ ନୀରିକ୍ଷଣରୁ ଦେଖିଲା ଯେ 203 ଟି ତାଲିକାର ଯାଞ୍ଚ କରାଯାଇଥିବା ଗ୍ରାମ ପଞ୍ଚାୟତରେ କଚ୍ଚା ଘରେ ରହୁଥିଲେ । ଏଥିରୁ ସୂଚିତ ହୁଏ କି ସଠିକ୍ ସମୟରେ ଚିହ୍ନଟକରଣ ସମ୍ପୂର୍ଣ୍ଣ ନ କରିବା କାରଣରୁ ଅତିରିକ୍ତ ହିତାଧିକାରୀମାନେ ସ୍ଥାୟୀ ଅପେକ୍ଷାରତ ତାଲିକାରେ ଅନ୍ତର୍ଭୁକ୍ତ ନହୋଇ ରହିଗଲେ । ଏହାର ଗୋଟିଏ ଫଟୋକପି ରିପୋର୍ଟରେ ସଂଲଗ୍ନ କରାଯାଇଛି ।

***ଫଟୋଚିତ୍ର -2.1 ଏବଂ 2.2: କଚ୍ଚା ଘରେ ରହୁଥିବା ଘରର ଫଟୋ କପି***





*ଟି ବଙ୍ଗାଳି, ପିତା-ଜେ ଦଣ୍ଡାସି, ଗ୍ରାମ-ଆଇଁଠବନ ହରିପୁରବୁରୁଡି, ଗ୍ରାମ ପଞ୍ଚାୟତ-ସାନରାମଚନ୍ଦ୍ରପୁର, ବ୍ଲକ୍-ଗଞ୍ଜାମ, ପିଏମ୍‌ଏୱାଇ-ଜି ଯୋଜନାରେ ପିଡବ୍ଲୁ ଏଲ୍‌ରେ ନାମ ନଥିବା, ଘର ଉପରେ ପଲିଥିନ୍ କଭର କରିଥିବାର ଚିତ୍ର*

ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅକ୍ଟୋବର 2022 ରେ ଉଲ୍ଲେଖ କଲା କି ବହୁତଗୁଡ଼ିଏ ଦରଖାସ୍ତ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରାପ୍ତି ହୋଇଥିଲା ଯାହା ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ସ୍ଥିରୀକୃତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇପାରିଲା ନାହିଁ ଏବଂ ନିର୍ଦ୍ଧାରିତ ଗୃହସବୁ ଫେରସ୍ତ ହୋଇଗଲା । ଉତ୍ତର ଗ୍ରହଣୀୟ ନୁହେଁ କାରଣ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ (ଭାରତ ସରକାର) ଅତିରିକ୍ତ ହିତାଧିକାରୀ ଚିହ୍ନଟ କରଣ ପ୍ରକ୍ରିୟାକୁ ସଂପୂର୍ଣ୍ଣ କରିବାର ସମୟକୁ 31 ମାର୍ଚ୍ଚ 2018 ରୁ 07 ମାର୍ଚ୍ଚ 2019 ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ ।

### *2.1.5.5 ବ୍ଲକ୍ ଦ୍ୱାରା ବାର୍ଷିକ ଚୟନ ତାଲିକା ପ୍ରସ୍ତୁତ ନକରିବା*

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 4.7.1 ଏବଂ 4.7.2 ଅନୁସାରେ ଥରେ ଯଦି ମନ୍ତ୍ରାଳୟ ଦ୍ୱାରା ଲକ୍ଷ୍ୟ ସ୍ଥିରୀକୃତ ହୋଇଯାଏ, ତା'ହେଲେ ରାଜ୍ୟ ବର୍ଗ ଅନୁସାରେ ଲକ୍ଷ୍ୟସବୁକୁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ବଣ୍ଟନ କରିବାକୁ ପଡ଼େ ଏବଂ ତାକୁ ମଧ ଆୱାସସଫ୍ଟର ଅନ୍ତର୍ଭୁକ୍ତ କରିବାକୁ ହୋଇଥାଏ । ବାର୍ଷିକ ଚୟନ ତାଲିକାର ସ୍ଥାୟୀ ଅପେକ୍ଷାରତ ତାଲିକାରେ ଥିବା ସେବା ଉପର ଏଚ୍‌ଏଚ୍ ନାମରୁ ଆରମ୍ଭ ହୋଇଥାଏ ଏବଂ ଉକ୍ତ ପଞ୍ଚାୟତରେ ସେହି ବର୍ଷ ପାଇଁ ପ୍ରତି ବର୍ଗ ଅନୁସାରେ ସ୍ଥିରୀକୃତ ହୋଇଥିବା ଲକ୍ଷ୍ୟରେ ସୀମିତ ହୁଏ । ପୁନଶ୍ଚ, ବାର୍ଷିକ ଚୟନ ତାଲିକା ବିସ୍ତୃତ ଭାବରେ ପ୍ରିଣ୍ଟ ଓ ବୈଦ୍ୟୁତିକ ଗଣମାଧମ ତଥା ଗ୍ରାମର କାନ୍ଥ ପେଣ୍ଟିଂ ମାଧମରେ ପ୍ରକାଶିତ ହେବା ଉଚିତ୍ ।

ଅଡିଟ୍ ଦେଖିଲା ଯେ ଯାଞ୍ଚ କରାଯାଇଥିବା କୌଣସି 24 ଟି ବ୍ଲକରେ ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ ବର୍ଗ ଅନୁସାରେ ବାର୍ଷିକ ଚୟନ ସାରଣୀ ପ୍ରସ୍ତୁତ କରି ନଥିଲେ । ଏହା ସୂଚିତ କରେ କି 31 ମାର୍ଚ୍ଚ 2021 ପର୍ଯ୍ୟନ୍ତ ସ୍ଥାୟୀ ଅପେକ୍ଷାରତ ତାଲିକା ପ୍ରସ୍ତୁତ ହୋଇପାରିନଥିଲା ଏବଂ ଅଯୋଗ୍ୟ ହିତାଧିକାରୀମାନଙ୍କର ଅନ୍ତରଣ ପ୍ରକ୍ରିୟା ପର୍ଯ୍ୟନ୍ତ ଚାଲୁଥିଲା ।

ବାର୍ଷିକ ଚୟନ ତାଲିକାର ଅଭାବ ଯୋଗୁଁ ଅଡିଟ୍ ନିଶ୍ଚିତ ହୋଇପାରିଲା ନାହିଁ କି ଚିହ୍ନିତ ଅଗ୍ରାଧିକାର ଭିତ୍ତିରେ ବ୍ୟକ୍ତିଗତ ମଞ୍ଜୁରୀ ଅନୁମୋଦିତ ହୋଇଥିଲା । ଏହା ମଧ ଯେହେତୁ ବାର୍ଷିକ ଚୟନ ସାରଣୀର ଲଭ୍ୟତା ହିତାଧିକାରୀମାନଙ୍କ ଓ ଭାଗୀଧାରୀମାନଙ୍କ ହିତରେ ସେମାନଙ୍କର ବାର୍ଷିକ ର୍ୟାଙ୍କ ପାଇବା ପାଇଁ ଜଗରଣ କରିବାରେ ସାହାଯ୍ୟ କରେ, ଏହି ବାର୍ଷିକ ଚୟନ ତାଲିକା ପ୍ରସ୍ତୁତ ନହେବା ଯୋଗୁଁ ଏହି ବିଷୟରେ ସ୍ୱଚ୍ଛତା ତଥା ଉତ୍ତରଦାୟିତ୍ୱର ଅଭାବ ଦର୍ଶାଇଥାଏ ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଭବିଷ୍ୟତରେ ବାର୍ଷିକ ଚୟନ ତଲିକା ପ୍ରସ୍ତୁତ କରିବା ସମୟରେ ସମୀକ୍ଷାର ପର୍ଯ୍ୟାଲୋଚନାକୁ ଅନୁକରଣ କରାଯିବ ।

### *2.1.5.6 ପିଏମ୍ଏୱାଇ-ଗ୍ରାମୀଣ ଅନ୍ତର୍ଗତ ଗୃହ ମଞ୍ଜୁରୀରେ ଅଗ୍ରାଧିକାର ସଂଖ୍ୟାକୁ ପାଳନ ନକରିବା*

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀରର ଅନୁଚ୍ଛେଦ 4.2.1, 4.2.2, 4.2.3, 4.3 ଏବଂ 4.4.3 ଅନୁସାରେ ପିଏମ୍ଏୱାଇ-ଗ୍ରାମୀଣର ହିତାଧିକାରୀମାନଙ୍କ ମଧ୍ୟରେ ବହୁ ସ୍ତରୀୟ ପ୍ରାଥମିକତା ବାହାର କରିବା ପାଇଁ ନିମ୍ନଲିଖିତ ବିଷୟଗୁଡ଼ିକୁ ଧ୍ୟାନ ଦେବା ଆବଶ୍ୟକ: (i) ପ୍ରାଥମିକତା ସର୍ବ ପ୍ରଥମେ ବାସଗୃହରୁ ବଞ୍ଚିତ ପ୍ରତି ବର୍ଗ (ଏସ୍‌ସି/ଏସ୍‌ଟି, ସଂଖ୍ୟାଲଘୁ ଓ ଅନ୍ୟାନ୍ୟ)ର ମାନକ ଅନୁସାରେ ଦିଆଯିବା ଉଚିତ୍ । ଯେପିରିକ ପ୍ରତି ଉପବର୍ଗ ମଧ୍ୟରେ ଯେଉଁମାନେ ବହୁଳ ଭାବରେ ବାସଗୃହ ପାଇବାରୁ ବଞ୍ଚିତ, ସେମାନେ ପ୍ରଥମେ ସ୍ଥାନ ପାଇବେ । (ii) ପ୍ରତି ଗ୍ରାମ ପଞ୍ଚାୟତର ଏସ୍‌ସି, ଏସ୍‌ଟି , ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ମାନଙ୍କ ନିମିତ୍ତ ଗୋଟିଏ ପୃଥକ ଅଗ୍ରାଧିକାର ତାଲିକା ପ୍ରାଥମିକ ନିୟମ ଅନୁସାରେ ପ୍ରସ୍ତୁତ ହେବା ଉଚି୍ତ ।(iii) ସିଷ୍ଟମ ଅନୁସାରେ ପ୍ରସ୍ତୁତ ବର୍ଗ ଅନୁସାରେ ର୍ୟାଙ୍କ ପ୍ରାଥମିକତା ତାଲିକାକୁ ସଂପୃକ୍ତ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ବିଜ୍ଞାପନ ଦେବା ଉଚିତ୍ ଯାହାଫଳରେ ସଂପୃକ୍ତ ଗ୍ରାମ ସଭାଗୁଡ଼ିକ ସେସବୁ ଯାଞ୍ଚ କରିପାରିବେ । (iv) ପ୍ରତି ଏଚ୍ଏଚ୍ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ର୍ୟାଙ୍କ ଦିଆଯିବା ସହିତ ର୍ୟାଙ୍କିଙ୍ଗ୍ ସମ୍ପୂର୍ଣ୍ଣ ହେବା ଆବଶ୍ୟକ ।

ଅଡିଟ୍ କିନ୍ତୁ, ଦେଖିଲା ଯେ କୌଣସି ଯାଞ୍ଚ କରାଯାଇଥିବା ଗ୍ରାମ ସଭା/ ଗ୍ରାମ ପଞ୍ଚାୟତରେ ସ୍ୱୟଂକ୍ରିୟ ପ୍ରସ୍ତୁତ ପ୍ରାଥମିକତା ତାଲିକାକୁ ଆଲୋଚନା କରାଯାଇନାହିଁ । ତେଣୁ କୌଣସି ଗ୍ରାମ ପଞ୍ଚାୟତରେ ବହୁ ସ୍ତରୀୟ ପ୍ରାଥମିକତା ତାଲିକା ପ୍ରସ୍ତୁତ ହୋଇ ନାହିଁ ।

ଯଦିଓ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)/ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଉଲ୍ଲେଖ କଲେ କି ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନା-2011 ର ତଥ୍ୟାବଳୀ ଅନୁସାରେ ସ୍ୱୟଂକ୍ରିୟ ଭାବେ ପ୍ରାଥମିକତା/ ଅଗ୍ରାଧିକାର ତାଲିକା ପ୍ରସ୍ତୁତ କରିବାରେ ଅନୁକରଣ କରାଯାଇଛି । ଅଡିଟ୍‌ରେ ନିମ୍ନଲିଖିତ ଅନିୟମିତତାକୁ ପ୍ରାଥମିକତା/ ଅଗ୍ରାଧିକାର ସଂଖ୍ୟା ପାଳନ ନକରିବାରେ ଦୃଷ୍ଟିଗୋଚର କରିଛି ।

#### *(i) ବାସଗୃହ ମଞ୍ଜୁରୀ ସମୟରେ ପ୍ରାଥମିକତା/ ଅଗ୍ରାଧିକାର ସଂଖ୍ୟାର ଉଲ୍ଲଙ୍ଘନ*

ଅଡିଟ୍ ପିଏମ୍ଏୱାଇ-ଗ୍ରାମୀଣର ବର୍ଷ ଅନୁଯାୟୀ କାର୍ଯ୍ୟ ଅଗ୍ରଗତି ରିପୋର୍ଟକୁ ଯାଞ୍ଚ ହୋଇଥିବା ଗ୍ରାମ ପଞ୍ଚାୟତରେ ସମୀକ୍ଷା ଏବଂ ଆର୍ଥିକ ବର୍ଷ 2016-17 ରୁ 2020-21 ର ଆୱାସସଫ୍ଟର E4 ରିପୋର୍ଟ[10] ସହିତ ପୁନଃ ଯାଞ୍ଚ କଲା ଏବଂ ଦେଖିଲା କଣ ବାସଗୃହ ମଞ୍ଜୁରୀ ସମୟରେ ପ୍ରାଥମିକତା/ ଅଗ୍ରାଧିକାର ସଂଖ୍ୟା ପାଳନ ହୋଇଛି କି ନାହିଁ ।

ଅଡିଟ୍ ଦେଖିଲା କି ସମସ୍ତ 24 ଯାଞ୍ଚ ହୋଇଥିବା ବ୍ଳକରେ ବାସଗୃହ ଅଗ୍ରାଧିକାର ସଂଖ୍ୟା ଅନୁସାରେ ମଞ୍ଜୁରୀ କରାଯାଇନାହିଁ । ଅନେକ କ୍ଷେତ୍ରରେ ସ୍ଥାୟୀ ଅପେକ୍ଷାରତ ତାଲିକାରେ ନିମ୍ନରେ ପ୍ରାଥମିକତା ଥାଇ ମଧ୍ୟ ଭିତରେ ଥିବା ହିତାଧିକାରୀମାନଙ୍କ ପରିବର୍ତ୍ତେ ବାସଗୃହ ମଞ୍ଜୁର କରାଯାଇଛି (***ପରିଶିଷ୍ଟ 2.2***) ।

#### *(ii) ଏକା ଗ୍ରାମରେ ସମାନ ବର୍ଗରେ ଥିବା ବିଭିନ୍ନ ହିତାଧିକାରୀମାନଙ୍କୁ ସମାନ ପ୍ରାଥମିକତା ସଂଖ୍ୟା ପ୍ରଦାନ କରିବା*

ଅଡିଟ୍ 24 ଟି ନମୁନା ଯାଞ୍ଚ କରାଯାଇଥିବା ବ୍ଳକ ମଧ୍ୟରୁ ଦୁଇଟି[11]ରେ ଦେଖିଲା ଯେ ଏକା ବର୍ଗରେ ଥାଇ ବିଭିନ୍ନ ହିତାଧିକାରୀମାନଙ୍କୁ ସମାନ ପ୍ରାଥମିକତା ସଂଖ୍ୟା ବାରମ୍ବାର ପ୍ରଦାନ କରାଯାଇଛି । ଏହିପରି ଗୋଟିଏ କ୍ଷେତ୍ରରେ, ବଜରଗାଡ଼ ଗ୍ରାମ, କୋଷାଗୁମୁଡ଼ା ଗ୍ରାମ ପଞ୍ଚାୟତ/ ପଞ୍ଚାୟତ ସମିତିର ଆଦିବାସୀ ବର୍ଗରେ ଜଣେ ହିତାଧିକାରୀ ଚାରି ପ୍ରାଥମିକତା ସଂଖ୍ୟା ଥାଇ ଆର୍ଥିକ ବର୍ଷ 2017-18 ରେ ଗୋଟିଏ ବାସଗୃହର ମଞ୍ଜୁରୀ ହୋଇଥିଲା । ଯେତେବେଳେ ସେହି ପ୍ରାଥମିକତା ସଂଖ୍ୟା ଥାଇ ଅନ୍ୟ ଜଣେ ହିତାଧିକାରୀଙ୍କୁ ଆର୍ଥିକ ବର୍ଷ 2019-20 ଆଉ ଗୋଟିଏ ବାସଗୃହର ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ସେହିପରି 43 ପ୍ରାଥମିକତା ସଂଖ୍ୟା କ୍ଷେତ୍ରରେ ତିନି ଜଣ ବିଭିନ୍ନ ହିତାଧିକାରୀଙ୍କୁ ଆର୍ଥିକ ବର୍ଷ 2017-18 ରେ ତିନୋଟି ଗୃହ ମଞ୍ଜୁର କରାଯାଇଥିଲା ।

ଗ୍ରାମ ପଞ୍ଚାୟତ କର୍ମକର୍ତ୍ତାମାନଙ୍କ ଦ୍ୱାରା ଏପରି ମନମୁଖୀ ପ୍ରାଥମିକତା ସଂଖ୍ୟା ପ୍ରଦାନ ଯୋଜନାର ନିର୍ଦ୍ଦେଶାବଳୀରେ ଉଲ୍ଲିଖିତ ହିତାଧିକାରୀମାନଙ୍କର ଚିହ୍ନଟ ଓ ଚୟନରେ ସ୍ୱଚ୍ଛତା ଓ ପାରଦର୍ଶିତାକୁ ଉଲ୍ଲଙ୍ଘନ କରେ । ଏହା ମଧ୍ୟ

[10] ଆୱାସସଫ୍ଟର ଇ4 ରିପୋର୍ଟ ସାମାଜିକ-ଆର୍ଥିକ ତଥା ଜାତିଭିତ୍ତିକ ଜନଗଣନାର ତଥ୍ୟାବଳୀ, ସବୁ ହାଉସହୋଲ୍ଡର ସାରାଂଶ, ପ୍ରାଥମିକତା ଦେଇଥିବାକୁ ନିଶ୍ଚିତ ହେବା, ଏବଂ ପ୍ରତ୍ୟକ କ୍ଷେତ୍ରରେ ଅପିଲ୍ କମିଟି ଦ୍ୱାରା ଅନୁମୋଦିତ ହୋଇଥିବାକୁ ସୂଚୀତ କରିଥାଏ ।

[11] ନବରଙ୍ଗପୁର ଜିଲ୍ଲାର କୋଷଗୁମୁଡ଼ା ବ୍ଲକ୍ ଏବଂ ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ

ଯୋଜନାର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦ୍ଧତିର ଅଭାବକୁ ସୂଚିତ କରିଥାଏ ଯାହା ଯୋଗୁଁ ପ୍ରାଥମିକତା ସଂଖ୍ୟା ପ୍ରଦାନରେ କାରସାଦି ହେବାର ସମ୍ଭାବନାକୁ ଏଡ଼ାଇ ହେବା ନାହିଁ ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, କୋଷାଗୁଡ଼ା ବ୍ଲକରେ ହୋଇଥିବା ତ୍ରୁଟିକୁ ଅନୁସନ୍ଧାନ କରାଯିବ । ପୁନଶ୍ଚ, ଅନ୍ୟାନ୍ୟ କ୍ଷେତ୍ରରେ ଏହା ଉଲ୍ଲେଖ କରାଗଲା କି ଜଣେ ହିତାଧିକାରୀ ଯଦି ଅଯୋଗ୍ୟତା ଆରୋପର ଅନୁସନ୍ଧାନ ଚୂଡ଼ାନ୍ତ ନହେବା କାରଣରୁ ବାସଗୃହ ମଞ୍ଜୁରୀର ଅସୁବିଧା ହେଉଛି, ତା'ହେଲେ ପ୍ରାଥମିକତା ନିମ୍ନରେ ଥାଇ ମଧ ଏଚ୍‌ଏଚ୍ ମାନଙ୍କୁ ବାସଗୃହ ପ୍ରଦାନ କରାଯାଇଛି । ଉତ୍ତର ଗ୍ରହଣୀୟ ନୁହେଁ କାରଣ ବାସଗୃହ ମଞ୍ଜୁରୀ ପ୍ରଦାନ କ୍ଷେତ୍ରରେ ପ୍ରାଥମିକତା ସଂଖ୍ୟାର ଉଲ୍ଲଙ୍ଘନ 86 ପ୍ରତିଶତ ପର୍ଯ୍ୟନ୍ତ ହୋଇଅଛି ।

### *2.1.5.7 ଅଣ-ହିତାଧିକାରୀମାନଙ୍କୁ ପ୍ରବଞ୍ଚନା ଭାବରେ କାର୍ଯ୍ୟାଦେଶ ଓ ଅର୍ଥ ପ୍ରଦାନ*

ପିଏମ୍‌ଏୱାଇ-ଗ୍ରାମୀଣର କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀରର ଅନୁଚ୍ଛେଦ 5.3.1 ଅନୁସାରେ ହିତାଧିକାରୀମାନଙ୍କର ସ୍ଥାୟୀ ଅପେକ୍ଷାରତ ତାଲିକାରୁ ଆନୀତ ବାର୍ଷିକ ଚୟନ ତାଲିକା ଏମ୍‌ଆଇଏସ୍ ଆୱାସସଫ୍ଟରେ ପଞ୍ଜିକୃତ ହେବା ଆବଶ୍ୟକ । ପଞ୍ଜୀକୃତ କରିବା ସମୟରେ ବ୍ୟାଙ୍କ୍ ହିସାବ ଖାତା, ମନୋନୀତ ବ୍ୟକ୍ତିଙ୍କର ନାମ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପତ୍ର ସଂଖ୍ୟା ବିସ୍ତୃତ ଭାବରେ ବାଧ୍ୟତାମୂଳକ ଭାବେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ଏହା ସହିତ ମୋବାଇଲ୍ ନମ୍ବର ଓ ଆଧାର ନମ୍ବର ଯେଉଁଠାରେ ଉପଲବ୍ଧ ସେସବୁ ଆୱାସସଫ୍ଟରେ ଅନ୍ତର୍ଭୁକ୍ତ ହେବା ଉଚିତ୍ । ଅନୁଚ୍ଛେଦ 5.3.2 ପୁନଶ୍ଚ ବ୍ୟବସ୍ଥା କରିଥାଏ ଯେ ହିତାଧିକାରୀମାନଙ୍କର ସମସ୍ତ ତଥ୍ୟ ପଞ୍ଜୀକୃତ ହେଲା ପରେ ଓ ସେମାନଙ୍କର ବ୍ୟାଙ୍କ ହିସାବ ଖାତା ସବୁ ବିଧିମାନ୍ୟ ହେଲା ପରେ ପ୍ରତ୍ୟେକ ହିତାଧିକାରୀମାନଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ପିଏମ୍‌ଏୱାଇ-ଗ୍ରାମୀଣ ଆଇଡି ଓ ତ୍ୱରିତ ଜବାବ (କ୍ୟୁଆର୍) କୋଡ ସହିତ ମଞ୍ଜୁରୀ ପ୍ରଦାନ ଆଦେଶ ଆୱାସସଫ୍ଟରେ ତିଆରି ହେବା ଆବଶ୍ୟକ । ବାସଗୃହ ମିଳିତ ଭାବରେ ସ୍ୱାମୀ ଓ ସ୍ତ୍ରୀ ନାମରେ ବଣ୍ଟିତ ହେବା ଆବଶ୍ୟକ ଓ ରାଜ୍ୟ ମଧ କେବଳ ମହିଳାଙ୍କ ନାମରେ ବାସଗୃହ ବଣ୍ଟନ କରିପାରିବ । ସଂପୃକ୍ତ ହିତାଧିକାରୀମାନଙ୍କୁ ମଧ ବାସଗୃହ ମଞ୍ଜୁରୀ ପ୍ରଦାନକୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଜଣାଇବା ଉଚିତ୍ ।

ବ୍ଲକ ସ୍ତରରେ ଉପଲବ୍ଧ ଥିବା ଦସ୍ତାବିଜରେ ନମୁନା ଯାଞ୍ଚରୁ ଏବଂ ଆୱାସସଫ୍ଟ ତଥ୍ୟରୁ ଜଣାଗଲା ଯେ 13 ଟି ମାମଲାରେ[12] (ବିସ୍ତୃତ ***ପରିଶିଷ୍ଟ-2.3***) ଆର୍ଥିକ ବର୍ଷ 2016-21 ମଧ୍ୟରେ ଅଣ-ହିତାଧିକାରୀମାନଙ୍କୁ ବାସଗୃହ ମଞ୍ଜୁରୀ ଓ ଅର୍ଥ ପ୍ରଦାନ କରାଯାଇଥିଲା । ଏହିସବୁ କ୍ଷେତ୍ରରେ କେବଳ ପଞ୍ଜିକୃତ ହିତାଧିକାରୀମାନଙ୍କର ପିଏମ୍‌ଏୱାଇ-ଗ୍ରାମୀଣର ପରିଚୟ ସଠିକ୍ ଥିଲା ମାତ୍ର ଅନ୍ୟାନ୍ୟ ସମସ୍ତ ଦସ୍ତାବିଜ୍ ଯେପରିକି ବ୍ୟାଙ୍କ ହିସାବ ଖାତା, ଭୋଟର ଆଇଡି କାର୍ଡ, ଆଧାର କାର୍ଡ ସବୁ ଅଣ-ହିତାଧିକାରୀମାନେ ଯେଉଁମାନେ ହିତାଧିକାରୀ ନୁହଁନ୍ତି, ସେମାନଙ୍କର ଥିଲା । ଏହିସବୁ ପ୍ରବଞ୍ଚକତାପୂର୍ଣ୍ଣ ବାସଗୃହର ମଞ୍ଜୁରୀ ପ୍ରଦାନ ମଧ କର୍ମଚାରୀମାନଙ୍କ ଦ୍ୱାରା ଭୌତିକ ସତ୍ୟାପନ/ ନିରୀକ୍ଷଣରେ ସନ୍ଦେହ ପ୍ରକାଶ କରେ । ସୁତରାଂ ପ୍ରକୃତ ହିତାଧିକାରୀମାନେ ବାସଗୃହ ପାଇବାରୁ ବଞ୍ଚିତ ହେଲେ କାରଣ ସେମାନଙ୍କର ଆଇଡି ସବୁକୁ ଅଣ-ହିତାଧିକାରୀମାନଙ୍କର ଲାଭ ପାଇଁ ବ୍ୟବହାର କରାଯାଇଥିଲା । ଏପରି ଗୋଟିଏ କ୍ଷେତ୍ର ନିମ୍ନରେ ଦର୍ଶାଯାଇଛି ।

ଜିଲ୍ଲା ମୟୁରଭଞ୍ଜ, ବ୍ଲକ-ବିଶୋଇ, ଗ୍ରାମ-ଅସନ, ଖଡିଆସୁଳରେ ଶ୍ରୀମତୀ ପୁନମ୍ ନାଏକ, ଶ୍ରୀ ଚନ୍ଦ୍ର ମୋହନ ନାଏକଙ୍କ ସ୍ତ୍ରୀ ଦ୍ୱାରା ସେହି ଗ୍ରାମରେ ଥିବା ଗାର ନାଏକଙ୍କ ଝିଅ ଡୁଗି ବିରୁଆଙ୍କର ହିତାଧିକାରୀ ଆଇଡି ସଂଖ୍ୟା ଓଆର୍ 2334406 କୁ ବ୍ୟବହାର କରି 1 ଲକ୍ଷ ଟଙ୍କା ଖର୍ଚ୍ଚ କରି ଲିମ୍‌ଟାଲ୍ ସ୍ତର ପର୍ଯ୍ୟନ୍ତ ଗୋଟିଏ ବାସଗୃହ ନିର୍ମାଣ କରାଯାଇଥିଲା । (ନିମ୍ନରେ ଏହାର ଫଟୋ ଦର୍ଶାଯାଇଛି) । ତେଣୁ ଡୁଗି ବିରୁଆ ସେହି ସୁବିଧା ପାଇବାରୁ ବଞ୍ଚିତ ହେଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ବ୍ୟକ୍ତ କଲେ (ଜାନୁଆରୀ 2022) ଯେ ଉକ୍ତ ବିଷୟକୁ ଅନୁସନ୍ଧାନ କରାଯିବ ।

[12] ବିଶୋଇ ବ୍ଲକ(ଅସନ ଗ୍ରାମ ପଞ୍ଚାୟତ): 11 ଟି ମାମଲା, ଚନ୍ଦାହାଣ୍ଡି ବ୍ଲକ୍, (ପଟଖଲିଆ ଗ୍ରାମ ପଞ୍ଚାୟତ): 1 ଟି ମାମଲା ଏବଂ ପଦମପୁର ବ୍ଲକ୍ (ଦେହିତା ଗ୍ରାମ ପଞ୍ଚାୟତ): 1 ମାମଲା

**ଫଟୋଗ୍ରାଫ୍-2.3: ପିଏମ୍ଏୱାଇ-ଜି ଗୃହ ଅଣ-ହିତାଧିକାରୀକୁ ବଣ୍ଟନ କରାଯାଇଛି, ଶ୍ରୀମତୀ ପୁନମ ନାଏକ, ହିତାଧିକାରୀଙ୍କ ଦ୍ୱାରା ବ୍ୟବହୃତ ଆଇଡି ସଂଖ୍ୟା ଓଆର୍2334406 ଡୁଗି ବିରୁଆଙ୍କର**




ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ଉକ୍ତ ବିଷୟକୁ ଅନୁସନ୍ଧାନ କରାଯିବ ଏବଂ ଅନୁପାଳନ ଏହାପରେ ପ୍ରଦାନ କରାଯିବ ।

### 2.1.5.8 ଜିଲ୍ଲା ମାନଙ୍କରେ ବିସ୍ତୃତ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ନକରିବା

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀରର ଅନୁଚ୍ଛେଦ 3.6.1 ଏବଂ 3.6.2 ଦର୍ଶାଏ ଯେ (କ) ପିଏମ୍ଏୱାଇ-ଗ୍ରାମୀଣର କାର୍ଯ୍ୟକାରିତା ପାଇଁ ରାଜ୍ୟ ଏକ ବିସ୍ତୃତ ବାର୍ଷିକ କାର୍ଯ୍ୟ ଖସଡ଼ା (ଏଏପି) ପ୍ରସ୍ତୁତ କରିବେ (ଖ) ଅନ୍ୟାନ୍ୟ ବିଷୟ ସହିତ, ମଞ୍ଜୁର କରାଯାଇଥିବା ଘର ଗୁଡ଼ିକର ସମୟୋଜିତ ନିର୍ମାଣ ଏବଂ ଅନ୍ୟାନ୍ୟ ଯୋଜନା ସହିତ ସମ୍ମିଳନୀର ଏକ ଚିତ୍ର କାର୍ଯ୍ୟ ଖସଡ଼ାରେ ଅନ୍ତର୍ଭୁକ୍ତ ହେବା କଥା (ଗ) ପ୍ରାଥମିକତା ଭିତ୍ତିର ଏଚ୍ଏଚ୍ ଗୁଡ଼ିକର ପରିପୂର୍ଣ୍ଣତା ପାଇଁ ଜିଲ୍ଲାଭିତ୍ତିକ ରଣନୀତୀକୁ ଏଏପି ମଧ୍ୟରେ ଉଲ୍ଲେଖ କରାଯିବା ଆବଶ୍ୟକ (ଘ) ଜିଲ୍ଲାଭିତ୍ତିକ କାର୍ଯ୍ୟ ଖସଡ଼ାରେ ଅନ୍ୟାନ୍ୟ ବିଷୟ ସହିତ, ମିସ୍ତ୍ରୀଙ୍କ ପ୍ରଶିକ୍ଷଣ, ନିର୍ମାଣ ସାମଗ୍ରୀ, ଉପଲବ୍ଧ ସ୍ଥାନ, ହିତାଧିକାରୀଙ୍କ ପାଇଁ ଋଣର ସୁବିଧା, ଗୃହ ନିର୍ମାଣ ନକ୍ସାର ବିକାଶ, ହିତାଧିକାରୀଙ୍କ ସଚେତନତା ଶିବିର ଏବଂ ଅନ୍ୟାନ୍ୟ ଯୋଜନାରୁ ମିଳୁଥିବା ସମସ୍ତ ଲାଭ ବିଷୟରେ ହିତାଧିକାରୀ ସଚେତନ କରାଇବା ଆଦି ବିଷୟ ଅନ୍ତର୍ଭୁକ୍ତ ହୋଇଥିବା ଆବଶ୍ୟକ ।

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 7.4 ମଧ ଦର୍ଶାଇଥାଏ ଯେ ଏଏପି ଅନୁଯାୟୀ ପିଏମ୍ଏୱାଇ-ଗ୍ରାମୀଣର କାର୍ଯ୍ୟକାରିତାରେ ନିର୍ଦ୍ଦେଶ ଓ ପରାମର୍ଶ ଦେବା ପାଇଁ ଉଭୟ ରାଜ୍ୟ ଏବଂ ଜିଲ୍ଲା ସ୍ତରୀୟ କମିଟି ରାଜ୍ୟ ସରକାର ଗଠନ କରିବେ । ରାଜ୍ୟ ସ୍ତରୀୟ କମିଟି(ଏସ୍ଏଲ୍ସି)ର ମୁଖ୍ୟ ରହିବେ ମୁଖ୍ୟ ସଚିବ, ଏହି କମିଟି ବର୍ଷକୁ ଦୁଇଥର ବସିବ ।

ଆର୍ଥିକ ବର୍ଷ 2019-20 ପୂର୍ବରୁ ରାଜ୍ୟ ପାଇଁ କୌଣସି ଏଏପି ପ୍ରସ୍ତୁତ କରାଯାଇ ନଥିଲା । ଯାହାହେଉ, ରାଜ୍ୟ ଦ୍ୱାରା ପ୍ରସ୍ତୁତ ଏକ ବିସ୍ତୃତ ଚିତ୍ର ଏମ୍ଓଆର୍ଡିଙ୍କ ଅଧିକୃତ କମିଟି[13] (ଇସି) ର ଆଲୋଚନା କରାଯାଇଥିଲା (ଫେବୃଆରୀରୁ ମାର୍ଚ୍ଚ) ଏବଂ ପରବର୍ତ୍ତୀ ବର୍ଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । 2020-21 ଆର୍ଥିକ ବର୍ଷ ଠାରୁ ତଥ୍ୟ ପ୍ରଦାନ ପାଇଁ ଏକ ଫର୍ମାଟ୍ ଜାରି କରାଯାଇଥିଲା, ଯାହାକି ଇସିଙ୍କ ବୈଠକରେ ଚୂଡ଼ାନ୍ତ ହୋଇଥିଲା ।

ଅଡିଟ୍ ପରିଲକ୍ଷିତ କରିଥିଲା ଯେ:

- ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ, ରାଜ୍ୟର ଜିଲ୍ଲାଭିତ୍ତିକ ଯୋଜନା ସମ୍ବଳିତ ବିସ୍ତୃତ କାର୍ଯ୍ୟ ଖସଡ଼ା ପ୍ରକୃତ କରାଯାଇନଥିଲା ।
- ରାଜ୍ୟ ପାଇଁ ଏଏପି ପ୍ରସ୍ତୁତ କରିବା ସମୟରେ, ଜିଲ୍ଲାଗୁଡ଼ିକ ଠାରୁ ମିସ୍ତ୍ରୀ ପ୍ରଶିକ୍ଷଣ, ଅନ୍ୟ ଯୋଜନା ସହିତ ସମନ୍ୱୟ ତଥ୍ୟଗୁଡ଼ିକ ସଂଗ୍ରହ କରାଯାଇ ନଥିଲା ।
- ଏମ୍ଓଆର୍ଡିଙ୍କ ଅଧିକୃତ କମିଟି ଦ୍ୱାରା ଅନୁମୋଦନ ହୋଇଥିବା କାର୍ଯ୍ୟାବଳୀ ଗୁଡ଼ିକୁ ଧ୍ୟାନ ଦିଆଯାଇ ନଥିଲା, ଯାହାକି ନିମ୍ନ ସାରଣୀ 2.1 ରେ ଦର୍ଶାଗଲା ।

[13] ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏଏପିକୁ ଅନୁମୋଦନ କରିବାକୁ ଏମ୍ଓଆର୍ଡିର ସଚିବଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା ।

*ସାରଣୀ-2.1: ଅଧିକୃତ କମିଟି ଦ୍ୱାରା ଅନୁମୋଦିତ କାର୍ଯ୍ୟାବଳୀ*

| ସବୁ ବର୍ଷ ପାଇଁ ଏଏପିରେ ଦର୍ଶାଯାଇଥିବା କାର୍ଯ୍ୟଧାରା | ହାସଲ ହୋଇଥିଲା |
|---|---|
| ରାଜମିସ୍ତ୍ରୀଙ୍କ ପ୍ରଶିକ୍ଷଣ | ପାଞ୍ଚ ବର୍ଷ ମଧ୍ୟରେ ବହୁତ କମ୍ ହାସଲ ହୋଇଥିଲା ଯାହାଫଳରେ ଅସମ୍ପୂର୍ଣ୍ଣ ଘରର ସଂଖ୍ୟା ବଢ଼ି ବଢ଼ି ଚାଲିଥିଲା |
| ଭୂମିହୀନ ହିତାଧିକାରୀଙ୍କୁ ଜମି ପ୍ରଦାନ | ଏହି ବିଷୟ ପ୍ରତ୍ୟେକ ଏଏପିରେ ଆଲୋଚନା ହୋଇଥିଲେ ମଧ୍ୟ ପାଞ୍ଚ ବର୍ଷ ମଧ୍ୟରେ ଆଶାତୀତ ସଫଳତା ମିଳିନଥିଲା |
| ଘର ନକ୍ସାର ଉନ୍ନତିକରଣ | ଏଏପି 2018-19 ରେ ମାତ୍ର 13 ଟି ନକ୍ସାର ବିକଶିତ କରାଯାଇଥିଲା ।<br>ଏଏପି 2019-20 ରେ ମାତ୍ର 11 ଟି ନକ୍ସା ବିକାଶିତ କରାଯାଇଥିଲା । ମାତ୍ର ଏହି ନକ୍ସାଗୁଡ଼ିକରେ କାର୍ଯ୍ୟକାରୀ ସ୍ଥିତି ବିଭାଗ ସ୍ତରରେ ଉପଲବ୍ଧ ହୋଇନଥିଲା । |
| ଅନ୍ୟ ଯୋଜନାଗୁଡ଼ିକ ସହିତ ସହବନ୍ଧତା | ଯଦିଓ ପ୍ରତି ବର୍ଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଥିଲା, ପାଞ୍ଚ ବର୍ଷ ମଧ୍ୟରେ ଫଳପ୍ରଦ ହୋଇପାରି ନଥିଲା । |

- ପୁନଶ୍ଚ, କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 7.4 ଅନୁଯାୟୀ, ରାଜ୍ୟ ସ୍ତରୀୟ କମିଟି (ଏସଏଲ୍‌ସି) ବର୍ଷକୁ ଦୁଇ ଥର ବୈଠକ କରିବା କଥା । 2016-17 ରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ 10 ଟି ବୈଠକ ହେବାକୁ ଥିବା ସ୍ଥଳେ ଏସ୍‌ଏଲ୍‌ସିର ମାତ୍ର ଗୋଟିଏ ବୈଠକ ଅନୁଷ୍ଠିତ ହୋଇଥିଲା (25 ଜୁନ୍ 2018) । ଏହିପରି ଭାବରେ, ଏଏପିର ନିୟମ ଅନୁଯାୟୀ ଯୋଜନାର ସଫଳ ରୂପାୟନ ପାଇଁ ନିର୍ଦ୍ଦେଶ ଓ ପରୀବେକ୍ଷଣ ଏସ୍‌ଏଲ୍‌ସି ବୈଠକରେ ଉପଲବ୍ଧ ଥିଲେ ମଧ୍ୟ ହାସଲ ହୋଇପାରି ନଥିଲା ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ସେମାନେ ଜିଲ୍ଲାମାନଙ୍କ ଠାରୁ ତଥ୍ୟ ସଂଗ୍ରହ କଲା ପରେ ଏଏପି ପ୍ରସ୍ତୁତ କରିଥିଲେ । ଉତ୍ତର ଗ୍ରହଣୀୟ ନଥିଲା କାରଣ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀ ଅନୁଯାୟୀ ଜିଲ୍ଲା ସ୍ତରୀୟ ଯୋଜନାର ଅଭାବରେ ଜିଲ୍ଲା ସ୍ତରରେ ବିଚାରଣୀୟ ବିଷୟଗୁଡ଼ିକ ପ୍ରତି ଯୋଜନା ପ୍ରସ୍ତୁତ ସମୟରେ ଦୃଷ୍ଟି ଦିଆଯାଇ ପାରିନଥିଲା ।

### *2.1.5.9 ହିତାଧିକାରୀଙ୍କ ଦ୍ୱାରା ଘରର ନକ୍ସାଗୁଡ଼ିକ ଗ୍ରହଣ ନହେବା*

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 6.2.2.1 ଏବଂ 6.2.2.3 ରେ ଦର୍ଶାଯାଇଛି ଯେ ହିତାଧିକାରୀମାନଙ୍କୁ ସେମାନଙ୍କ ବାସସ୍ଥାନ ଅଞ୍ଚଳ ପାଇଁ ଉପଯୁକ୍ତ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ସ୍ଥାନୀୟ ଅବସ୍ଥା ଅନୁଯାୟୀ କେତେକ ବିକଳ୍ପ ପ୍ରଦାନ କରିବା ଆବଶ୍ୟକ । କୋର ହାଉସ୍ ରୂପରେଖରେ ରୋଷେଇ ଘର, ଶୌଚାଳୟ ଓ ଗାଧୁଆ ଘର ମଧ୍ୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ଅଧିକନ୍ତୁ, ମଞ୍ଜୁରୀ ଆଦେଶ ସହିତ ହିତାଧିକାରୀଙ୍କୁ ଚିହ୍ନିତ ଘରର ରୂପରେଖ ଓ ପ୍ରଯୁକ୍ତ ବିଦ୍ୟାର ବିକଳ୍ପ ଗୁଡ଼ିକ ପ୍ରଦାନ କରାଯିବା ଆବଶ୍ୟକ ।

ପୁନଶ୍ଚ, କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 7.2.1 ଅନୁଯାୟୀ ହିତାଧିକାରୀମାନଙ୍କୁ ସେମାନଙ୍କ ଗୃହ ନିର୍ମାଣର ବୈଷୟିକ ସହାୟତା ଯୋଗାଇଦେବାକୁ ରାଜ୍ୟ ବୈଷୟିକ ଅନୁଷ୍ଠାନଗୁଡ଼ିକୁ ଚିହ୍ନଟ କରିବା ଆବଶ୍ୟକ । ଅନୁଷ୍ଠାନଗୁଡ଼ିକ ହିତାଧିକାରୀମାନଙ୍କୁ ସେହି ଅଞ୍ଚଳ ପାଇଁ ଉପଯୁକ୍ତ ଗୃହ ନିର୍ମାଣ ରୂପରେଖ ଏବଂ ସେ ଅଞ୍ଚଳରେ ଉପଲବ୍ଧ ପ୍ରଯୁକ୍ତି ବିଦ୍ୟା ବିଷୟରେ ଅବଗତ କରିବେ, ଯାହା କି ହିତାଧିକାରୀମାନଙ୍କୁ ସହାୟକ ହେବ ।

ଏହାଛଡ଼ା କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 9.3.1.2 ରେ ଉଲ୍ଲେଖ ଅଛି ଯେ, ପ୍ରତ୍ୟେକ କିସ୍ତି ପ୍ରଦାନ କରାଯିବା ପୂର୍ବରୁ ଗୃହର ପ୍ରତ୍ୟେକ ସ୍ତରର ଅଗ୍ରଗତିକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)/ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଙ୍କ ଦ୍ୱାରା ସରଜମିନ ତଦନ୍ତ କରାଯିବ ଏବଂ ଜିଓ ଟ୍ୟାଗରେ ଫଟୋ ସନିବେଶ କରାଯିବ ।

ତଦନୁସାରେ, ଓଡ଼ିଶା ସରକାର କେନ୍ଦ୍ରୀୟ ଭବନ ଗବେଷଣା ଅନୁଷ୍ଠାନ (ସିବିଆର୍‌ଆଇ) ରୁର୍କି ସହିତ ଏକ ବୁଝାମଣା ପତ୍ର (ଏମ୍‌ଓଏ)[14] ଡିସେମ୍ବର 2016 ରେ ସ୍ୱାକ୍ଷର କରିଥିଲେ ଏବଂ ତାଙ୍କୁ 1.05 କୋଟି ଟଙ୍କା ଦୁଇଟି କିସ୍ତିରେ ପ୍ରଦାନ କରିଥିଲେ । ବୁଝାମଣା ଅନୁଯାୟୀ, ସିବିଆର୍‌ଆଇ (କ) ସୁବିଧା ମୂଲ୍ୟରେ ଉପଯୁକ୍ତ ନିର୍ମାଣ ସାମଗ୍ରୀ ଏବଂ ବୈଷୟିକ

[14] ଜୁନ୍ 2020 ଯାଏ ସଂପ୍ରସାରଣ ହୋଇଥିଲା

ଜ୍ଞାନ ପ୍ରଦାନ କରିବେ, ନିର୍ମାଣ ମୂଲ୍ୟର ସାମଗ୍ରିକ ଉନ୍ନତି, କାର୍ଯ୍ୟଦକ୍ଷତା, ସୁବିଧା, ଶକ୍ତି ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ (ଖ) ବିଭିନ୍ନ କାର୍ଯ୍ୟକଳାପ ପାଇଁ ବୈଷୟିକ ମାର୍ଗଦର୍ଶନ ପ୍ରଦାନ କରିବେ ।

ଅଡିଟ୍ ଅବଲୋକନ କଲା ଯେ (i) ସିବିଆର୍ଆଇ ସହିତ ପରାମର୍ଶ କରି ରାଜ୍ୟ 11 ପ୍ରକାର ଘର ନକ୍ସା ବିକଶିତ କରିଥିଲା । (ii) ଚିହ୍ନିତ ଘରର ନକ୍ସା ଓ ବୈଷୟିକ ବିକଳ୍ପଗୁଡ଼ିକ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁରୀ/ କାର୍ଯ୍ୟାଦେଶ ପ୍ରଦାନ ସମୟରେ ନେବାକୁ ଥିଲା । ତଥାପି, ଯାଞ୍ଚ କରାଯାଇଥିବା କୌଣସି ଜିଲ୍ଲାରେ ବି ହିତାଧିକାରୀଙ୍କ ଦ୍ୱାରା ଏପରି ଜ୍ଞାନକୌଶଳକୁ ପ୍ରୟୋଗ କରିବାର ଦୃଷ୍ଟାନ୍ତ ଅଡିଟ୍ ଦେଖିବାକୁ ପାଇନଥିଲା । ଅଡିଟ୍ ମଧ 1,440 ଟି ମାମଲା ନଥିକୁ ବଛାବଛା ବ୍ଲକରେ ଯାଞ୍ଚ କରିଥିଲା ଯେଉଁଥିରେ କି କାର୍ଯ୍ୟାଦେଶ ସଂଲଗ୍ନ ସମୟରେ 864 ଜଣ ହିତାଧିକାରୀ କହିଥିଲେ ଯେ ସେମାନଙ୍କୁ ଘରର ରୂପରେଖ ପ୍ରଦାନ କରାଯାଇ ନାହିଁ । ଅର୍ଥାତ୍ ଅନୁମୋଦିତ ରୂପରେଖଗୁଡ଼ିକ ହିତାଧିକାରୀଙ୍କ ଦ୍ୱାରା ସ୍ୱୀକୃତ ଭାବରେ ଗ୍ରହଣୀୟ ହୋଇପାରିନଥିଲା । ହିତାଧିକାରୀମାନଙ୍କୁ କିସ୍ତି ପ୍ରଦାନ ପୂର୍ବରୁ, ରୂପରେଖ ଗୁଡ଼ିକର ଅନୁପାଳନ ଠିକ୍ ଭାବେ ହେଉଛି କି ନାହିଁ ସୁନିଶ୍ଚିତ କରିବାକୁ ପର୍ଯ୍ୟାପ୍ତ ଅନୁସନ୍ଧାନର ଅଭାବ ପରିଲକ୍ଷିତ ହୋଇଥିଲା । ଅନୁଚ୍ଛେଦ 2.1.6.5 ରେ ବର୍ଣ୍ଣନା ଅନୁଯାୟୀ ଏହି ସବୁ ପରିସ୍ଥିତି ଯୋଗୁଁ ଅପର୍ଯ୍ୟାପ୍ତ ଅର୍ଥ ପାଇଁ ଗୃହଗୁଡ଼ିକ ପରବର୍ତ୍ତୀ ସମୟରେ ଅସମ୍ପୂର୍ଣ୍ଣ ରହିଥିଲା ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଯେହେତୁ ପିଏମ୍ଏୱାଇ-ଜି ଏକ ବ୍ୟକ୍ତିଗତ ଲାଭଦାୟକ ଯୋଜନା, ହିତାଧିକାରୀମାନେ ସେମାନଙ୍କ ଇଛା ଅନୁଯାୟୀ ଘର ନିର୍ମାଣ କରିବାର ସାଧୀନତା ରହିଛି ତଥାପି, ସେମାନଙ୍କୁ ସେମାନଙ୍କର ଭୌଗୋଳିକ ସ୍ଥିତି ଅନୁସାରେ ଘରର ରୂପରେଖ ବିଷୟରେ ଅବଗତ କରାଯାଇଥିଲା ।

ଉତ୍ତର ଗ୍ରହଣୀୟ ନଥିଲା କାରଣ 1.05 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ, ଯାଞ୍ଚ କରାଯାଇଥିବା କୌଣସି ଜିଲ୍ଲାରେ ବି କୌଣସି ଘରର ରୂପରେଖ ପରିଲକ୍ଷିତ କରିପାରିନଥିଲା ।

### *2.1.5.10 ସନ୍ଦେହାତ୍ମକ ମିସ୍ତ୍ରୀ ପ୍ରଶିକ୍ଷଣ*

ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 6.2.3.1 ଦର୍ଶାଏ ଯେ, ଉତ୍ତମ ଗୁଣବତ୍ତାରେ ଘର ଗୁଡ଼ିକ ନିର୍ମାଣ କରାଯାଇଥିବାକୁ ସୁନିଶ୍ଚିତ କରିବାକୁ ଗ୍ରାମାଞ୍ଚଳରେ କୁଶଳୀ କାରିଗରଙ୍କର ଉପସ୍ଥିତି ଜରୁରୀ ଅଟେ । ତେଣୁ, ନିର୍ମାଣର ପ୍ରଖରତା ଆକଳନ କରାଯାଇଥିବା ଅଞ୍ଚଳ ଗୁଡ଼ିକରେ ସରକାର କାରିଗର ମାନଙ୍କର ତାଲିମ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ । ପୁନଶ୍ଚ, ରାଜ୍ୟଗୁଡ଼ିକ (i) ତାଲିମ ନେବାକୁ ଇଚ୍ଛୁକ ଅର୍ଦ୍ଧକୁଶଳୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ମନୋନୀତ କରିବେ, (ii) ତାଲିମ ପ୍ରଦାନକାରୀଙ୍କୁ ଚିହ୍ନଟ କରି ନିୟୋଜିତ କରିବା ଏବଂ (iii) ତାଲିମପ୍ରାପ୍ତ କାରିଗର ମାନଙ୍କର ମୂଲ୍ୟାଙ୍କନ କରି ପ୍ରମାଣ ପତ୍ର ଯୋଗାଇବାକୁ ଏକ ମୂଲ୍ୟାଙ୍କନ ସଂସ୍ଥାର ବ୍ୟବସ୍ଥା କରିବା ଆବଶ୍ୟକ ।

ରାଜ୍ୟ ସ୍ତରରେ, ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ୍[15])), ପ୍ରକଳ୍ପ ନିୟୋଜନ ମାଧ୍ୟମରେ ମିସ୍ତ୍ରୀ ତାଲିମ ପ୍ରଦାନ କରୁଥିଲା । ଜିଲ୍ଲା ଗୁଡ଼ିକର ଅସମ୍ପୂର୍ଣ୍ଣ ଘର ସଂଖ୍ୟାକୁ ଦୃଷ୍ଟିରେ ରଖି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏକ ବର୍ଷ ପାଇଁ ମିସ୍ତ୍ରୀ ତାଲିମ ଲକ୍ଷ୍ୟ ସ୍ଥିର କରିଥାଏ ।

ଅଡିଟ୍ ପରିଲକ୍ଷିତ କରିଥିଲା ଯେ 2019-20 ଏବଂ 2020-21 ଆର୍ଥିକ ବର୍ଷରେ 43,057 ଜଣ ପ୍ରାର୍ଥୀଙ୍କୁ ବିଭାଗ ସ୍ଥିର କରିଥିବା ସ୍ଥଳେ 35,733 ଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । କିନ୍ତୁ, ମୂଲ୍ୟାଙ୍କନ ପରେ ମାତ୍ର 13,726 (38 ପ୍ରତିଶତ) ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ବ୍ଲକ ସ୍ତରରେ ତାଲିମ ପ୍ରଦାନକାରୀଙ୍କ ଦ୍ୱାରା ଦିଆଯାଇଥିବା ମିସ୍ତ୍ରୀ ତାଲିମରେ ନିମ୍ନଲିଖିତ ଅନିୟମିତତାଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା:

### *(i) ପ୍ରଶିକ୍ଷିତମାନଙ୍କ ପାଇଁ ଅପର୍ଯ୍ୟାପ୍ତ ଲକ୍ଷ୍ୟଧାର୍ଯ୍ୟ କରିବା:*

ପ୍ରତ୍ୟେକ ବ୍ୟକ୍ତିଙ୍କୁ ଘର ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିବାକୁ ବିଭାଗ ଏକ ନିର୍ଦ୍ଦେଶ ଜାରି କରିଥିଲେ (ଫେବୃଆରୀ 2017) ଯେ, ପ୍ରତ୍ୟେକ ବ୍ୟକ୍ତି ତାଙ୍କ ତାଲିମ ଅବଧି ମଧ୍ୟରେ ଅତିକମରେ ଦୁଇଟି ନୂତନ ଗୃହ ଏବଂ ତିନୋଟି ଅସମ୍ପୂର୍ଣ୍ଣ

[15] ପିଆର୍ଆଣ୍ଡଡିଡବ୍ଲୁ ଅଧିନରେ ଓରମାସ ଏକ ପଞ୍ଜୀକୃତ ସଂସ୍ଥା ଏବଂ ବିଭିନ୍ନ ଯୋଜନା ଅଧିନରେ ବିଭିନ୍ନ ଦକ୍ଷତା ବିକାଶ ପାଠ୍ୟକ୍ରମରେ ତାଲିମ ପ୍ରଦାନ କରିବାକୁ ଅଧିକୃତ ।

ଗୃହର ନିର୍ମାଣ କାମ ସାରିବେ । ଏହି କ୍ରମରେ ତାଲିମ ପ୍ରଦାନ ପୂର୍ବରୁ ହିତାଧିକାରୀଙ୍କ ଘରକୁ ତାଲିମ ପାଇବାକୁ ଥିବା ବ୍ୟକ୍ତିଙ୍କ ସହିତ ମ୍ୟାପିଂ କରିବାର ଥିଲା ।

ନଥି ଅନୁଯାୟୀ 24 ଟି ଯାଞ୍ଚ କରାଯାଥିବା ବ୍ଲକରୁ ମାତ୍ର 15 ଟି ବ୍ଲକ 1730 ଜଣ ରାଜମିସ୍ତ୍ରୀଙ୍କୁ ପ୍ରଶିକ୍ଷଣ ବା ତାଲିମ ପ୍ରଦାନ କରିଥିଲେ । ଅଡିଟ୍ ପରିଲକ୍ଷିତ କରୁଥିଲା ଯେ 15 ଟି ବ୍ଲକରେ 920 ଜଣ ରାଜମିସ୍ତ୍ରୀ ତାଲିମ ପାଇଥିଲେ, ଲକ୍ଷ୍ୟଧାର୍ଯ୍ୟ ହୋଇଥିବା 4,600[16] ଘର ମଧ୍ୟରୁ ମାତ୍ର 896 ଟି ଘରକୁ ଯୋଡ଼ା ଯାଇଥିଲା । ଯାହାଫଳରେ 3,704 ଜଣ ହିତାଧିକାରଙ୍କ ପାଖରେ ଏହି ଯୋଜନାର ଲାଭ ପହଞ୍ଚିପାରି ନଥିଲା ।

### *(ii) ସନ୍ଦେହାତ୍ମକ ମଞ୍ଜୁରୀ କ୍ଷତିପୂରଣ ଦେୟ:*

ଯାଞ୍ଚ କରାଯାଇଥିବା 24 ଟି ବ୍ଲକ ମଧ୍ୟରୁ 15[17] ଟି ବ୍ଲକରେ ଦେଖାଯାଇଥିଲା ଯେ 1,730 ଜଣ ରାଜମିସ୍ତ୍ରୀ ତାଲିମ୍ ପାଇଥିବା ଦର୍ଶାଯାଇଥିଲା ଏବଂ ସଂପୃକ୍ତ ବ୍ଲକ ଗୁଡ଼ିକ ତାଲିମପ୍ରାପ୍ତ ବ୍ୟକ୍ତିମାନଙ୍କୁ 1.33 କୋଟି ଟଙ୍କା ମଞ୍ଜୁରୀ କ୍ଷତିପୂରଣ ବାବଦକୁ ପ୍ରଦାନ କରିଥିଲେ । ଏଥିମଧ୍ୟରୁ ଆଠଟି[18] ବ୍ଲକ୍ ଯେଉଁଠାରେ 810 ଜଣ ମିସ୍ତ୍ରୀଙ୍କୁ ତାଲିମ ଦିଆଯାଇ 66.35 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଜଣାଯାଇଥିଲା । ସେଠାରେ ଯୋଡ଼ା ଯାଇଥିବା ଘର ସଂଖ୍ୟା ତାଲିମ ମାଧମରେ ସମ୍ପୂର୍ଣ୍ଣ ହୋଇଥିବା ଘର ସଂଖ୍ୟା ଇତ୍ୟାଦିର କୌଣସି ବିସ୍ତୃତ ସୂଚନା ମିଳିପାରି ନଥିଲା । ଯାହାର ଅନୁପସ୍ଥିତିରେ ପ୍ରଦାନ କରାଯାଇଥିବା ରାଶିର ସତ୍ୟତାକୁ ଅଡିଟ୍ ପ୍ରମାଣିତ କରିପାରିନଥିଲା ।

ପୁନଶ୍ଚ, ଅବଶିଷ୍ଟ ସାତଟି ବ୍ଲକରେ[19] କରାଯାଇଥିବା ପ୍ରଶିକ୍ଷଣର ସତ୍ୟତା ଉପରେ ସନ୍ଦେହ ଜାତ ହୋଇଥିଲା ଏବଂ ନିମ୍ନ ପ୍ରକାରେ ଅନିୟମିତତା ପରିଲକ୍ଷିତ ହୋଇଥିଲା:

- ପାଞ୍ଚଟି ବ୍ଲକରେ[20], 69 ଟି ଗୃହ ମିସ୍ତ୍ରୀ ତାଲିମ ବେଳେ ଯୋଡ଼ା ଯାଇଥିଲା, ହେଲେ ସେ ଗୃହ ଗୁଡ଼ିକ ସମ୍ପୂର୍ଣ୍ଣ ହୋଇସାରିଥିଲା କିମ୍ବା ସମ୍ପୂର୍ଣ୍ଣ ହେବା ସମୟରେ ମିସ୍ତ୍ରୀଙ୍କ କାର୍ଯ୍ୟ ଆବଶ୍ୟକ କରୁଥିଲା । ଗୋଟିଏ [21] ମାମଲାରେ ଯଦିଓ ଘର କାର୍ଯ୍ୟ ଆରମ୍ଭ ହୋଇନଥିଲା (ଜାନୁଆରୀ 2022) ତଥାପି, ସେ ଗୃହକୁ ସେପ୍ଟେମ୍ବର 2020 ରୁ ଡିସେମ୍ବର 2020 ମଧ୍ୟରେ ମିସ୍ତ୍ରୀ ତାଲିମ ସହିତ ଯୋଡ଼ା ଯାଇଥିଲା ଏବଂ ମଜୁରୀ କ୍ଷତିପୂରଣ ମଧ ପ୍ରଦାନ କରାଯାଇଥିଲା ।
- ଯେତେବେଳେ 15 ଜଣ ପିଏମ୍‌ଏୱାଇ ହିତାଧିକାରୀ ନିଜେ ତାଲିମ ନେଉଥିଲେ ସେତେବେଳେ ସେମାନଙ୍କ ନିଜ ଘର ଗୁଡ଼ିକ ତିଆରି ଚାଲିଥିଲା ଏବଂ ସେମାନଙ୍କ ଘର ଗୁଡ଼ିକ ଅନ୍ୟ ମିସ୍ତ୍ରୀଙ୍କ ସହିତ ଯୋଡ଼ା ଯାଇଥିଲା, ଯାହାର ସବିଶେଷ ତଥ୍ୟ ***ପରିଶିଷ୍ଟ 2.4*** ରେ ଦର୍ଶାଯାଇଛି । ପୁନଶ୍ଚ, 15 ଜଣ ମଧ୍ୟରୁ ପାଞ୍ଚ ଜଣ ହିତାଧିକାରୀଙ୍କୁ ଏହି ସମୟ ମଧ୍ୟରେ ନିଜ ଘର ସହିତ ଯୋଡ଼ା ଯିବା ସହ ଅନ୍ୟ ହିତାଧିକାରଙ୍କ ସହିତ ଯୋଡ଼ା ଯାଇଥିଲା ।
- ପୁନଶ୍ଚ, 22 ଜଣ ହିତାଧିକାରୀ, ଯେଉଁମାନେ ନଥିପତ୍ର ଅନୁଯାୟୀ ପିଏମ୍‌ଏୱାଇ ଯୋଜନାର କାର୍ଯ୍ୟ କରୁଥିଲେ । ସେହି ଦିନ ଗୁଡ଼ିକରେ ସେମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମଧ କାର୍ଯ୍ୟ କରୁଥିବା ଦେଖାଯାଇଥିଲା ଯାହାର ତଥ୍ୟ ***ପରିଶିଷ୍ଟ 2.5*** ରେ ଦର୍ଶାଯାଇଛି । ଯାହାଫଳରେ, କେବଳ ନଥିପତ୍ର ଉପରେ ନୁହେଁ ବରଂ କୌଣସି ଏକ ଯୋଜନାରେ ପ୍ରକୃତ ଯୋଗଦାନ ଉପରେ ସନ୍ଦେହ ସୃଷ୍ଟି କରୁଥିଲା ।
- ମିଳିତ ସରଜମିନ୍ ତଦନ୍ତ ସମୟରେ ଅଡିଟ୍ ପରିଲକ୍ଷିତ କରିଥିଲା ଯେ, ମିସ୍ତ୍ରୀ ତାଲିକା ସହିତ ଯୋଡ଼ା ଯାଇଥିବା 54 ଜଣ ହିତାଧିକାରୀଙ୍କ ମଧ୍ୟରୁ 25 ଜଣ ହିତାଧିକାରୀ କହିଥିଲେ ଯେ, ତାଙ୍କ ଘରକୁ କୌଣସି ମିସ୍ତ୍ରୀଙ୍କ ସହିତ ଯୋଡ଼ାଯାଇ ନଥିଲା । 23 ଜଣ ହିତାଧିକାରୀ ଜାଣିନଥିଲେ ଯେ ତାଙ୍କ ଘର ମିସ୍ତ୍ରୀଙ୍କ ସହ ଯୋଡ଼ାଯାଇଛି । ମାତ୍ର ଛଅ ଜଣ ହିତାଧିକାରୀଙ୍କ ଘର ମିସ୍ତ୍ରୀଙ୍କ ସହ ଯୋଡ଼ାଯିବା ବିଷୟକୁ ସ୍ୱୀକାର କରିଥିଲେ ।

---

[16] 920 ତାଲିମଧାରୀ X 5 ଗୃହ

[17] ଅତାବିରା, ଭଟଲି, ପଦମପୁର, ଲୋଇସିଂହା, ଟିଟିଲାଗଡ଼, କୋଷାଗୁମୁଡ଼ା, ଝୋରିଗାଁ, ଚନ୍ଦାହାଣ୍ଡି, ହିନ୍ଦୋଳ, ବଡ଼ସାହି, ବିଶୋଇ, ବିଜତଳା, ବିରମହାରାଜାପୁର, ଡୁଙ୍ଗୁରିପାଲି ଓ ସୋନପୁର

[18] ଅତାବିରା, ଭଟଲି, ପଦମପୁର, ଲୋଇସିଂହା, ଟିଟିଲାଗଡ଼, କୋଷାଗୁମୁଡ଼ା, ଝୋରିଗାଁ ଏବଂ ଚନ୍ଦାହାଣ୍ଡି

[19] ହିନ୍ଦୋଳ, ବଡ଼ସାହି, ବିଶୋଇ, ବିଜତଳା, ବିରମହାରାଜାପୁର, ଡୁଙ୍ଗୁରିପାଲି ଓ ସୋନପୁର

[20] ବଡ଼ସାହି -11, ବିଶୋଇ -17, ବିଜତଳା -5, ଝୋରିଗାଁ -18 ଏବଂ ଚନ୍ଦାହାଣ୍ଡି -18

[21] ବନମାଳୀ ନାୟକ (OR1349994), ଗ୍ରାମ- ବଡ଼ଜାମ୍ବିଲା, ଗ୍ରାମ ପଞ୍ଚାୟତ-ଅସନା, ବିଶୋଇ ବ୍ଲକ୍

ଉକ୍ତ ଦୃଷ୍ଟିରୁ ମିସ୍ତ୍ରୀ ତାଲିମ ପ୍ରଦାନ କରାଯିବା ଏବଂ ମଜୁରୀ କ୍ଷତିପୂରଣ ବାବଦକୁ 1.33 କୋଟି ଟଙ୍କା ପ୍ରଦାନ କରାଯିବାର ସତ୍ୟତା ଉପରେ ଅଡିଟ୍ କୌଣସି ନିଷ୍କର୍ଷରେ ପହଞ୍ଚିବାରେ ଅସମର୍ଥ ହୋଇଥିଲା ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦର୍ଶାଇଥିଲେ (ଅକ୍ଟୋବର 2022) ଯେ, ଅଡିଟ୍ ଦ୍ୱାରା ଉଠାଯାଇଥିବା ଅନିୟମିତତାର ସବିଶେଷ ଅନୁଧାନ କରାଯିବ ଏବଂ ପରବର୍ତ୍ତୀ ସମୟରେ ଉତ୍ତର ପ୍ରଦାନ କରାଯିବ ।

### *2.1.5.11 ଭିନ୍ନକ୍ଷମଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ*

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 3.4.6 ଅନୁଯାୟୀ ଏହା ନିଶ୍ଚିତ ହେବା ଆବଶ୍ୟକ ଯେ ରାଜ୍ୟ ସ୍ତରରେ ଭିନ୍ନକ୍ଷମଙ୍କ ମଧ୍ୟରୁ ତିନି ପ୍ରତିଶତ ଘର ପାଇବାକୁ ବିବେଚିତ ହେବା ଆବଶ୍ୟକ । ନିର୍ଦ୍ଦିଷ୍ଟ ମାନଦଣ୍ଡ ଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଂରକ୍ଷଣକୁ ପିଏମ୍ଏୱାଇ-ଜି ଅଧୀନରେ ଭାରତ ସରକାର 19 ଅପ୍ରେଲ 2017 ଠାରୁ ପାଞ୍ଚ ପ୍ରତିଶତକୁ ବୃଦ୍ଧି କରିଥିଲେ ।

ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ପିଆର୍ଆଣ୍ଡଡିଡବ୍ଲୁ ବିଭାଗକୁ ଜଣାଇଥିଲେ (ଡିସେମ୍ବର 2019) ଯେ ପିଏମ୍ଏୱାଇ-ଜି ଅଧୀନରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ଗୃହ ଆବଶ୍ୟକ ପାଞ୍ଚ ପ୍ରତିଶତ ଠାରୁ ବହୁ ନିମ୍ନରେ ଥିଲା ଏବଂ ଓଡ଼ିଶାର ସମସ୍ତ ଜିଲ୍ଲାମାନଙ୍କରେ ପିଏମ୍ଏୱାଇ-ଜି ଅଧୀନରେ ଦିଆଯାଉଥିବା ସମୁଦାୟ ଗୃହର ପାଞ୍ଚ ପ୍ରତିଶତକୁ ଧାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ ।

ଜନଗଣନା 2011 ର ତଥ୍ୟ ଅନୁଯାୟୀ ସମୁଦାୟ ଭିନ୍ନକ୍ଷମ ପରିବାର ସଂଖ୍ୟା ରାଜ୍ୟରେ 6.42 ଲକ୍ଷ ଥିଲା । ସେଥିମଧ୍ୟରୁ 0, 1 କିମ୍ବା 2 କୋଠରୀରେ ରହୁଥିବା 3.45 ଲକ୍ଷ ଭିନ୍ନକ୍ଷମ ବ୍ୟକ୍ତି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ ।

ଆୱାସସଫ୍ଟ ତଥ୍ୟ ଅନୁଯାୟୀ, ଭିନ୍ନକ୍ଷମଙ୍କୁ ମଞ୍ଜୁର ଏବଂ ସମ୍ପୂର୍ଣ୍ଣ ହୋଇଥିବା ଘର ସ୍ଥିତି ନିମ୍ନ ସାରଣୀରେ ଦର୍ଶାଗଲା ।

**ସାରଣୀ -2.2: ସମୁଦାୟ ମଞ୍ଜୁରୀରୁ ଭିନ୍ନକ୍ଷମଙ୍କୁ ମଞ୍ଜୁର ହୋଇଥିବା ଘର**

| ଆର୍ଥିକ ବର୍ଷ | ସମସ୍ତ ବର୍ଗ ପାଇଁ ସମୁଦାୟ ଅନୁମୋଦନ | ଭିନ୍ନକ୍ଷମଙ୍କୁ ଅନୁମୋଦନ | ସଂପୂର୍ଣ୍ଣ ଘର ସଂଖ୍ୟା | ଭିନ୍ନକ୍ଷମଙ୍କ ସଂପୂର୍ଣ୍ଣ ହୋଇଥିବା ଘର ସଂଖ୍ୟା | ଭିନ୍ନକ୍ଷମଙ୍କ ଅସମ୍ପୂର୍ଣ୍ଣ ଘର ସଂଖ୍ୟା |
|---|---|---|---|---|---|
| 2016-17 | 3,96,078 | 684 | 3,74,027 | 659 | 25 |
| 2017-18 | 3,40,488 | 536 | 3,19,775 | 505 | 31 |
| 2018-19 | 2,55,951 | 337 | 2,36,755 | 302 | 35 |
| 2019-20 | 6,54,858 | 428 | 5,29,633 | 372 | 56 |
| 2020-21 | 1,90,302 | 148 | 1,18,965 | 77 | 71 |
| ମୋଟ | **18,37,677** | **2,133** | **15,79,155** | **1,915** | **218** |

***(ଉତ୍ସ: ପିଆର୍ ଆଣ୍ଡ ଡିଡବ୍ଲୁ ବିଭାଗ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ଉପରୋକ୍ତ ତଥ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ, ଅନୁମୋଦିତ ସମୁଦାୟ ଘରର ମାତ୍ର 0.12 ପ୍ରତିଶତ ଘର ଭିନ୍ନକ୍ଷମ ବର୍ଗ ପାଇଁ ମଞ୍ଜୁର କରାଯାଇଥିଲା ।

ପୁନଶ୍ଚ, ଅଡିଟ୍ ପରିଲକ୍ଷିତ କଲା ଯେ, ଏସ୍ଇସିସି ତଥ୍ୟ ଅନୁଯାୟୀ ରାଜ୍ୟରେ 3.45 ଲକ୍ଷ ଯୋଗ୍ୟ ଭିନ୍ନକ୍ଷମ ପରିବାର ଥିବା ସ୍ଥଳେ ଏହି ଯୋଜନାରେ ନିର୍ଦ୍ଧାରିତ ନିୟମାବଳୀ ପୂରଣ କରିବା ପାଇଁ 83,962[22] ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ଥିଲା । ଏହି ଭିନ୍ନକ୍ଷମ ପରିବାର ମଧ୍ୟରୁ ଆବଶ୍ୟକ ପ୍ରତିଶତ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିଥିବା କଥା ନଥିପତ୍ରରୁ ସୂଚୀତ ହେଉନଥିଲା ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦର୍ଶାଇଥିଲେ (ଅକ୍ଟୋବର 2022) ଯେ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ତାଲିକା ପୂରଣ ହୋଇସାରିଛି ଏବଂ ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ତାଲିକାରୁ ଘର ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଘର ଯୋଗାଇ ଦିଆଯାଇଛି । ଉତ୍ତର ଗ୍ରହଣୀୟ ନଥିଲା କାରଣ ଯୁଗ୍ମ ସରଜମିନ ତଦନ୍ତ ସମୟରେ ଦେଖାଯାଇଥିଲା ଯେ ଚାରି ଜଣ

[22] 2016-17:ସମୁଦାୟ ଅନୁମୋଦନ 3,96,078 ରୁ ତିନି ପ୍ରତଶତ: 11,882; 2017-18: ସମୁଦାୟ ଅନୁମୋଦନ 3,40,488 ରୁ ପାଞ୍ଚ ପ୍ରତଶତ : 17,024; 2018-19: ସମୁଦାୟ ଅନୁମୋଦନ 2,55,951 ରୁ ପାଞ୍ଚ ପ୍ରତଶତ : 12,798; 2019-20: ସମୁଦାୟ ଅନୁମୋଦନ 6,54,858 ରୁ ପାଞ୍ଚ ପ୍ରତଶତ : 32,743 ଏବଂ 2020-21: ସମୁଦାୟ ଅନୁମୋଦନ 1,90,302 ରୁ ପାଞ୍ଚ ପ୍ରତଶତ: 9,515

ଭିନ୍ନକ୍ଷମ ବ୍ୟକ୍ତି କଚ୍ଚା ଗୃହରେ ବସବାସ କରୁଥିଲେ ଯେଉଁମାନେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିଲେ ଏବଂ ସେମାନଙ୍କ ନାମ ଭିନ୍ନକ୍ଷମ ତାଲିକାରେ ନଥିଲା ।

### *2.1.5.12 ଭୂମିହୀନ ହିତାଧିକାରୀଙ୍କୁ ଗୃହପୋଯୋଗୀ ସ୍ଥାନ ବ୍ୟବସ୍ଥା*

ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.22 ଦର୍ଶାଏ ଯେ ଭୂମିହୀନଙ୍କ କ୍ଷେତ୍ରରେ ରାଜ୍ୟ ସୁନିଶ୍ଚିତ କରିବେ ଯେ ସେମାନଙ୍କୁ ସରକାରୀ ତଥା ବେସରକାରୀ ଜମି ଯୋଗାଇ ଦିଆଯାଇଛି । ପିଡବ୍ଲୁଏଲ୍ ଚୂଡ଼ାନ୍ତ ହେବା ପରେ, ଭୂମିହୀନ ପରିବାରକୁ ଜମି ଯୋଗାଇ ଦିଆଯିବା ବିଷୟ ରାଜ୍ୟ ନିଶ୍ଚିତ କରିବା ଆବଶ୍ୟକ । ଘର ନିର୍ମାଣ ପାଇଁ ଗୃହପୋଯୋଗୀ ଜମି ନଥିବା ପରିବାରଗୁଡ଼ିକ ହିଁ ଅନ୍ୟ ପରିବାର ଗୁଡ଼ିକ ମଧ୍ୟରେ ଜମି ପାଇବାକୁ ସବୁଠାରୁ ଯୋଗ୍ୟ ତେଣୁ ଓଡ଼ିଶା ସରକାର ସମସ୍ତ ଜିଲ୍ଲାପାଳ/ ପିଡି, ଡିଆର୍‌ଡିଏଙ୍କୁ ନିର୍ଦ୍ଦେଶ ଦେଇଥିଲେ (ଅଗଷ୍ଟ 2019) ଯେ ଭୂମିହୀନ ପରିବାରମାନେ ଯେଉଁଠାରେ ବାସଗୃହ ନିର୍ମାଣ କରି ରହିଛନ୍ତି ସେହି ସ୍ଥାନରେ ସେମାନଙ୍କୁ ଜମି ଯୋଗାଇ ଦେବା ବିଷୟକୁ ତଦାରଖ କରିବାକୁ ଏକ ସବ୍-ଡିଭିଜନାଲ କମିଟି ଗଠନ କରିବାକୁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ସମସ୍ତ ଜିଲ୍ଲାକୁ ନିର୍ଦ୍ଦେଶ ଦେଇଥିଲେ (ଜୁଲାଇ 2018) । କମିଟି, ଚିହ୍ନିତ ଭୂମିହୀନ ପରିବାରର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିବାକୁ ଥିଲା । ଗ୍ରାମୀଣ ଗୃହ ଯୋଗାଣ ଯୋଜନାରେ ବଛାଯାଇଥିବା ଭୂମିହୀନ ହିତାଧିକାରୀଙ୍କୁ ଜମି ପ୍ରଦାନ ପାଇଁ ବେସରକାରୀ ଜମି କିଣିବା କ୍ଷେତ୍ରରେ ଜିଲ୍ଲା ରାଶି ପାଣ୍ଠିକୁ ବ୍ୟବହାର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ (ଜାନୁଆରୀ 2018) ।

ଅଡିଟ୍ ପରିଲକ୍ଷିତ କରିଥିଲା ଯେ ମାର୍ଚ୍ଚ 2021 ସୁଦ୍ଧା ଅନୁମୋଦିତ ପିଡବ୍ଲୁଏଲ୍ ଅନୁଯାୟୀ ରାଜ୍ୟରେ 57,932 ଭୂମିହୀନ ହିତାଧିକାରୀ ଥିଲେ । ଅଗଷ୍ଟ, 2021 ସୁଦ୍ଧା ଏଥି ମଧ୍ୟରୁ 40,608 (70 ପ୍ରତିଶତ) ଭୂମିହୀନ ରହିଥିଲେ । ସେମାନଙ୍କୁ ଏକ ବାସଗୃହ ପ୍ରଦାନ କରାଯାଇପାରି ନଥିଲା । ଅଡିଟ୍ ଏହା ମଧ୍ୟ ଲକ୍ଷ୍ୟ କରିଥିଲା ଯେ ଚିହ୍ନଟ ହୋଇଥିବା ଭୂମିହୀନ ପରିବାରକୁ ବାସପୋଯୋଗୀ ଜମି ଯୋଗାଇ ଦେବାକୁ ଜିଲ୍ଲା ସ୍ତରୀୟ ସବ୍-ଡିଭିଜନାଲ କମିଟିଗୁଡ଼ିକ, ଯାଞ୍ଚ କରାଯାଇଥିବା କୌଣସିଟି ଜିଲ୍ଲାରେ, ଗଠନ କରାଯାଇ ନଥିଲା ।

ଅଡିଟ୍ ପୁନଃ ପରିଲକ୍ଷିତ କରିଥିଲା ଯେ କୋଷାଗୁମୁଡ଼ା ବିଡିଓ 28 ଜଣ ଭୂମିହୀନଙ୍କୁ ଚିହ୍ନଟ କରିଥିଲେ ଏବଂ ପିଏମ୍‌ଏୱାଇ-ଜି ଅଧିନରେ ଗୃହ ନିର୍ମାଣ ପାଇଁ ଜମି ଯୋଗାଣକୁ ସୁନିଶ୍ଚିତ କରିବାକୁ ସଂପୃକ୍ତ କୋଡିଗାଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ (ଅଗଷ୍ଟ 2019) । ଏହି 28 ଜଣ ଭୂମିହୀନ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ସାତ ଜଣଙ୍କୁ ଗୃହ ଯୋଗାଇ ଦିଆଯାଇଥିଲା ବେଳେ ଅବଶିଷ୍ଟ 21 ଜଣ ହିତାଧିକାରୀଙ୍କ ନାମକୁ ବିନା କୌଣସି କାରଣ ଦର୍ଶାଇ ତାଲିକାରୁ ବାଦ୍ ଦିଆଯାଇଥିଲା ।

ଏହିପରି ଭାବରେ, ପିଏମ୍‌ଜିଏୱାଇ-ଜି ଅଧିନରେ ଭୂମିହୀନମାନଙ୍କୁ ଗୃହ ମଞ୍ଜୁର ପାଇଁ ଜମି ଯୋଗାଇ ଦେବାର ଉଦ୍ଦେଶ୍ୟ, ଯାଞ୍ଚ କରାଯାଇଥିବା ଜିଲ୍ଲା ଗୁଡ଼ିକରେ, ସାଧିତ ହୋଇପାରି ନଥିଲା ଏବଂ ସବୁଠାରୁ ଅସୁରକ୍ଷିତ ଓ ବଞ୍ଚିତ ନାଗରିକ ଭାବରେ ଏହି ବର୍ଗର ହିତାଧିକାରୀମାନେ ପିଏମ୍‌ଜିଏୱାଇ-ଜି ଯୋଜନାର ଅନ୍ତର୍ଭୁକ୍ତ ହୋଇପାରି ନଥିଲେ । ସତ୍ୟତାକୁ ସ୍ୱୀକାର କରି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦର୍ଶାଇଥିଲେ (ଅକ୍ଟୋବର 2022) ଯେ ଭୂମିହୀନ ହିତାଧିକାରୀଙ୍କୁ ଗୃହ ଜମି ଯୋଗାଇ ଦେବାକୁ ରାଜ୍ୟର ଆର୍‌ଡିଏମ୍, ନିର୍ମାଣ, ଇସ୍ପାତ୍ ଓ ଖଣି, ଆଇନ୍, ଜଙ୍ଗଲ, ଏସ୍‌ଟି ଆଣ୍ଡ ଏସ୍‌ସି ବିଭାଗ ଗୁଡ଼ିକ ମଧ୍ୟରେ ସମନ୍ୱୟ ପ୍ରକ୍ରିୟା ଚାଲୁରହିଛି ।

### *2.1.5.13 ମହିଳା ସଦସ୍ୟା ଓ ଭିନ୍ନକ୍ଷମଙ୍କ ନାମରେ ଘର ମଞ୍ଜୁର*

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.3.2 ରେ ଧାର୍ଯ୍ୟ କରାଯାଇଛି ଯେ ଘର ଆବଣ୍ଟନ ମିଳିତ ଭାବରେ ସ୍ୱାମୀ ଓ ସ୍ତ୍ରୀ ଙ୍କ ନାମରେ କିମ୍ବା କେବଳ ମହିଳାଙ୍କ ନାମରେ କରାଯିବ । ପୁନଶ୍ଚ, ଭିନ୍ନକ୍ଷମ ସଂରକ୍ଷଣ ତାଲିକାରୁ ଚିହ୍ନଟ କରାଯାଇଥିବା ହିତାଧିକାରଙ୍କ କ୍ଷେତ୍ରରେ ମଞ୍ଜୁର କେବଳ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମରେ ହେବା ଆବଶ୍ୟକ ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦେଇଥିବା ସୂଚନା ମୁତାବକ 2016-17 ଠାରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ ମଞ୍ଜୁର ହୋଇଥିବା ସମୁଦାୟ 18.38 ଲକ୍ଷ ଘର ମଧ୍ୟରୁ 7.31 ଲକ୍ଷ ଘର ପୁରୁଷ ସଦସ୍ୟଙ୍କ ନାମରେ ମଞ୍ଜୁର କରାଯାଇଥିଲା ।

ପୁନଶ୍ଚ, ଏହି ସମୟ ମଧ୍ୟରେ 2,133 ଟି ଗୃହ ଭିନ୍ନକ୍ଷମ ସଂରକ୍ଷିତ ତାଲିକାରୁ ବଛାଯାଇଥିବା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଦର୍ଶାଯାଇଥିଲା ବେଳେ କେବଳ ଭିନ୍ନକ୍ଷମଙ୍କ ନାମରେ ମଞ୍ଜୁର କରାଯାଇଥିବା ଗୃହର ସଂଖ୍ୟା ବିଭାଗ ପାଖରେ ଉପଲବ୍ଧ ନଥିଲା ।

ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗ ସତ୍ୟକୁ ସ୍ୱୀକାର କରି ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ଏହି ବିଷୟରେ ସୂଚନା ପ୍ରଦାନ କରାଯାଇଛି ଏବଂ ଏହାକୁ ଅନୁସରଣ କରାଯିବ ।

***ସୁପାରିଶ:***

1. ***ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରି ରାଜ୍ୟ ସରକାର ପିଡବ୍ଲୁଏଲ୍‌କୁ ଚୂଡ଼ାନ୍ତ କରିପାରନ୍ତି ।***
2. ***ଅଟୋଜେନେରେଟେଡ୍ ପିଡବ୍ଲୁଏଲ୍ ଅନୁଯାୟୀ ଘରଗୁଡ଼ିକୁ ଅନୁମତି ଦେବାରେ ସ୍ୱଚ୍ଛତା ବିଷୟ ରଖିବାକୁ ବାର୍ଷିକ ଚୟନ ତାଲିକା ପ୍ରସ୍ତୁତ କରାଯାଇପାରେ ।***
3. ***ରାଜମିସ୍ତ୍ରୀ ପ୍ରଶିକ୍ଷଣ ବାବଦରେ ସନ୍ଦେହାତ୍ମକ ଦେୟ ଉପରେ ବିସ୍ତୃତ ଭାବେ ଅନୁସନ୍ଧାନ କରାଯାଇପାରେ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇପାରେ ।***

### *2.1.6 ରାଜ୍ୟରେ ଏହି ଯୋଜନାର ଭୌତିକ ପ୍ରଗତି*

*ଯେହେତୁ 0.41 ଲକ୍ଷ ଘର ଠିକ୍ ସମୟରେ ସମାପ୍ତ ହୋଇପାରିଲା ନାହିଁ, 295 କୋଟି ଟଙ୍କାର ଏଡ଼ାଇବା ଯୋଗ୍ୟ ଆର୍ଥିକ ବୋଝ ଆହୁରି ମଧ୍ୟ, ଅସମ୍ପୂର୍ଣ୍ଣ ଘରଗୁଡ଼ିକ ଆୱାସସଫ୍‌ଟରେ ସମ୍ପୂର୍ଣ୍ଣ ହୋଇଥିବା ପରି ଦେଖାଯାଇଥିଲା, ବ୍ୟବସାୟିକ ଉଦ୍ଦେଶ୍ୟରେ ଘର ନିର୍ମାଣ କରାଯାଇଥିଲା ଏବଂ ବଡ଼ ଆକାରର ଘର ନିର୍ମାଣ ଲକ୍ଷ୍ୟ କରାଯାଇଥିଲା ।*

#### *2.1.6.1 ଲକ୍ଷ୍ୟ ଏବଂ ସଫଳତା*

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.6.2 ପ୍ରଦାନ କରେ ଯେ ମଞ୍ଜୁରୀ ତାରିଖ ଠାରୁ 12 ମାସ ମଧ୍ୟରେ ଘର ନିର୍ମାଣ ଶେଷ ହେବାର ଥିଲା । ପିଏମ୍‌ଏୱାଇ-ଜି ଅଧୀନରେ ଘର ନିର୍ମାଣର ଲକ୍ଷ୍ୟ ଏବଂ 31 ମାର୍ଚ୍ଚ 2021 ସୁଦ୍ଧା ସେଠାରେ ସଫଳତାର ସ୍ଥିତି ସାରଣୀ 2.3 ରେ ଦର୍ଶାଯାଇଛି ।

***ସାରଣୀ 2.3: ଲକ୍ଷ୍ୟ ଏବଂ ସଫଳତା (ଲକ୍ଷରେ)***

| ଆର୍ଥିକ ବର୍ଷ | ନିର୍ମାଣ ପାଇଁ ଲକ୍ଷ୍ୟ | ଅନୁମୋଦିତ ସଂଖ୍ୟା | ସମ୍ପୂର୍ଣ୍ଣ ହୋଇଥିବା ସମୁଦାୟ ଘର ସଂଖ୍ୟା (ମାର୍ଚ୍ଚ 2021 ସୁଦ୍ଧା ) | ସମାପ୍ତି ପ୍ରତିଶତ | ଅସମ୍ପୂର୍ଣ୍ଣ ଘର ସଂଖ୍ୟା (ମାର୍ଚ୍ଚ 2021 ସୁଦ୍ଧା ) |
|---|---|---|---|---|---|
| 1 | 2 | 3 | 4 | 5 | 6=(3-4) |
| 2016-17 | 3.96 | 3.96 | 3.74 | 94 | 0.22 |
| 2017-18 | 3.40 | 3.41 | 3.20 | 94 | 0.21 |
| 2018-19 | 2.56 | 2.56 | 2.37 | 93 | 0.19 |
| 2019-20 | 6.91 | 6.55 | 5.30 | 81 | 1.25 |
| 2020-21 | 2.02 | 1.90 | 1.19 | 63 | 0.71 |
| ମୋଟ | 18.85 | 18.38 | 15.80 | 86 | 2.58 |

***(ଉତ୍ସ: ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ 18.38 ଲକ୍ଷ ଘର ମଞ୍ଜୁର ମଧ୍ୟରୁ, ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ କେବଳ 15.80 ଲକ୍ଷ ଘର (86 ପ୍ରତିଶତ) ନିର୍ମାଣ ଶେଷ ହୋଇଥିଲା । ତଥାପି, ଘର ସମାପ୍ତ ହେବାର ପ୍ରତିଶତ ହ୍ରାସ ପାଇଛି, ଯାହା 2016-17 ଆର୍ଥିକ ବର୍ଷରେ 94 ପ୍ରତିଶତରୁ 2020-21 ଆର୍ଥିକ ବର୍ଷରେ 63 ପ୍ରତିଶତକୁ ହ୍ରାସ ପାଇଛି ଯାହା ଚାର୍ଟ ***2.1*** ରେ ଦର୍ଶାଯାଇଛି ।

*ଚାର୍ଟ-2.1: ଲକ୍ଷ୍ୟ ଏବଂ ସଫଳତା*




ପୁନଶ୍ଚ, 2019-20 ଏବଂ 2020-21 ଆର୍ଥିକ ବର୍ଷ ମଧ୍ୟରେ, ସ୍ଥାୟୀ ପ୍ରତୀକ୍ଷା ତାଲିକାରେ ପର୍ଯ୍ୟାପ୍ତ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କ ଅଭାବରୁ ସମଗ୍ର ଆବଣ୍ଟିତ ଲକ୍ଷ୍ୟ ମଞ୍ଜୁର ହୋଇପାରିଲା ନାହିଁ । ଏହା ବ୍ୟତୀତ ସ୍ଥାୟୀ ପ୍ରତୀକ୍ଷା ତାଲିକାରେ ହରିଜନ/ ଆଦିବାସୀ ହିତାଧିକାରୀମାନେ ଶେଷ ହୋଇସାରିଥିଲେ, ତେଣୁ ଏସ୍‌ସି/ ଏସ୍‌ଟି ହିତାଧିକାରୀମାନଙ୍କ ପାଇଁ ସର୍ବନିମ୍ନ 60 ପ୍ରତିଶତ ମଞ୍ଜୁରୀ ପ୍ରଦାନ କରାଯାଇପାରିଲା ନାହିଁ ।

### *2.1.6.2 ଅସମ୍ପୂର୍ଣ୍ଣ ଘର*

ଅଡିଟ୍ ଦେଖିଲା ଯେ, ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ, ଘର ନିର୍ମାଣ ପାଇଁ 18.38 ଲକ୍ଷ ମଞ୍ଜୁରୀ ପ୍ରଦାନ କରାଯାଇଥିଲା, ମାତ୍ର 31 ମାର୍ଚ୍ଚ 2021 ସୁଦ୍ଧା 2.58 ଲକ୍ଷ ଘର ଅସମ୍ପୂର୍ଣ୍ଣ ରହିଲା । ଏହି 2.58 ଲକ୍ଷ ଅସମ୍ପୂର୍ଣ୍ଣ ଘର ମଧ୍ୟରୁ 1.87 ଲକ୍ଷ ଘର ଏକ ବର୍ଷରୁ ଅଧିକ ସମୟ ଧରି ଅସମ୍ପୂର୍ଣ୍ଣ ରହିଥିଲା । ଅସମ୍ପୂର୍ଣ୍ଣ ଘରର ବର୍ଷ ଅନୁଯାୟୀ ବିବରଣୀ ଏବଂ ପରବର୍ତ୍ତୀ ସମୟରେ କିସ୍ତି ପ୍ରଦାନ ତାହା ସାରଣୀ 2.4 ରେ ପ୍ରଦାନ କରାଯାଇଅଛି ।

*ସାରଣୀ 2.4: ଅସମ୍ପୂର୍ଣ୍ଣ ଘର*

| ଆର୍ଥିକ ବର୍ଷ | ଅସମ୍ପୂର୍ଣ୍ଣ ଘର | କିସ୍ତି ପ୍ରଦାନ ହୋଇନାହିଁ | ପ୍ରଥମ କିସ୍ତି ପୈଠ | ଦ୍ୱିତିୟ କିସ୍ତି ପୈଠ | ତୃତୀୟ କିସ୍ତି ପୈଠ |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 2016-17 | 22,051 | 97 | 9,695 | 7,627 | 4,632 |
| 2017-18 | 20,713 | 98 | 7,814 | 7,417 | 5,384 |
| 2018-19 | 19,196 | 108 | 6,954 | 7,414 | 4,720 |
| 2019-20 | 1,25,225 | 11,124 | 40,000 | 53,297 | 20,804 |
| 2020-21 | 71,337 | 12,456 | 20,279 | 33,473 | 5,129 |
| ମୋଟ | **2,58,522** | **23,883** | **84,742** | **1,09,228** | **40,669** |


*( ଉତ୍ସ: ପିଆର୍ ଆଣ୍ଡ ଡିଡବ୍ଲୁ ବିଭାଗ ଦ୍ୱାରା ପ୍ରଦତ୍ତ ତଥ୍ୟ)*

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ, (କ) 23,883 ମାମଲାରେ ହିତାଧିକାରୀଙ୍କୁ କୌଣସି କିସ୍ତି ସହାୟତା ପ୍ରଦାନ କରାଯାଇ ନାହିଁ । ଯଦିଓ, ଘର ନିର୍ମାଣ ପାଇଁ ପ୍ରତିବନ୍ଧକ ଜାରି କରାଯାଇଥିଲା, ବିଭାଗ ଦ୍ୱାରା ଦର୍ଶାଯାଇଥିବା ଅନୁଯାୟୀ ହିତାଧିକାରୀମାନେ ମୂଳଦୁଆ ଖୋଳି ନଥିବାରୁ ପ୍ରଥମ କିସ୍ତି ପ୍ରଦାନ କରାଯାଇ ନାହିଁ । ଆହୁରି ମଧ୍ୟ, 2.35 ଲକ୍ଷ ମାମଲାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କିସ୍ତି ପ୍ରଦାନରେ ଘରଗୁଡ଼ିକ ସମ୍ପୂର୍ଣ୍ଣ ହୋଇନାହିଁ ।

(ii) ପୁନଶ୍ଚ, ଆୱାସସଫ୍ଟ ତଥ୍ୟ (ଅଗଷ୍ଟ 2021) ର ବିଶ୍ଳେଷଣରୁ ଜଣାପଡ଼ିଲା ଯେ ରାଜ୍ୟ ହାରାହାରି 14.04 ପ୍ରତିଶତ ଅସମ୍ପୂର୍ଣ୍ଣ ଘରର ତୁଳନାରେ ଓଡ଼ିଶାର ଜିଲ୍ଲାରେ ଅସମ୍ପୂର୍ଣ୍ଣ ଘରର ପ୍ରତିଶତ 0.66 ପ୍ରତିଶତ (ସମ୍ବଲପୁର) ରୁ

24.57 ପ୍ରତିଶତ (ବୌଦ୍ଧ) ପର୍ଯ୍ୟନ୍ତ ଭିନ୍ନ ଥିଲା, ଯାହାର ସବିଶେଷ ବିବରଣୀ ପରିଶିଷ୍ଟ 2.6 ରେ ଦର୍ଶାଯାଇଅଛି । ଆହୁରି ମଧ୍ୟ, ଅସମ୍ପୂର୍ଣ୍ଣ ଘରର ପ୍ରତିଶତ ନଅଟି ଜିଲ୍ଲା[23]ରେ ରାଜ୍ୟ ହାରାହାରି (14.07 ଅତିକ୍ରମ କରିଥିଲା ।

***ଚାର୍ଟ 2.2: ଜିଲ୍ଲାୱାରୀ ଅସମ୍ପୂର୍ଣ୍ଣ ଘର ପ୍ରତିଶତ***




ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଚଳିତ ଆର୍ଥିକ ବର୍ଷରେ ସମସ୍ତ ଅସମ୍ପୂର୍ଣ୍ଣ ଘର ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନିଆଯାଇଛି । ବିଭାଗୀୟ ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ବିଭାଗ, କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଘର ମଞ୍ଜୁର ହେବାର ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବା ସୁନିଶ୍ଚିତ କରିବାର ଥିଲା ।

### *2.1.6.3 ନିର୍ଦ୍ଧାରିତ ସମୟ ମଧ୍ୟରେ ଘର ମଞ୍ଜୁର ନକରିବା ଫଳରେ ରାଜ୍ୟ ସରକାରଙ୍କ ଉପରେ ଅତିରିକ୍ତ ବୋଝ*

କାର୍ଯ୍ୟାନ୍ୱୟନ ରୂପରେଖ ନିର୍ଦ୍ଦେଶାବଳୀ ଅନୁଚ୍ଛେଦ 9.2.1 ରେ ଦର୍ଶାଯାଇଛି ଯେ, କେନ୍ଦ୍ର ଦ୍ୱାରା ଦିଆଯାଇଥିବା ରାଜ୍ୟର ଧାର୍ଯ୍ୟଲକ୍ଷ୍ୟ ତିନି ମାସ ମଧ୍ୟରେ ଘର ମଞ୍ଜୁର ପ୍ରଦାନ କରାଯିବ ଏବଂ ମଞ୍ଜୁରୀର 15 ଦିନ ମଧ୍ୟରେ ପ୍ରଥମ କିସ୍ତି ପ୍ରଦାନ କରାଯିବ ।

ଅଡିଟ୍ ସୂଚନା ପାଇଲା ଯେ, ରାଜ୍ୟଗୁଡ଼ିକ ଦ୍ୱାରା ଗୃହ ମଞ୍ଜୁରୀର ବିଳମ୍ବ ହେତୁ (ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଲକ୍ଷ୍ୟ ଅନୁଯାୟୀ) ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ରାଜ୍ୟଗୁଡ଼ିକୁ ଜୁନ୍ 2021 ରେ ଅନୁରୋଧ କରିଥିଲେ ଯେ ଆର୍ଥିକ ବର୍ଷ 2016-17 ରୁ 2020-21 ଯାହାକି 31 ଜୁଲାଇ 2021 ସୁଦ୍ଧା ମଞ୍ଜୁର ସମସ୍ତ ବିଚାରାଧିନ ଗୃହକୁ ସମ୍ପୂର୍ଣ୍ଣ କରିବେ । 31 ଜୁଲାଇ 2021 ପରେ ମଞ୍ଜୁରୀ ପାଇଁ ବିଚାରାଧିନ ଥିବା ଘର ଗୁଡ଼ିକ ସଂପୃକ୍ତ ରାଜ୍ୟ ଗୁଡ଼ିକର ଦାୟିତ୍ୱ ନେବେ ଏବଂ ରାଜ୍ୟ ସମ୍ବଳରୁ ଏହାକୁ ସମ୍ପୂର୍ଣ୍ଣ କରିବେ ଏବଂ ମନ୍ତ୍ରାଳୟ ଦ୍ୱାରା ଏହି ଗୃହ ସମ୍ପୂର୍ଣ୍ଣ କରିବା ପାଇଁ କୌଣସି କେନ୍ଦ୍ରୀୟ ଆର୍ଥିକ ସହାୟତା ପ୍ରଦାନ କରାଯିବ ନାହିଁ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ରାଜ୍ୟଗୁଡ଼ିକର ହାସଲ ହୋଇନଥିବା ଧାର୍ଯ୍ୟ ଲକ୍ଷ୍ୟ ସମର୍ପଣ କରିବାକୁ କୁହାଯାଇଛି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ 31 ଜୁଲାଇ 2021 ସୁଦ୍ଧା ଆର୍ଥିକ ବର୍ଷ 2016-17 ରୁ 2020-21 ଅବଧି ମଧ୍ୟରେ ପଞ୍ଜୀକରଣ ଏବଂ ମଞ୍ଜୁର ହୋଇଥିବା ଘରର ତଥ୍ୟ ପ୍ରଦାନ କରିପାରିଲେ ନାହିଁ ।

ପୁନଶ୍ଚ, ଅଡିଟ୍ ଉଲ୍ଲେଖ କରିଛି ଯେ, 18.85 ଲକ୍ଷ ଗୃହ ଲକ୍ଷ୍ୟ ପ୍ରାବଧରେ 2020-21 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବିଭାଗ କେବଳ 18.38 ଲକ୍ଷ ଘର (ମାର୍ଚ୍ଚ 2021) ମଞ୍ଜୁରୀ କରିପାରିବ ଯାହା 0.47 ଲକ୍ଷ ଘର ସନ୍ତୁଳନ ଛାଡ଼ିପାରିବ । ତେବେ ବିଭାଗର ଉତ୍ତର (ଅକ୍ଟୋବର 2022) ଅନୁଯାୟୀ, 0.41 ଲକ୍ଷ ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ଘର ମଞ୍ଜୁର କରାଯାଇନଥିଲା । ତେଣୁ, ରାଜ୍ୟ ସରକାରଙ୍କୁ ଏହି 0.41 ଲକ୍ଷ ଘର ମୂଲ୍ୟ ବହନ କରିବାକୁ ପଡ଼ିବ ଯାହାଫଳରେ

[23] ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଳାହାଣ୍ଡି, କେନ୍ଦ୍ରାପଡ଼ା, ମୟୁରଭଞ୍ଜ, ନୂଆପଡ଼ା ଏବଂ ସୋନପୁର

ରାଜ୍ୟକୁ 295[24]କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ପଡ଼ିଲା ଯାହାକୁ ଏଡ଼ାଯାଇ ପାରିଥାନ୍ତା, ଯଦି ନିର୍ଦ୍ଧାରିତ ଅବଧି ମଧ୍ୟରେ ଏହି ପ୍ରତିବନ୍ଧକ ଲଗାଯାଇଥାଆନ୍ତା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ପିଡବ୍ଲୁଏଲ୍‌ରେ ଯୋଗ୍ୟ ଏଚ୍ଏଚ୍ ଉପଲବ୍ଧ ନଥିବାରୁ ଭୂମିହୀନ ଏଚ୍ଏଚ୍ ଏବଂ ଏଚ୍ଏଚ୍ ଜମି ବିବାଦ ଥିବାରୁ ଘର ଗୁଡ଼ିକୁ ମଞ୍ଜୁର କରାଯାଇପାରିଲା ନାହିଁ । ତଥାପି, ବାସ୍ତବତା ରହିଲା ଯେ ରାଜ୍ୟ ସରକାର କେନ୍ଦ୍ରୀୟ ଅଂଶ ହରାଇଲେ ଯାହାଫଳରେ ରାଜ୍ୟ ରାଜକୋଷ ପାଇଁ ଅତିରିକ୍ତ ବୋଝ ପଡ଼ିଲା ।

### 2.1.6.4 ଆଇନଗତ ଉତ୍ତରାଧିକାରୀଙ୍କ ବିନା ମୃତ୍ୟୁ ବରଣ କରିଥିବା ହିତାଧିକାରୀଙ୍କ ଅସମ୍ପୂର୍ଣ୍ଣ ଘର

ଏମ୍ଓଆର୍ଡି ପିଏମ୍ଏୱାଇ-ଜିର ମୃତ ହିତାଧିକାରୀଙ୍କ ସହ କାରବାର ପାଇଁ ଗ୍ରହଣ କରାଯିବାକୁ ଥିବା ବିସ୍ତୃତ ପ୍ରକ୍ରିୟା ଜାରି କରାଯାଇଅଛି (ଫେବୃଆରୀ 2020)। ଯେଉଁମାନଙ୍କର ଆଇନଗତ ଉତ୍ତରାଧିକାରୀ ନାହାନ୍ତି ଯଥା - ଅବ୍ୟବହୃତ ସହାୟତା, ପୁନରୁଦ୍ଧାର, ଗାଆଁରେ ଭୂମିହୀନ ହିତାଧିକାରଙ୍କୁ ମୃତ ବ୍ୟକ୍ତିଙ୍କ ଜମି ଆବଣ୍ଟନ ଇତ୍ୟାଦି ।

ଅଡିଟ୍ ଲକ୍ଷ୍ୟ କରିଛି ଯେ, ନବରଙ୍ଗପୁର ଓ ସମ୍ବଲପୁର ଜିଲ୍ଲାରେ 95 ଟି ଅସମ୍ପୂର୍ଣ୍ଣ ଘର ଥିଲା, ଯାହା ବିରୁଦ୍ଧରେ ରାଜ୍ୟ ଦ୍ୱାରା ହିତାଧିକାରଙ୍କୁ 44.80 ଲକ୍ଷ ଟଙ୍କା ଦେୟ ପ୍ରଦାନ କରାଯାଇଅଛି । ଅଡିଟ୍ ଉଲ୍ଲେଖ କରିଛି ଯେ, ଏହି ଅସମ୍ପୂର୍ଣ୍ଣ ଘରର ହିତାଧିକାରୀମାନେ କୌଣସି ଆଇନଗତ ଉତ୍ତରାଧିକାରୀ ନଛାଡ଼ି ସମୟ ସମାପ୍ତ କରିଛନ୍ତି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ରାଜସ୍ୱ ଆଇନର ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ, ଏହି ମାମଲା ଗୁଡ଼ିକର ମୁକାବିଲା ପାଇଁ ଜିଲ୍ଲା ଗୁଡ଼ିକୁ (ମାର୍ଚ୍ଚ 2022) ନିର୍ଦ୍ଦେଶ ଦିଆଯାଇଛି ।

### 2.1.6.5 ଘରଗୁଡ଼ିକର ଭୌତିକ ଯାଞ୍ଚ

ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁସାରେ ଆର୍ଥିକ ବର୍ଷ 2016-21 ଅବଧିରେ 18.38 ଲକ୍ଷ ଘର ମଞ୍ଜୁରୀ ହୋଇଥିଲା, 15.80 ଲକ୍ଷ ଘର ସମ୍ପୂର୍ଣ୍ଣ ହୋଇଥିଲା ଏବଂ 2.58 ଲକ୍ଷ ଘର ଅସମ୍ପୂର୍ଣ୍ଣ ରହିଥିଲା । ନମୁନା ଯାଞ୍ଚ ଜିଲ୍ଲାଗୁଡ଼ିକରୁ ଦେଖାଗଲା ଯେ 7.31 ଲକ୍ଷ ଘର ମଞ୍ଜୁରୀ ମଧ୍ୟରୁ, 6.27 ଲକ୍ଷ ଘର ସଂପୂର୍ଣ୍ଣ ହୋଇଛି ଓ ଅବଶିଷ୍ଟ 1.04 ଲକ୍ଷ ଘର ଅସମ୍ପୂର୍ଣ୍ଣ ଥିବାର ଦେଖାଗଲା । ଆଠଟି ନମୁନା ଯାଞ୍ଚ ଜିଲ୍ଲାରେ, ଆୱାସସଫ୍ଟରେ ସମ୍ପୂର୍ଣ୍ଣ ହୋଇଥିବା 647 ଟି ଘରର ମିଳିତ ଭୌତିକ ଯାଞ୍ଚ (ଜେପିଆଇ) କରାଯାଇଥିଲା ଏବଂ ନିମ୍ନଲିଖିତ ଲକ୍ଷ୍ୟ କରାଯାଇଥିଲା:

- ହିତାଧିକାରୀଙ୍କ ଦ୍ୱାରା 370 (57 *ପ୍ରତିଶତ*) ଘର ବ୍ୟବହାର କରାଯାଉଥିଲା ।
- ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ 3.31 କୋଟି ଟଙ୍କା ପ୍ରଦାନ ସହିତ ଆୱାସସଫ୍ଟରେ 277 (43 ପ୍ରତିଶତ) ଘର ଯାହା ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିଲା, ପ୍ରକୃତରେ ସମ୍ପୂର୍ଣ୍ଣ ହୋଇନଥିଲା ଯେପରି ନିମ୍ନରେ ଫଟୋଗ୍ରାଫ ଗୁଡ଼ିକ ଦର୍ଶାଯାଇଛି ।

**ଫଟୋଗ୍ରାଫ୍-2.4 ଏବଂ 2.5: ଆୱାସସଫ୍ଟରେ ଅସମ୍ପୂର୍ଣ୍ଣ ଘର ଗୁଡ଼ିକ ସମ୍ପୂର୍ଣ୍ଣ ହୋଇଛି**




*ପାଟି ଜାନିର, ଆଇଡି ସଂଖ୍ୟା ଓଆର୍ 4666180 ଅସମ୍ପୂର୍ଣ୍ଣ ଘର (ଛାତ କାଷ୍ଟିଂ ବିନା) ଚକଲାପଦର ଜିପି, ଝରିଗାଁ ପିଏସ୍, ନବରଙ୍ଗପୁର ଜିଲ୍ଲାର ଆୱାସ ସଫଟ୍‌ରେ ସମ୍ପୂର୍ଣ୍ଣ ହେବା ଦର୍ଶାଇ ପୂର୍ଣ୍ଣ ସହାୟତା ରାଶି 1.30 ଲକ୍ଷ ଟଙ୍କା ପ୍ରଦାନ*




*ଅସମ୍ପୂର୍ଣ୍ଣ ଘର (ଛାତ କାଷ୍ଟିଂ ବିନା)* ନିନିମଣୀ ହରିଜନ, ଆଇଡି ସଂଖ୍ୟା ଓଆର୍ *4703427 କୋଷାଗୁମୁଡ଼ା ଜିପି/ ବ୍ଲକ୍, ନବରଙ୍ଗପୁର ଜିଲ୍ଲା ଆୱାସ ସଫ୍ଟରେ ଘର ସମ୍ପୂର୍ଣ୍ଣ ଦର୍ଶାଇ ପୂର୍ଣ୍ଣ ସହାୟତା ରାଶି 1.30 ଲକ୍ଷ ଟଙ୍କା ପ୍ରଦାନ*

[24] ଘରଗୁଡ଼ିକ 40,968 X କେନ୍ଦ୍ରୀୟ ଅଂଶ ଘର ପ୍ରତି ସର୍ବନିମ୍ନ 72,000 ଟଙ୍କା

- ସାତ ଜଣ ହିତାଧିକାରୀ ଘର ନିର୍ମାଣ କରିବା ପରିବର୍ତ୍ତେ ଦୋକାନ ଘର ନିର୍ମାଣ କରିଥିଲେ, ଏହିପରି ଏକ ମାମଲାର ଫଟୋଗ୍ରାଫ୍ ନିମ୍ନରେ ସଂଲଗ୍ନ ହୋଇଛି ।

***ଫଟୋଗ୍ରାଫ୍ -2.6: ପିଏମ୍‌ଏୱାଇ-ଜି ଘର ଦୋକାନ ଘର ଭାବେ ବ୍ୟବହୃତ***




*ହରେକୃଷ୍ଣ ପ୍ରଧାନ (ଆଇଡି ନମ୍ବର 1210182) ମାନଗୋବିନ୍ଦପୁର ଜିପି, ବଡ଼ସାହି ବ୍ଲକ୍ ନିର୍ମିତ ଦୋକାନଘର ଦୁଇଟି କୋଠରୀ ସହିତ.*

ପୁନଶ୍ଚ, ଅଡିଟ୍ ଅସମ୍ପୂର୍ଣ୍ଣ ଘରର ମିଳିତ ଭୌତିକ ଯାଞ୍ଚ କରିଥିଲା ଏବଂ ଜାଣିବାକୁ ପାଇଲା ଯେ 143 ଟି ଘର (**ପରିଶିଷ୍ଟ *2.7***) ରେ ବିବରଣୀ ବୃହତ ପ୍ଲିନ୍ଥ ଅଞ୍ଚଳ ସହିତ ନିର୍ମାଣ କରାଯାଇଥିଲା ଯାହା 28 ରୁ 149 ବର୍ଗ କିଲୋମିଟର ପର୍ଯ୍ୟନ୍ତ ଥିଲା ଏବଂ ଏହିପରି ଅସମ୍ପୂର୍ଣ୍ଣ ରହିଲା ।

ଆୱାସ ସଫ୍ଟରେ ରକ୍ଷଣାବେକ୍ଷଣ କରାଯାଇଥିବା ପ୍ରକଳ୍ପ ଏବଂ ତଥ୍ୟର ଭୌତିକ ପ୍ରଗତି ଉପରେ ନଜର ରଖିବାରେ ଉପରୋକ୍ତ ଅଭାବ ତଥ୍ୟ, ଅଖଣ୍ଡତା ଏବଂ ବିଶ୍ୱସନୀୟତାର ଅଭାବ ଦେଖାଏ ।

ମିଳିତ ଭୌତିକ ଯାଞ୍ଚକୁ ଆଧାର କରି ନିମ୍ନଲିଖିତ ଅନିୟମିତତାଗୁଡ଼ିକ ଉଲ୍ଲେଖ କରାଗଲା-

- 53 ଟି କ୍ଷେତ୍ରରେ 50,000 କିମ୍ବା ତାଠାରୁ ଅଧିକ କ୍ରେଡିଟ୍ ସୀମା ସହିତ ପୂର୍ବରୁ ପକ୍କା ଘର ଦୁଇ/ ତିନି ଚକିଆ ଯାନ ଏବଂ କିଷାନ କ୍ରେଡିଟ୍ କାର୍ଡ ଥିବା ହିତାଧିକାରୀଙ୍କୁ ଘର ମଞ୍ଜୁର କରାଯାଇଥିଲା । ଏହି ହିତାଧିକାରୀମାନଙ୍କୁ 62.05 ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଏହା ହୋଇଥିବାର କାରଣ ପିଡବ୍ଲୁଏଲର ଚୂଡ଼ାନ୍ତକରଣ ପାଇଁ ଆବଶ୍ୟକ ପ୍ରକ୍ରିୟା ଗ୍ରାମ ସଭା ଦ୍ୱାରା ଅନୁସରଣ କରାଯାଇନଥିଲା ।
- 103 ଟି ମାମଲାରେ 46 ବର୍ଗ ମିଟରରୁ ଆରମ୍ଭ କରି ବୃହତ ଅଞ୍ଚଳରେ ଘର ନିର୍ମାଣ କରାଯାଇଥିଲା । 167 ବର୍ଗ ମିଟର ପର୍ଯ୍ୟନ୍ତ 30.00 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇଥିଲା, ଯେପରି ନିମ୍ନ ଫଟୋରେ ଦର୍ଶାଯାଇଛି ତାହା ସୂଚିତ କରୁଅଛି ଯେ, ଅଯୋଗ୍ୟ ହିତାଧିକାରୀ ଯେଉଁମାନେ ନିଜ ଘର ନିର୍ମାଣ କରିବାରେ ସକ୍ଷମ ଥିଲେ, ସେମାନଙ୍କୁ ପିଏମ୍‌ଏୱାଇ-ଜି ଅଧିନରେ ଘର ମଞ୍ଜୁର କରାଯାଇଛି । ଏହି ହିତାଧିକାରୀମାନଙ୍କୁ 1.30 କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ।

***ଫଟୋଗ୍ରାଫ୍ -2.7 ଏବଂ 2.8: ବୃହତ ପ୍ଲିନ୍ଥ ଅଞ୍ଚଳରେ ନିର୍ମିତ ଉଚ୍ଚ ମୂଲ୍ୟର ପିଏମ୍‌ଏୱାଇ-ଜି ଘର***





*ସୋମନାଥ ପୂଜାରୀଙ୍କ ପିଏମ୍‌ଏୱାଇ-ଜି ଘର, ହିତାଧିକାରୀ ଆଇଡି ସଂଖ୍ୟା ଓଆର୍ 4705700 ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ଗ୍ରାମ ପଞ୍ଚାୟତ/ ବ୍ଲକର ଛଅଟି କୋଠରୀ ସହିତ ସମାପ୍ତ ହୋଇଛି*

ବିଡିଓ ବ୍ୟକ୍ତ କଲେ (ଅକ୍ଟୋବର 2021 ରୁ ଜାନୁଆରୀ 2022) ଯେ, (i) ଅସମ୍ପୂର୍ଣ୍ଣ ଗୃହ ଗୁଡ଼ିକର କାର୍ଯ୍ୟ ଶେଷ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ଅନ୍ୟାନ୍ୟ ତ୍ରୁଟିର ସମୀକ୍ଷା କରାଯିବ। (ii) ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ଅନ୍ୟାନ୍ୟ ତ୍ରୁଟିର ସମୀକ୍ଷା କରାଯିବ। ଉତ୍ତର ଗ୍ରହଣୀୟ ନଥିଲା କାରଣ କ୍ଷେତ୍ର କାର୍ଯ୍ୟକର୍ତ୍ତାମାନେ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ ଲୋକ ଏବଂ ଅନ୍ୟ ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ଘର ମଞ୍ଜୁରୀ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିଶ୍ଚିତ କରିନାହାଁନ୍ତି।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଆବାସିକ ଉଦ୍ଦେଶ୍ୟରେ ଘର ବ୍ୟବହାର କରିବାକୁ ହିତାଧିକାରୀଙ୍କୁ ସମ୍ବେଦନଶୀଳ କରାଯାଇଛି ଏବଂ ଏହା ମଧ୍ୟ ଦର୍ଶାଯାଇଛି ଯେ, ଅଡିଟ୍ ଦ୍ୱାରା ଦର୍ଶାଯାଇଥିବା ହିତାଧିକାରୀ ଚୟନରେ ଅନିୟମିତତା ବିସ୍ତୃତ ଭାବେ ଅନୁସନ୍ଧାନ କରାଯିବ।

### *2.1.6.6 ପିଏମ୍ଏୱାଇ-ଜିର ଅଫିସିଆଲ୍ ଲୋଗୋ ପ୍ରଦର୍ଶନ*

ଏମ୍ଓଆର୍ଡି ନିର୍ଦ୍ଦେଶିତ (ଜୁଲାଇ 2017) ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ଓଡ଼ିଶା ଯେ ପିଏମ୍ଏୱାଇ-ଜିର ଲୋଗୋ ସମସ୍ତ ସମ୍ପୂର୍ଣ୍ଣ ହୋଇଥିବା ଘରେ ପ୍ରଦର୍ଶିତ ହେବ। ପିଏମ୍ଏୱାଇ-ଜି ଅଫିସିଆଲ୍ ଲୋଗୋ ମଧ୍ୟ ପିଏମ୍ଏୱାଇ-ଜିର ୱେବ୍ ସାଇଟ୍‌ରେ ଅପ୍ ଲୋଡ୍ କରାଯାଇଥିଲା।

ଏହା ଲକ୍ଷ୍ୟ କରାଯାଇଥିଲା ଯେ, ରାଜ୍ୟ ସରକାର ସମସ୍ତ ପିଏମ୍ଏୱାଇ-ଜି ଘରେ ପିଏମ୍ଏୱାଇ-ଜି ଏବଂ ବିପିଜିୱାଇର ଲୋଗୋ ଲଗାଇବାକୁ ଜିଲ୍ଲାପାଳମାନଙ୍କୁ ଡିସେମ୍ବର 2020 ଏବଂ ଜାନୁଆରୀ 2021 ରେ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଏମ୍ଓଆର୍ଡି (ଫେବୃଆରୀ 2021) ଏହିପରି ସହ-ବ୍ରାଣ୍ଡିଂ ଉପରେ ଆପତ୍ତି ଉଠାଇଥିଲେ। ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ (ମାର୍ଚ୍ଚ 2021) ସ୍ପଷ୍ଟ କରିଥିଲେ ଯେ ପିଏମ୍ଏୱାଇ-ଜି ଗୃହରେ ଏହାର ଆର୍ଥିକ ଅବଦାନକୁ ଦୃଷ୍ଟିରେ ରଖି ସହ-ବ୍ରାଣ୍ଡ କରିବାକୁ ନିଷ୍ପତ୍ତି ନେଇଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଗ୍ରହଣ କରିନଥିଲେ (ମାର୍ଚ୍ଚ 2021)। ସ୍ପଷ୍ଟୀକରଣରେ ଦର୍ଶାଇଥିଲେ ଯେ ସର୍ବନିମ୍ନ ରାଜ୍ୟ ଅଂଶର ଅବଦାନ କେନ୍ଦ୍ର ପ୍ରାୟୋଜିତ ଯୋଜନାର କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ପ୍ରତିବଦ୍ଧତା ଏବଂ ଏହା ପିଏମ୍ଏୱାଇ-ଜି ଲୋଗୋ ବ୍ୟତୀତ ଅନ୍ୟ କୌଣସି ଲୋଗୋ ବ୍ୟବହାର ପାଇଁ ରାଜ୍ୟ ସରକାରଙ୍କୁ ଅଧିକାର ପ୍ରଦାନ କରାଯାଇନାହିଁ। ମିଳିତ ଭୌତିକ ଯାଞ୍ଚ ସମୟରେ ଅଡିଟ୍ ଜାଣିବାକୁ ପାଇଲା ଯେ, 194 ପିଏମ୍ଏୱାଇ-ଜି ଘରେ ଏମ୍ଓଆର୍ଡି ନିର୍ଦ୍ଦେଶ ସତ୍ତ୍ୱେ, ସହ-ବ୍ରାଣ୍ଡେଡ୍ ଲୋଗୋ ଲଗାଯାଇଛି, ଯାହାର ଫଟୋଗ୍ରାଫ୍ ନିମ୍ନରେ ଦର୍ଶାଯାଇଛି।

***ଫଟୋଚିତ୍ର -2.9 ଏବଂ 2.10: ପିଏମ୍ଏୱାଇ-ଜି ଘରରେ ବିପିଜିୱାଇ ଲୋଗୋ ଲଗାଯାଇଛି***



*ପିଏମ୍ଏୱାଇ-ଜି ଘର ସନ୍ତୋଷ ବିଶ୍ୱାଳ ଆଇଡି ନମ୍ବର ଓଆର୍ 4160960 ରଣ୍ଡା ଗ୍ରାମ, ପୁଇଁତଳା ବ୍ଲକ, ବଲାଙ୍ଗୀର ଜିଲ୍ଲା*




*ପିଏମ୍ଏୱାଇ-ଜି ଘର ହରିବୋଲ ମାଥାରୀ ଆଇଡି ନମ୍ବର ଓଆର୍4095104 ବାବଜା ଗ୍ରାମ ବଣିପାଲି ଗ୍ରାମ ପଞ୍ଚାୟତ ଅଧିନ ଲୋଇସିଂହା ବ୍ଲକ, ବଲାଙ୍ଗୀର ଜିଲ୍ଲା*

ପୁନଶ୍ଚ, 18 ଟି ଘରେ ପିଏମ୍ଏୱାଇ-ଜି ଯୋଜନା ଅଧିନରେ ନିର୍ମିତ ଘରର କାନ୍ଥରେ ବିଜୁ ପକ୍କା ଘର ଯୋଜନା ଲୋଗୋ ଲଗାଯାଇଥିଲା। ଏହିପରି ଉଦାହରଣ ଗୁଡ଼ିକ ବିପଦର ସୂଚକ ଥିଲା ଯେ କେବଳ ଗୋଟିଏ ଘର ନିର୍ମାଣ ହେବା ସତ୍ତ୍ୱେ, ଉଭୟ ଯୋଜନା ଅଧିନରେ ପାଣ୍ଠି ବ୍ୟବହାର କରାଯାଇଥିବା ରିପୋର୍ଟ କରାଯାଇଥିଲା, ଯାହା ଦ୍ୱାରା ଗୋଟିଏ କିମ୍ବା ଉଭୟ ଯୋଜନା ଅଧିନରେ ପାଣ୍ଠିର ଅପବ୍ୟବହାର/ ବିଭ୍ରାଟ ହେବାର ସମ୍ଭାବନା ସୃଷ୍ଟି ହୋଇଥିଲା।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ପିଏମ୍ଏୱାଇ-ଜି ଘରର କାନ୍ଥରେ ପିଏମ୍ଏୱାଇ-ଜି ଲୋଗୋକୁ ଉପଯୁକ୍ତ ପ୍ରାଧାନ୍ୟ ଦିଆଯାଇଛି । ଉତ୍ତରଟି ଗ୍ରହଣୀୟ ନଥିଲା କାରଣ କେବଳ ପିଏମ୍ଏୱାଇ-ଜି ଲୋଗୋ ପିଏମ୍ଏୱାଇ-ଜି ଗୃହରେ ଲଗାଯିବ ।

***ସୁପାରିଶ:***

***4. ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଗୃହଗୁଡ଼ିକ ମଞ୍ଜୁର କରାଯିବା କଥା ।***

***5. ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଜୁରୀର ଅନିୟମିତ ଦେୟ ଅନ୍ୟ ହିତାଧିକାରୀଙ୍କ ନାମରେ ଘର ମଞ୍ଜୁରୀ ଉପରେ ବିସ୍ତୃତ ଅନୁସନ୍ଧାନ କରାଯାଇପାରେ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇପାରେ ।***

### ***2.1.7 ଅନ୍ୟ ଯୋଜନା ଗୁଡ଼ିକ ସହିତ ସମନ୍ୱୟ***

***ଅନ୍ୟ ପ୍ରାସଙ୍ଗିକ ଯୋଜନାରୁ ପାଣ୍ଠି ଏକତ୍ରିତ କରିବାରେ ବିଫଳତା ହେତୁ ହିତାଧିକାରୀମାନେ ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍ ଇତ୍ୟାଦି ମୌଳିକ ସେବାରୁ ବଞ୍ଚିତ ହୋଇଥିଲେ । ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହିତ ସମନ୍ୱୟରେ ମଜୁରୀ ଦେୟର ଅଯୌକ୍ତିକ ବ୍ୟବସ୍ଥା ମଧ୍ୟ ଥିଲା କାରଣ ପ୍ରଥମ କିସ୍ତି ମୁକ୍ତ ହେବା ପୂର୍ବରୁ ପୂର୍ଣ୍ଣ ମଜୁରୀ ଉପାଦାନ ପ୍ରଦାନ କରାଯାଇଥିଲା କିମ୍ବା ଛାତ ସ୍ତର ପର୍ଯ୍ୟନ୍ତ ଘର ସମାପ୍ତ ହେବା ପରେ ମଧ୍ୟ ମଜୁରୀ ପ୍ରଦାନ କରାଯାଇନଥିଲା ।***

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 8.1 ଏବଂ 8.3 ରେ ଦର୍ଶାଯାଇଛି ଯେ ମୌଳିକ ସୁବିଧା ପ୍ରଦାନ କରିବା ପାଇଁ ପିଏମ୍ଏୱାଇ-ଜି ଅଧୀନରେ ଗୃହ ନିର୍ମାଣ ପାଇଁ ପ୍ରଦାନ କରାଯାଉଥିବା ସହାୟତା ବ୍ୟତୀତ ଉଭୟ କେନ୍ଦ୍ର ଏବଂ ରାଜ୍ୟର ବିଦ୍ୟମାନ ଯୋଜନାଗୁଡ଼ିକର ସମନ୍ୱୟ ସୁନିଶ୍ଚିତ କରାଯିବା ଉଚିତ୍ । ଏହିପରି ସୁବିଧାଗୁଡ଼ିକ ମଧ୍ୟରେ ଶୌଚାଳୟ ନିର୍ମାଣ, ମନେରେଗା ଅଧୀନରେ 90/95 ବ୍ୟକ୍ତି-ଦିନର ସମର୍ଥନ, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ ଏବଂ ସ୍ୱଚ୍ଛ ଏବଂ ଅଧିକ ଦକ୍ଷ, ରନ୍ଧନ ଇନ୍ଧନ ଅନ୍ତର୍ଭୁକ୍ତ ହୋଇପାରେ । ଆହୁରି ମଧ୍ୟ ସମନ୍ୱୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଏବଂ ଜିଲ୍ଲା ସ୍ତରୀୟ କମିଟି ଗୁଡ଼ିକ ପର୍ଯ୍ୟାୟକ୍ରମେ ତଦାରଖ ଏବଂ ସେମାନଙ୍କର ସମୀକ୍ଷା ପାଇଁ ବୈଠକ କରିବା ଆବଶ୍ୟକ ।

ଶୌଚାଳୟ, ପାନୀୟ ଜଳ ଏବଂ ବିଦ୍ୟୁତ୍, ଏଲ୍‌ପିଜି ସଂଯୋଗ ବ୍ୟତୀତ ଅନ୍ୟ ଯୋଜନା ସହିତ ସଂଯୋଜନା କରିବା ପାଇଁ ବିଭାଗ ପାଖରେ କୌଣସି ସୂଚନା ନଥିଲା । ଅଡିଟ୍ ଆଠଟି ଜିଲ୍ଲାର 24 ବ୍ଲକର 72 ଟି ଗ୍ରାମ ପଞ୍ଚାୟତର 647 ଟି ଜେପିଆଇ (ଯୁଗ୍ମ ଭୌତିକ ନିରୀକ୍ଷଣ) ସଂପୂର୍ଣ୍ଣ ଘରର କରାଯାଇଥିଲା ଏବଂ ନିମ୍ନ ସାରଣୀ 2.5 ରେ ଦର୍ଶାଯାଇଥିବା ସମନ୍ୱୟ ତଥ୍ୟ ଦର୍ଶାଗଲା ।


***ସାରଣୀ 2.5: ଆଠଟି ଭୌତିକ ମିଳିତ ଯାଞ୍ଚ ଜିଲ୍ଲାଗୁଡ଼ିକର ସମନ୍ୱୟର ତଥ୍ୟ***

| ଜିଲ୍ଲା | ଜିପି ସଂଖ୍ୟା | ସର୍ଭେ ହୋଇଥିବା ଘର ସଂଖ୍ୟା | ଶୌଚାଳୟ ସହିତ ଏଚ୍ ଏଚ୍ | ସୁରକ୍ଷିତ ପାନୀୟ ଜଳ ସୁବିଧା | ବିଦ୍ୟୁତ୍ ସଂଯୋଗ | ଏଲ୍‌ପିଜି ସଂଯୋଗ | ରାସ୍ତା ସଂଯୋଗୀକରଣ |
|---|---|---|---|---|---|---|---|
| ବରଗଡ଼ | 9 | 94 | 37 | 54 | 78 | 44 | 93 |
| ବଲାଙ୍ଗିର | 9 | 84 | 37 | 33 | 46 | 41 | 68 |
| ଢେଙ୍କାନାଳ | 9 | 80 | 34 | 71 | 37 | 38 | 79 |
| ଗଞ୍ଜାମ | 9 | 98 | 48 | 98 | 74 | 58 | 98 |
| ମୟୂରଭଞ୍ଜ | 9 | 72 | 38 | 65 | 33 | 33 | 71 |
| ନବରଙ୍ଗପୁର | 9 | 72 | 21 | 68 | 42 | 25 | 70 |
| ପୁରୀ | 9 | 75 | 49 | 69 | 71 | 65 | 75 |
| ସୋନପୁର | 9 | 72 | 36 | 67 | 67 | 52 | 71 |
| **ସର୍ବମୋଟ** | **72** | **647** | **300** | **525** | **448** | **356** | **625** |

***(ଉତ୍ସ: ଜିପିଗୁଡ଼ିକରେ ଜେପିଆଇ ହୋଇଥିବା ଜିପିର ନମୁନା ଯାଞ୍ଚ ତଥ୍ୟ)***

ତେଣୁ,: (i) 347 ଘରେ କୌଣସି ଶୌଚାଳୟ ନଥିଲା (ii) 122 ଟି ଘରେ ପାନୀୟ ଜଳ ସୁବିଧା ନଥିଲା (iii) 199 ଘରେ କୌଣସି ବିଦ୍ୟୁତ୍ ସଂଯୋଗ ନଥିଲା (iv) 291 ଘରେ କୌଣସି ଏଲ୍‌ପିଜି ବ୍ୟବସ୍ଥା ନଥିଲା ଏବଂ (v) 22 ଟି ଘର କୌଣସି ଆପ୍ରୋଚ୍ ରୋଡ୍ ନଥିଲା, ଯେପରି ନିମ୍ନ ***ଚାର୍ଟ 2.3*** ରେ ଦର୍ଶାଯାଇଛି ।

***ଚାର୍ଟ 2.3: 647 ସମ୍ପୂର୍ଣ୍ଣ ଗୃହରେ ସମନ୍ୱୟର ଅଭାବ***




ଉପରୋକ୍ତ ତଥ୍ୟଗୁଡ଼ିକ ପିଏମ୍ଏୱାଇ-ଜି ହିତାଧିକାରୀଙ୍କୁ ମୌଳିକ ସୁବିଧାର ବ୍ୟବସ୍ଥାରେ ଅନ୍ୟ ଯୋଜନା ସହିତ ସମନ୍ୱୟର ଅନୁପସ୍ଥିତିକୁ ସୂଚିତ କରେ ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଉତ୍ତରରେ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ସଂପୃକ୍ତ ବିଭାଗ ସହିତ ଜଡ଼ିତ ଅନ୍ୟାନ୍ୟ ଯୋଜନ ସହିତ ପିଏମ୍ଏୱାଇ-ଜିର ସମନ୍ୱୟ ପାଇଁ ପଦକ୍ଷେପ ନିଆଯାଇଛି ।

ତଥାପି, ବାସ୍ତବତା ରହିଲା ଯେ ଆବଶ୍ୟକ 10 ଟି ସଭା ପରିବର୍ତ୍ତେ କେବଳ ଗୋଟିଏ ରାଜ୍ୟସ୍ତରୀୟ କମିଟି ବୈଠକ (ଜୁନ୍ 2018) ଅନୁଷ୍ଠିତ ହୋଇଥିଲା ଏବଂ ଜିଲ୍ଲା ସ୍ତରରେ, ସମନ୍ୱୟ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ କୌଣସି ବୈଠକ ଅନୁଷ୍ଠିତ ହୋଇନଥିଲା, ଯାହା ଦ୍ୱାରା ହିତାଧିକାରୀମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଇପାରଲା ନାହିଁ ।

### *2.1.7.1 ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ବ୍ୟକ୍ତି ଦିବସର ଅଣକୁଶଳୀ ଶ୍ରମ*

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 8.1(b) ସର୍ତ୍ତ ରଖିଛି ଯେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହିତ ସମନ୍ୱୟ ରକ୍ଷା କରି ଘର ନିର୍ମାଣ ପାଇଁ ବର୍ତ୍ତମାନ ହାରରେ, ପିଏମ୍ଏୱାଇ-ଜି ହିତାଧିକାରୀଙ୍କୁ 90[25] ବ୍ୟକ୍ତି-ଦିବସ ଅଣକୁଶଳୀ ମଜୁରୀ ନିଯୁକ୍ତିର ସହାୟତା ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ । ଦୁଇଟି ଏମ୍ଆଇଏସ୍ ମଧ୍ୟରେ ସର୍ତ୍ତର ଏକୀକରଣକୁ ସର୍ତ୍ତର, ଉଦାହରଣ ସ୍ୱରୂପ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପିଏମ୍ଏୱାଇ-ଜିର ଆୱାସ ସଫ୍ଟ ଏବଂ ଏନ୍‌ଆର୍‌ଇଜିଏ ସଫ୍ଟ ବିକଶିତ କରାଯାଇଛି । ଏହା ସୁନିଶ୍ଚିତ କରିବା ପାଇଁ ଘର ନିର୍ମାଣ କାର୍ଯ୍ୟ ଥରେ ଆୱାସସଫ୍ଟରେ ମଞ୍ଜୁରୀ ଜାରି ହେବା ପରେ, ସ୍ୱତଃସ୍ଫୂର୍ତ୍ତ ଭାବେ ଏନ୍‌ଆର୍‌ଇଜିଏ ସଫ୍ଟରେ ସୃଷ୍ଟି ହେବ ।

ପିଏମ୍ଏୱାଇ-ଜି ହିତାଧିକାରୀଙ୍କୁ ମଜୁରୀ ନିଯୁକ୍ତି ସହାୟତା ପ୍ରଦାନ କରିବାରେ ନିମ୍ନଲିଖିତ ଅଭାବ ଏବଂ ଅନିୟମିତତାକୁ ଅଡିଟ୍ ଲକ୍ଷ୍ୟ କରିଥିଲେ:

(i) ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ, ମୋଟ 18.38 ଲକ୍ଷ ଘର ମଧ୍ୟରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କେବଳ 18.22 ଲକ୍ଷ ହିତାଧିକାରୀଙ୍କୁ କାର୍ଯ୍ୟ ଆବଣ୍ଟନ[26] କରାଯାଇଥିଲା ।

(ii) 18.22 ଲକ୍ଷ ହିତାଧିକାରୀଙ୍କ ବିରୁଦ୍ଧରେ, ଯେଉଁମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କାର୍ଯ୍ୟ ଆବଣ୍ଟନ କରାଯାଇଥିଲା, ପ୍ରକୃତ କାର୍ଯ୍ୟ କେବଳ 18.13 ଲକ୍ଷ ହିତାଧିକାରୀଙ୍କୁ ପ୍ରଦାନ[27] କରାଯାଇଥିଲା ।

[25] ପାହାଡ଼ିଆ ରାଜ୍ୟ, କଠିନ ଅଞ୍ଚଳ ଏବଂ ଆଇଏପି ଜିଲ୍ଲାରେ ଦିନକୁ 95 ଜଣ ବ୍ୟକ୍ତି

[26] ହିତାଧିକାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ଘରେ କାମ କରିବାକୁ ଅନୁମତି ଦିଆଯାଇଛି ।

[27] ହିତାଧିକାରୀ ପ୍ରକୃତରେ ଘରେ କାମ କରିଥିଲେ ।

(iii) ଆହୁରି ମଧ୍ୟ, ଯେଉଁମାନଙ୍କୁ କାର୍ଯ୍ୟ ପ୍ରଦାନ କରାଯାଇଥିଲା ସେମାନଙ୍କ ମଧ୍ୟରୁ 2,449.57 କୋଟି ଟଙ୍କାର ମଜୁରୀ ସହାୟତା କେବଳ 13.36 କୋଟି ବ୍ୟକ୍ତିଗତ ଦିବସ ପାଇଁ ପ୍ରଦାନ କରାଯାଇଥିଲା, ଯେତେବେଳେ 1.15 ଲକ୍ଷ ହିତାଧିକାରୀଙ୍କ ସମ୍ବନ୍ଧରେ 31 ମାର୍ଚ୍ଚ 2021 ସୁଦ୍ଧା, ମଜୁରୀ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ ।

(iv) 90 ଦିନର ବ୍ୟବସ୍ଥା ବୁରୁଦ୍ଧରେ, ହାରାହାରୀ 78.63 ବ୍ୟକ୍ତି-ଦିବସ[28] ପିଏମ୍ଏୱାଇ-ଜି ହିତାଧିକାରୀଙ୍କୁ ଏକ ଘର ନିର୍ମାଣ ପାଇଁ ପ୍ରଦାନ କରାଯାଇଥିଲା, ଯାହାଫଳରେ ହିତାଧିକାରୀଙ୍କ ପାଇଁ ହାରାହାରି 11.37 ବ୍ୟକ୍ତି-ଦିବସର ଅଭାବ ହୋଇଥିଲା ।

(v) ଆଠଟି ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାରେ, ବ୍ୟକ୍ତି-ଦିବସର ଅଭାବ (***ପରିଶିଷ୍ଟ 2.8***) 07 to 23 ପର୍ଯ୍ୟନ୍ତ ଥିଲା ।

ତେଣୁ, ହିତାଧିକାରୀଙ୍କ ପିଛା 90 ଟି ବ୍ୟକ୍ତିଗତ-ଦିବସର ବ୍ୟବସ୍ଥାକୁ ବିଚାରକୁ ନେଇ ହିତାଧିକାରୀମାନେ 193.07 ଲକ୍ଷ[29] ଅତିରିକ୍ତ ବ୍ୟକ୍ତି-ଦିବସ ପର୍ଯ୍ୟନ୍ତ ଜୀବିକା ଅର୍ଜନ କରିବାର ସୁଯୋଗରୁ ବଞ୍ଚିତ ହୋଇଥିଲେ ।

ଏହି ସତ୍ୟତାକୁ ସ୍ୱୀକାର କରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ଏନ୍ଆର୍ଇଜିଏସ୍ ସଫ୍ଟରେ ବୈଷୟିକ କାରଣ ହେତୁ 28 ଦିନରୁ ଅଧିକ ସମୟ ଧରି ମଷ୍ଟର ରୋଲ ସୃଷ୍ଟି ହୋଇପାରିନାହିଁ । ଏହି ସମସ୍ୟାର ସମାଧାନ ପରେ, ବିଡିଓମାନଙ୍କୁ ଏନ୍ଆର୍ଇଜିଏର ବ୍ୟବସ୍ଥା ପାଳନ କରୁଥିବା ପିଏମ୍ଏୱାଇ-ଜି ହିତାଧିକାରୀଙ୍କ ପାଇଁ ମଷ୍ଟର ରୋଲ୍ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

### *2.1.7.2 ବ୍ୟକ୍ତି-ଦିବସର ଅଯୌକ୍ତିକ ବ୍ୟବସ୍ଥା*

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଅନୁଯାୟୀ (ମଇ 2017) ହିତାଧିକାରୀଙ୍କୁ ଟ୍ୟାଗ୍ ହୋଇଥିବା ଅଧିକାରୀ ହିତାଧିକାରୀଙ୍କ ଠାରୁ ଚାହିଦା ସଂଗ୍ରହ କରିବେ ଏବଂ ମଜୁରୀ ସହାୟତା ପ୍ରଦାନ ପାଇଁ ଇ-ମଷ୍ଟର ରୋଲ୍ ତିଆରି କରିବା ପାଇଁ ଏହାକୁ ବିଡିଓଙ୍କ ପାଖରେ ଦାଖଲ କରିବେ ।

***ଫଟୋଗ୍ରାଫ୍ -2.11 ଏବଂ 2.12 ପିଏମ୍ଏୱାଇ-ଜି ଅନିୟମିତ ମଜୁରୀ ପ୍ରଦାନ ସହିତ***



*ଫରମାନ୍ ମାଝି, ରାଇହରି ଜିପି, ବିଜତଳା ବ୍ଲକ୍, ମୟୁରଭଞ୍ଜ ଜିଲ୍ଲା ଛାତ ସ୍ତର ପର୍ଯ୍ୟନ୍ତ ସମାପ୍ତ ହେବା ସତ୍ତ୍ୱେ, କୌଣସି ମଜୁରୀ ସହାୟତା ପ୍ରଦାନ କରାଯାଇନଥିଲା ।*



*ଲୁହାଶିଲା ଜିପିର ଟୁନା ବାସ୍କି, ବିଜତଳା ବ୍ଲକ୍, ମୟୁରଭଞ୍ଜ ଜିଲ୍ଲାରେ 76 ଜଣ ବ୍ୟକ୍ତି ଦିନ ପାଇଁ ଦେୟ ଦିଆଯାଇଥିଲା, ଯଦିଓ ଘରଟି ପ୍ଲିନ୍ଥ ସ୍ତର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଥିଲା ।*

ଅଡିଟ୍ ଉଲ୍ଲେଖ କରିଛନ୍ତି ଯେ, ନିର୍ମାଣର ପର୍ଯ୍ୟାୟ ଉପରେ ଆଧାର କରି ହିତାଧିକାରୀଙ୍କୁ ବ୍ୟକ୍ତି-ଦିବସ ଆବଣ୍ଟନ କରିବାରେ କୌଣସି ସମାନତା ଏବଂ ଯୁକ୍ତିଯୁକ୍ତତା ନାହିଁ । 864 ଟି ପରୀକ୍ଷା ଯାଞ୍ଚ ମାମଲାରେ ଅଡିଟ୍ ଜାଣିବାକୁ ପାଇଲା ଯେ ଛାତ ସ୍ତର ପର୍ଯ୍ୟନ୍ତ ଘର ସମାପ୍ତ ହେବା ସତ୍ତ୍ୱେ, 59[30] ହିତାଧିକାରୀଙ୍କୁ କୌଣସି ମଜୁରୀ ସହାୟତା ପ୍ରଦାନ କରାଯାଇନାହିଁ । ଯେତେବେଳେ ଅନ୍ୟ 59[31] ହିତାଧିକାରୀଙ୍କୁ 70 ବ୍ୟକ୍ତି-ଦିବସଙ୍କୁ ଦୈନିକ ଅଧିକ ମଜୁରୀ ପ୍ରଦାନ

---

28 13,35,52,644 ବ୍ୟକ୍ତି ଦିବସ / 16,98,444 ହିତାଧିକାରୀ= 78.63

29 ମାନ ଅନୁଯାୟୀ ଯୋଗାଇବାକୁ ଥିବା ବ୍ୟକ୍ତି ଦିବସ ସଂଖ୍ୟା, 15,28,59,960 ପ୍ରକୃତରେ ଯୋଗାଯାଇଥିବା ବ୍ୟକ୍ତି ଦିବସ ସଂଖ୍ୟା କମ୍, 13,35,52,644

30 ବରଗଡ଼ ବ୍ୟତୀତ ସମସ୍ତ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲା

31 ବଲାଙ୍ଗୀର ବ୍ୟତୀତ ସମସ୍ତ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲା

କରାଯାଇଥିଲା, ଯଦିଓ ସେମାନେ କେବଳ ପ୍ଲିନ୍ଥ ସ୍ତର/ ଲିଣ୍ଟେଲ୍ ସ୍ତର ପର୍ଯ୍ୟନ୍ତ ନିର୍ମାଣ ସମାପ୍ତ କରିଥିଲେ, ଯାହା ଫଟୋଗ୍ରାଫରେ ଦର୍ଶାଯାଇଛି:

ଅଡିଟ୍ ଆହୁରି ମଧ ଲକ୍ଷ୍ୟ କରିଛନ୍ତି ଯେ, ତିନୋଟି[32] କ୍ଷେତ୍ରରେ ହିତାଧିକାରୀମାନଙ୍କୁ 72 ରୁ 90 ଜଣ ବ୍ୟକ୍ତି ଦିବସ ପାଇଁ ମଜୁରୀ ପ୍ରଦାନ କରାଯାଇଥିଲା, ଯଦିଓ ପିଏମ୍ଏୱାଇ-ଜି ଅଧିନରେ ପ୍ରଥମ କିସ୍ତି ସେମାନଙ୍କୁ ପ୍ରଦାନ କରାଯାଇନଥିଲା ।

ବିଡିଓମାନେ ଜଣାଇଥିଲେ (ଅକ୍ଟୋବର 2021 ରୁ ଜାନୁଆରୀ 2022) ଯେ, ପିଇଓ ଏବଂ ଜିଆର୍ଏସ୍‌ଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯିବ ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଘର ନିର୍ମାଣର ପର୍ଯ୍ୟାୟ ଏବଂ ମଜୁରୀ ନିଯୁକ୍ତି ଦେୟ ମଧରେ କୌଣସି ସମ୍ପର୍କ ନାହିଁ । ତେବେ ଛାତ ସ୍ତର ପର୍ଯ୍ୟନ୍ତ ଘର ଶେଷ ହେବା ସତ୍ତ୍ୱେ, ହିତାଧିକାରୀଙ୍କୁ ମଜୁରୀ ସହାୟତା ପ୍ରଦାନ ନକରିବା ସମ୍ପର୍କରେ ଉତ୍ତରରେ ଚୁପ୍ ରହିଥିଲେ ।

***ଫଟୋଗ୍ରାଫ୍ - 2.13 ଏବଂ 2.14 ପିଏମ୍ଏୱାଇ-ଜି ଅନିୟମିତ ମଜୁରୀ ପ୍ରଦାନ ସହିତ***



*ନରେନ୍ଦ୍ର ମହାକୁଡ଼, ଗ୍ରାମ ମାହୁଭଣ୍ଡାର, ଜିପି-ବାଉଟିବେଡ଼ା, ବ୍ଲକ୍-ବିଶୋଇ, ଜିଲ୍ଲା- ମୟୂରଭଞ୍ଜଙ୍କୁ ଛାତ ସ୍ତର ପର୍ଯ୍ୟନ୍ତ ସମାପ୍ତ ହେବା ସତ୍ତ୍ୱେ, କୌଣସି ମଜୁରୀ ସହାୟତା ଦିଆଯାଇନଥିଲା ।*



*ଠାକୁର ଦାସ, ଥୁଲୁକଟଟାଣୀ, ଜିପି-ବାଉଟିବେଡ଼ା, ବ୍ଲକ୍-ବିଶୋଇ, ଜିଲ୍ଲା- ମୟୂରଭଞ୍ଜଙ୍କୁ କେବଳ ପ୍ଲିନ୍ଥ ସ୍ତର ପର୍ଯ୍ୟନ୍ତ ସମାପ୍ତ ହେବା ସତ୍ତ୍ୱେ, 95 (ପୂର୍ଣ୍ଣ) ମଜୁରୀ ସ୍ତର ସହାୟତା ପ୍ରଦାନ କରାଯାଇଥିଲା ।*

### 2.1.7.3 ନଥିପତ୍ର ରକ୍ଷଣାବେକ୍ଷଣରେ ଅନିୟମିତତା

ଅଡିଟ୍ ଦ୍ୱାରା ନମୁନା ଯାଞ୍ଚ ହୋଇଥିବା ବ୍ଲକରେ ପିଏମ୍ଏୱାଇ-ଜି ହିତାଧିକାରୀଙ୍କ 1,440 ନଥିପତ୍ର ଅଡିଟ୍ ନମୁନା ଯାଞ୍ଚ କରି ନିମ୍ନଲିଖିତ ଅନିୟମିତତା ପାଇଥିଲେ:

***(i) ଯୋଗ୍ୟ ହିତାଧିକାରୀମାନଙ୍କ ବାବଦରେ ଅନୁପସ୍ଥିତ/ ଅଧିପ୍ରମାଣ ବିନା ତଦନ୍ତ ରିପୋର୍ଟ***

ପିଏମ୍ଏୱାଇ-ଜି ଘର ମଞ୍ଜୁର ହେବା ପୂର୍ବରୁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପରିପତ୍ର (ଜୁନ୍ 2016) ଅନୁଯାୟୀ ସଂପୃକ୍ତ ହିତାଧିକାରଙ୍କ ଯୋଗ୍ୟତା ତଦନ୍ତ ରିପୋର୍ଟ ମାଧମରେ ଜଣାପଡ଼ିବ । ଅଡିଟ୍ ଜାଣିବାକୁ ପାଇଲା ଯେ, 145 ଟି ମାମଲାରେ, ସେପରି କୌଣସି ରିପୋର୍ଟ ଉପଲବ୍ଧ ନାହିଁ ଏବଂ ଅନ୍ୟ 57 ଟି ମାମଲାରେ ତଦନ୍ତ ରିପୋର୍ଟ ଯଦିଓ ଉପଲବ୍ଧ ତଦନ୍ତ ଅଧିକାରଙ୍କ ଦ୍ୱାରା ପ୍ରାମାଣିକ ହୋଇନାହିଁ । ତଦନ୍ତ ରିପୋର୍ଟର ଅନୁପସ୍ଥିତି ସ୍ୱଚ୍ଛତାର ଅଭାବକୁ ସୂଚିତ କରେ । ଫଳସ୍ୱରୁପ, ଅଯୋଗ୍ୟ ହିତାଧିକାରୀଙ୍କୁ ଘର ଆବଣ୍ଟନ କରାଯାଇଥିଲା ।

***(ii) ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଧିପ୍ରମାଣ ବିନା କାର୍ଯ୍ୟାଦେଶ ଜାରି କରାଯିବା***

484 ମାମଲାରେ, 1,440 ଟି ମାମଲା ମଧ୍ୟରୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । (କ) ସଂପୃକ୍ତ ବିଡିଓ ଏବଂ (ଖ) ଏଥିରେ ରେକର୍ଡ ହୋଇଥିବା ସଂଖ୍ୟା ଏବଂ ତାରିଖର ଦସ୍ତଖତ ବିନା ।

ଉତ୍ତରରେ ବିଭାଗ ଉଲ୍ଲେଖ କଲେ (ଅକ୍ଟୋବର 2022) ଯେ ଭବିଷ୍ୟତର ମାର୍ଗଦର୍ଶନ ପାଇଁ ଅଡିଟର ପର୍ଯ୍ୟବେକ୍ଷଣ କରାଯିବ ।

[32] ସିଆଣ୍ଡି ଗ୍ରାମ ପଞ୍ଚାୟତ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି, ପୁରୀ ଜିଲ୍ଲା: 72 ବ୍ୟକ୍ତି ଦିବସ; ମେଲଛମୁଣ୍ଡା ଗ୍ରାମ ପଞ୍ଚାୟତ, ପଦମପୁର ପଞ୍ଚାୟତ ସମିତି, ବରଗଡ଼ ଜିଲ୍ଲା: 80 ବ୍ୟକ୍ତି ଦିବସ; ଖରମୁଣ୍ଡା ଗ୍ରାମ ପଞ୍ଚାୟତ, ଅତାବିରା ପଞ୍ଚାୟତ ସମିତି, ବରଗଡ଼ ଜିଲ୍ଲା:90 ବ୍ୟକ୍ତି ଦିବସ

*ସୁପାରିଶ:*

***6. ହିତାଧିକାରୀଙ୍କ ମୌଳିକ ଆବଶ୍ୟକତା ଯୋଗାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଜନା ସହିତ ସମନ୍ୱୟ ଗ୍ରହଣ କରାଯାଇପାରେ ।***

***7. କାର୍ଯ୍ୟର ପ୍ରକୃତ ପ୍ରଗତି ଆଧାରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରୁ ମଜୁରୀ କ୍ଷତିପୂରଣ ଦିଆଯାଇପାରେ ।***

### 2.1.8 ଆର୍ଥିକ ପରିଚାଳନା

***4,146 ଟି ମାମଲାରେ 1576 ଦିନ ପର୍ଯ୍ୟନ୍ତ ପ୍ରଥମ କିସ୍ତି ପ୍ରଦାନ କରିବାରେ ବିଳମ୍ବ ହୋଇଥିଲା । ପ୍ରଶାସନିକ ଖର୍ଚ୍ଚର ଆବେଦନରେ 18.10 କୋଟି ଟଙ୍କା ଅନିୟମିତ ଭାବରେ ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା ।***

ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 10.2 (b ରୁ d) ମନନ କରାଯାଇଅଛି ଯେ, ରାଜ୍ୟ ଗୁଡ଼ିକୁ ବାର୍ଷିକ କେନ୍ଦ୍ରୀୟ ଆବଣ୍ଟନ (ଘର ନିର୍ମାଣ ପାଇଁ ସହାୟତା) ଦୁଇଟି କିସ୍ତିରେ ପ୍ରଦାନ କରାଯିବ । ରାଜ୍ୟକୁ ଏକତ୍ରୀକୃତ ପାଣ୍ଠି ପ୍ରଦାନ କରିବା ପାଇଁ କେନ୍ଦ୍ରୀୟ ବଜେଟରେ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ ମନ୍ତ୍ରାଳୟକୁ ପ୍ରଥମେ ରାଜ୍ୟର ସମନ୍ୱିତ ପାଣ୍ଠିକୁ ପାଣ୍ଠି ପ୍ରଦାନ କରିବାକୁ ପଡ଼ିବ । ପିଏମ୍‌ଏୱାଇ-ଜି ପାଣ୍ଠିରେ ପ୍ରାପ୍ତ ବିବିଧ ରସିଦ୍ ଏବଂ ସୁଧକୁ ଯୋଜନା ସମ୍ବଳର ଏକ ଅଂଶ ଭାବରେ ବିବେଚନା କରାଯିବ ।

ଅନୁଚ୍ଛେଦ 10.6.1 ଏବଂ 10.7 ପୁନଃ ବ୍ୟବସ୍ଥା କରାଯାଇଅଛି ଯେ, କେନ୍ଦ୍ରୀୟ ଅଂଶ ପ୍ରଦାନ ହେବାର 15 ଦିନ ମଧ୍ୟରେ ରାଜ୍ୟ ସରକାର କେନ୍ଦ୍ରୀୟ ଅଂଶ ସହିତ ଅନୁରୂପ ସମ୍ପୂର୍ଣ୍ଣ ରାଜ୍ୟ ଅଂଶ ପ୍ରଦାନ କରିବେ । ଆହୁରି ମଧ୍ୟ, ରାଜ୍ୟ ସମନ୍ୱିତ ପାଣ୍ଠିକୁ ପଠାଯାଇଥିବା ପ୍ରଶାସନିକ ପାଣ୍ଠି ସମେତ ପାଣ୍ଠିର କେନ୍ଦ୍ରୀୟ ଆବଣ୍ଟନ ରାଜ୍ୟ ସମନ୍ୱିତ ପାଣ୍ଠିରେ ପାଣ୍ଠି ପାଇବା ତାରିଖ ଠାରୁ 15 ଦିନ ମଧ୍ୟରେ ଏସ୍‌ଏନ୍‌ଏକୁ ସ୍ଥାନାନ୍ତର କରାଯିବ । ଯଦି ଏହା ବିଫଳ ହୁଏ, ତେବେ ବାର୍ଷିକ 12 ପ୍ରତିଶତ ଦଣ୍ଡ ବିଧାନ ସୁଧ ହାର ପ୍ରଯୁଜ୍ୟ ହେବ ।

କାର୍ଯ୍ୟକ୍ରମ ଏବଂ ପ୍ରଶାସନିକ ପାଣ୍ଠିରେ ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ ଗୃହର ନିର୍ମାଣ ପାଇଁ ହୋଇଥିବା ମୋଟ ପାଣ୍ଠି ଏବଂ ଖର୍ଚ୍ଚର ବିବରଣୀ ନିମ୍ନ ସାରଣୀ **2.6** ରେ ଦର୍ଶାଯାଇଛି ।

***ସାରଣୀ-2.6: ପିଏମ୍‌ଏୱାଇ-ଜି ପାଣ୍ଠିର ବର୍ଷୱାରୀ ପ୍ରାପ୍ତି ଏବଂ ଖର୍ଚ୍ଚ***

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | କାର୍ଯ୍ୟକ୍ରମ ପାଣ୍ଠି | | | | | ପ୍ରଶାସନିକ ପାଣ୍ଠି | | | | |
|---|---|---|---|---|---|---|---|---|---|---|
| | କେନ୍ଦ୍ରୀୟ ଅଂଶ | ରାଜ୍ୟ ଅଂଶ | ଅନ୍ୟାନ୍ୟ ପ୍ରାପ୍ତି (ସୁଧ) | ମୋଟ ପ୍ରାପ୍ତ ପାଣ୍ଠି | ଖର୍ଚ୍ଚ | କେନ୍ଦ୍ରୀୟ ଅଂଶ | ରାଜ୍ୟ ଅଂଶ | ଅନ୍ୟାନ୍ୟ ପ୍ରାପ୍ତି (ସୁଧ) | ମୋଟ ପ୍ରାପ୍ତ ପାଣ୍ଠି | ଖର୍ଚ୍ଚ |
| **1** | **2** | **3** | **4** | **5** (2+3+4) | **6** | **7** | **8** | **9** | **10** (7+8+9) | **11** |
| 2016-17 | 1,239.14 | 826.09 | 30.00 | 2,095.23 | 482.56 | 49.57 | 33.04 | 0.54 | 83.15 | 63.00 |
| 2017-18 | 3,053.67 | 2,035.79 | 49.22 | 5,138.68 | 5,810.38 | 70.39 | 46.92 | 1.27 | 118.58 | 9.77 |
| 2018-19 | 3,238.56 | 2,127.66 | 149.41 | 5,515.63 | 4,690.68 | 51.76 | 34.51 | 1.85 | 88.12 | 180.14 |
| 2019-20 | 2,145.57 | 1,461.77 | 122.61 | 3,729.95 | 5,563.84 | 51.76 | 34.51 | 2.25 | 88.52 | 35.89 |
| 2020-21 | 2,802.43 | 1,868.29 | 53.20 | 4,723.91 | 4,506.73 | 19.44 | 12.96 | 0.02 | 32.43 | 81.82 |
| ମୋଟ | **12,479.37** | **8,319.60** | **404.44** | **21,203.40** | **21,054.19** | **242.92** | **161.94** | **5.93** | **410.80** | **370.62** |

***(ଉତ୍ସ: ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗ ଦ୍ୱାରା ପ୍ରଦତ୍ତ ସୂଚନା)***

ଏହି ଯୋଜନାର ଆର୍ଥିକ ପରିଚାଳନା ସମ୍ବନ୍ଧରେ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକୁ ଅଡିଟ୍ ଉଲ୍ଲେଖ କରିଛନ୍ତି:

### 2.1.8.1 ଆଇସିଆଇସିଆଇ ବ୍ୟାଙ୍କରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା

ଏଫ୍ଏଫ୍ଆଇ ଅନୁଚ୍ଛେଦ 10.9 ବ୍ୟବସ୍ଥା କରାଯାଇଅଛି ଯେ, ଏସ୍ଏନ୍ଏ ରୁ ପ୍ରଶାସନିକ ପାଣ୍ଠି ଆୱାସ ସଫ୍ଟ ଏବଂ ପିଏଫ୍ଏମ୍ଏସ୍ ପ୍ଲାଟଫର୍ମ ବ୍ୟବହାର କରି ଏଫ୍ଟିଓ[33] ମାଧ୍ୟମରେ ସ୍ଥାନାନ୍ତର କରାଯିବ । ଏମ୍ଓଆର୍ଡି ସ୍ତରରେ ସଶକ୍ତ କମିଟି (ଫେବୃଆରୀ 2021) ର ମିନିଟ୍ ଅନୁଯାୟୀ, ରାଜ୍ୟ ସ୍ତରରେ କେବଳ ଗୋଟିଏ ଆକାଉଣ୍ଟ ଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ବିଭାଗ ଏସ୍ଏନ୍ଏ ରୁ ଆଇସିଆଇସିଆଇ ବ୍ୟାଙ୍କରେ ରକ୍ଷଣାବେକ୍ଷଣ କରାଯାଉଥିବା ଏକ ବ୍ୟାଙ୍କ ଆକାଉଣ୍ଟକୁ 18.10 କୋଟି ଟଙ୍କା[34] ସ୍ଥାନାନ୍ତର କରିଛନ୍ତି । ବ୍ୟାଙ୍କ ଆକାଉଣ୍ଟ ନମ୍ବର : 028401003117) । ପ୍ରଶାସନିକ ଖର୍ଚ୍ଚ ସମ୍ବନ୍ଧରେ କ୍ଷେତ୍ରର କାର୍ଯ୍ୟକର୍ତ୍ତାମାନଙ୍କୁ ଭ୍ରମଣ / ଗତିଶୀଳତା ସହାୟତା ଉଦ୍ଦେଶ୍ୟରେ ପାଣ୍ଠି ସ୍ଥାନାନ୍ତର କରାଯାଇଥିଲା । ଏହି ପାଣ୍ଠି ବିରୁଦ୍ଧରେ କରାଯାଇଥିବା ଖର୍ଚ୍ଚର ବିବରଣୀ ଆୱାସ ସଫ୍ଟରେ ପ୍ରତିଫଳିତ ହୋଇନଥିଲା କିମ୍ବା ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟରେ ଉପଲବ୍ଧ ବାଲାନ୍ସ ମଧ୍ୟ ନଥିଲା, ଯାହା ଚାଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ଦ୍ୱାରା ପ୍ରସ୍ତୁତ ଅଡିଟ୍ ରିପୋର୍ଟରେ ପ୍ରତିଫଳତି ହୋଇଥିଲା ।

ଯେହେତୁ, ପିଏମ୍ଏୱାଇ-ଜିରୁ ସମସ୍ତ ଖର୍ଚ୍ଚ ଏଫ୍ଟିଓ ମାଧ୍ୟମରେ କରାଯିବାର ଥିଲା, ଆୱାସ ସଫ୍ଟ ଏବଂ ପିଏଫ୍ଏମ୍ଏସ୍ ପ୍ଲାଟ୍ଫର୍ମ ବ୍ୟବହାର କରି ଏସ୍ଏନ୍ଏ ରୁ ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟକୁ 18.10 କୋଟି ଟଙ୍କାର ଅନିୟମିତ ସ୍ଥାନାନ୍ତର ନିର୍ଦ୍ଦେଶାବଳୀ ଅଧିନରେ ଉଦ୍ଦିଷ୍ଟ ପାଣ୍ଠି ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ଏହି ପାଣ୍ଠିର ବ୍ୟବହାରର ଏକ ସାମଗ୍ରିକ ବିପଦ ବହନ କରିଥିଲା ।

ଏହାର ଉତ୍ତରରେ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦର୍ଶାଇଥିଲେ (ଅକ୍ଟୋବର 2022) ଯେ, ଯେହେତୁ ଆକସ୍ମିକ ଖର୍ଚ୍ଚ ଅନ୍ଲାଇନ୍ ପ୍ଲାଟଫର୍ମରେ ନଥିଲା, ତେଣୁ, ଆଇସିଆଇସିଆଇ ବ୍ୟାଙ୍କରେ ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଆରଏଚ ପୋର୍ଟାଲକୁ ବ୍ୟବହାର କରି ଡିବିଟି ମୋଡରେ ସମ୍ବନ୍ଧୀୟ ଖର୍ଚ୍ଚ କରାଯାଇଥିଲା । ଏଥିରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ, ଅନ୍ଲାଇନ୍ ପ୍ଲାଟ୍ ଫର୍ମରେ ଆକସ୍ମିକ ଖର୍ଚ୍ଚ ଅନୁମତି ଦିଆଯିବା ପରେ ଏହି ଅଭ୍ୟାସ ବନ୍ଦ ହୋଇଯାଇଥିଲା ।

ଯାହାହେଉ, ବିଭାଗ ଏସ୍ଏନ୍ଏରୁ ଆଇସିଆଇସିଆଇ ବ୍ୟାଙ୍କରେ ରଖାଯାଇଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ ହୋଇଥିବା 18.10 କୋଟି ଟଙ୍କାର ଉପଯୋଗ ଉପରେ କୌଣସି ସୂଚନା ପ୍ରଦାନ କରିପାରିଲା ନାହିଁ । ଅଡିଟ୍ ନିଶ୍ଚିତତା ପାଇବାରେ ଅସମର୍ଥ ହେଲା ଯେ, ଏହି ପାଣ୍ଠି ଗୁଡ଼ିକ ପ୍ରକୃତରେ ପିଏମ୍ଏୱାଇ-ଜି ର କାର୍ଯ୍ୟକାରିତା ଦିଗରେ ବ୍ୟବହୃତ ହୋଇଛି କି ନାହିଁ ।

### 2.1.8.2 ସିଏ ଅଡିଟ୍ ରିପୋର୍ଟ ଦାଖଲ ଏବଂ ପ୍ରସ୍ତୁତିରେ ବିଳମ୍ବ

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 9.5 ଅନୁଯାୟୀ, ରାଜ୍ୟ ଗୁଡ଼ିକ ନିଶ୍ଚିତ କରିବାକୁ ଆବଶ୍ୟକ ଥିଲା ଯେ, ରାଜ୍ୟ ସ୍ତରରେ ପିଏମ୍ଏୱାଇ-ଜି ଏବଂ ଜିଲ୍ଲା ସ୍ତରରେ ପ୍ରଶାସନିକ ପାଣ୍ଠି ଆକାଉଣ୍ଟ ସିଆଣ୍ଡଏଜି ଦ୍ୱାରା ଅନୁମୋଦିତ ଏକ ପ୍ୟାନେଲରୁ ଏକ ସିଏ ଦ୍ୱାରା ଅଡିଟ୍ କରାଯାଇଥିଲା । ଆସନ୍ତା ଆର୍ଥିକ ବର୍ଷର 31 ଅଗଷ୍ଟ ପୂର୍ବରୁ ଅଡିଟ୍ ସମାପ୍ତ ହେବାର ଥିଲା ।

ଉଭୟ କାର୍ଯ୍ୟକ୍ରମ ପାଣ୍ଠି ଏବଂ ପ୍ରଶାସନିକ ପାଣ୍ଠିର ଆକାଉଣ୍ଟଗୁଡ଼ିକର ଅଡିଟରେ ଅଡିଟ୍ ନିମ୍ନଲିଖିତ ଅଭାବକୁ ଲକ୍ଷ୍ୟ କଲେ:

- ଆର୍ଥିକ ବର୍ଷ 2016-17, 2018-19 ଏବଂ 2019-20 ପାଇଁ କାର୍ଯ୍ୟକ୍ରମ ପାଣ୍ଠି ପାଇଁ ଅଡିଟ୍ ରିପୋର୍ଟ ଯଥାକ୍ରମେ 293, 170 ଏବଂ 183 ଦିନ ବିଳମ୍ବ ସହିତ ପ୍ରସ୍ତୁତ କରାଯାଇଥିଲା । ଆହୁରି ମଧ୍ୟ, 2020-21 ଆର୍ଥିକ ବର୍ଷ ପାଇଁ ଅଡିଟ୍ ରିପୋର୍ଟ ସେପ୍ଟେମ୍ବର 2021 ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନଥିଲା ।

---

33 ଡିଜିଟାଲ ସାକ୍ଷରିତ ପାଣ୍ଠି ସ୍ଥାନାନ୍ତରର ଅର୍ଡର କିମ୍ବା ଏଫ୍ଟିଓ ମାଧ୍ୟମରେ ଏସ୍ଏନ୍ଏ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପାଣ୍ଠି ସ୍ଥାନାନ୍ତର କରାଯାଏ ।

34 27 ଅଗଷ୍ଟ 2021: 5 କୋଟି ଟଙ୍କା, 13 ମଇ 2021: 3 କୋଟି ଟଙ୍କା, 9 ଅପ୍ରେଲ 2021: 1 କୋଟି ଟଙ୍କା, 18 ଫେବୃଆରୀ 2021: 1 କୋଟି ଟଙ୍କା, 15 ଫେବୃଆରୀ 2020: 8.10 କୋଟି ଟଙ୍କା

- ସେହିଭଳି, 2016-17 ଆର୍ଥିକ ବର୍ଷ ପାଇଁ ପ୍ରଶାସନିକ ପାଣ୍ଠି ପାଇଁ ଅଡିଟ୍ ରିପୋର୍ଟ 208 ଦିନ ବିଳମ୍ବରେ ପ୍ରସ୍ତୁତ ହୋଇଥିବା ବେଳେ 2018-19 ଆର୍ଥିକ ବର୍ଷ ପାଇଁ ଏହା ଅସ୍ଥାୟୀ ଭାବେ ପ୍ରସ୍ତୁତ କରାଯାଇଥିଲା । ଆହୁରି ମଧ, ଆର୍ଥିକ ବର୍ଷ 2019-20 ଏବଂ 2020-21 ପାଇଁ ଅଡିଟ୍ ରିପୋର୍ଟ ସେପ୍ଟେମ୍ବର 2021 ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଖର୍ଚ୍ଚର ପ୍ରତିଶତ ଆବଶ୍ୟକ କରିବା ପରେ ଅଡିଟ୍ ରିପୋର୍ଟ ଏମ୍ଓଆର୍ଡିରେ ଦାଖଲ କରାଯାଇଥିଲା । ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଏଫ୍ଏଫ୍ଆଇ ଖର୍ଚ୍ଚ ନିର୍ବିଶେଷରେ ପରବର୍ତ୍ତୀ ଆର୍ଥିକ ବର୍ଷ ଅଗଷ୍ଟ 31 ପୂର୍ବରୁ ଅଡିଟ୍ ସମାପ୍ତ କରିବାକୁ ପ୍ରଦାନ କରିଥିଲା ।

### 2.1.8.3 *ପ୍ରଥମ କିସ୍ତି ପ୍ରଦାନ କରିବାରେ ବିଳମ୍ବ*

ଏଫ୍ଏଫ୍ଆଇର ଅନୁଚ୍ଛେଦ 5.4.1 ଅନୁଯାୟୀ, ପ୍ରଥମ କିସ୍ତି ହିତାଧିକାରୀମାନଙ୍କୁ ବୈଦ୍ୟୁତିକ ଭାବରେ ହିତାଧିକାରୀଙ୍କୁ ପଞ୍ଜିକୃତ ବ୍ୟାଙ୍କ ଆକାଉଣ୍ଟକୁ ମଞ୍ଜୁରୀ ଆଦେଶ ଜାରି ହେବା ତାରିଖ ଠାରୁ ଏକ ସପ୍ତାହ (ସାତ କାର୍ଯ୍ୟ ଦିବସ) ମଧରେ ପ୍ରଦାନ କରାଯିବା କଥା । ରାଜ୍ୟଗୁଡ଼ିକ ନିଶ୍ଚିତ କରିବା ଆବଶ୍ୟକ, ଯେଉଁ ବ୍ୟାଙ୍କରେ ରାଜ୍ୟ ନୋଡାଲ ଆକାଉଣ୍ଟ (ଏସ୍ଏନ୍ଏ) ରକ୍ଷଣାବେକ୍ଷଣ କରାଯାଏ, ପ୍ରଥମ କିସ୍ତି ସ୍ଥାନାନ୍ତରକୁ ଜଣାଇ ହିତାଧିକାରୀଙ୍କୁ ଏକ ଏସ୍ଏମ୍ଏସ୍ ପଠାଯାଏ ।

ଅଡିଟ୍ କିନ୍ତୁ, ନିମ୍ନରେ ବିସ୍ତୃତ ଭାବରେ ଉଲ୍ଲେଖ କରିଛନ୍ତି ଯେ ପ୍ରଥମ କିସ୍ତି ପ୍ରଦାନ କରିବାରେ ବିଳମ୍ବ ହୋଇଛି ।

- ଆୱାସ ସଫ୍ଟ ତଥ୍ୟର ବିଶ୍ଳେଷଣରୁ ଜଣାପଡ଼ିଛି ଯେ 41,146[35] ମାମଲାରେ ପ୍ରଥମ କିସ୍ତି ସଂପୃକ୍ତ ହିତାଧିକାରୀଙ୍କୁ ଜାରି କରାଯାଇଥିଲା, 07 ରୁ 1,576 ଦିନ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା ।
- ଆଠଟି ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାରେ 2,001 ଟି ମାମଲାରେ ଘର ମଞ୍ଜୁରୀ ହେବା ସତ୍ତ୍ୱେ, ପ୍ରଥମ କିସ୍ତି ଏକ ରୁ ଚାରି ବର୍ଷରୁ ଅଧିକ ସମୟ ଧରି ପ୍ରଦାନ ହୋଇନଥିଲା । ଆହୁରି ମଧ, ଅନ୍ୟ 13,443 ହିତାଧିକାରୀଙ୍କ ସମ୍ବନ୍ଧରେ ପ୍ରଥମ କିସ୍ତି 07 ରୁ 1,383 ଦନ ମଧରେ ବିଳମ୍ବ ସହିତ ପ୍ରଦାନ କରାଯାଇଥିଲା ।
- ଅଡିଟ୍ ମଧ 24 ନମୁନା ହୋଇଥିବା ପିଏସ୍‌ରେ 1,440 ମାମଲା ପରୀକ୍ଷା କରିଥିଲା ଏବଂ ଜାଣିବାକୁ ପାଇଲା ଯେ, 672[36] ମାମଲାରେ ପ୍ରଥମ କିସ୍ତି ଦେୟରେ ଏକ ମାସରୁ ଦୁଇ ବର୍ଷ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା । ସାତ ଦିନରେ ନିର୍ଦ୍ଧାରିତ ସୀମା ଠାରୁ ଏହା ଅଧିକ । ଏହାର ଫଳସ୍ୱରୂପ ଘର ସମାପ୍ତ ହେବାରେ ବିଳମ୍ବ ହୋଇଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ମୂଳଦୁଆ ଖୋଲିବା ପରେ ହିଁ ପ୍ରଥମ କିସ୍ତି ପ୍ରଦାନ କରିବାକୁ କ୍ଷେତ୍ର କାର୍ଯ୍ୟକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉତ୍ତର ଗ୍ରହଣୀୟ ନଥିଲା କାରଣ ନିର୍ଦ୍ଦେଶ ଗୃହ ମଞ୍ଜୁରୀ ହେବାର ଏକ ସପ୍ତାହ ମଧରେ ପାଣ୍ଠି କାର୍ଯ୍ୟକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ନିର୍ଦ୍ଦେଶ ଗୃହ ମଞ୍ଜରୀ ହେବାର ଏକ ସପ୍ତାହ ମଧରେ ଏଫ୍ଏଫ୍ଆଇର ସର୍ତ୍ତ ଅନୁଯାୟୀ ପାଣ୍ଠି ପ୍ରଦାନ କରିବ ।

### 2.1.8.4 *ବିଦ୍ୟମାନ ନଥିବା ପିଏମ୍ଏୱାଇ-ଜି ଘର ବିରୁଦ୍ଧରେ ପ୍ରଦାନ କରାଯାଇଥିବା ସହାୟତା ଆଦାୟ ନହେବା*

ଏଫ୍ଏଫ୍ଆଇର ଅନୁଚ୍ଛେଦ 5.7.1 ଅନୁଯାୟୀ, ଘରର ପ୍ରଗତି ବିଭିନ୍ନ ପର୍ଯ୍ୟାୟ ଉପରେ ଆଧାର କରି ସହାୟତାର କିସ୍ତି ପ୍ରଦାନ କରାଯିବ । ଆହୁରି ମଧ, ଅନୁଚ୍ଛେଦ 9.3.1.2 ଅନୁଯାୟୀ, ଭୂମିରେ ସ୍ତର ଅନୁଯାୟୀ ନିର୍ମାଣର ଭୌତିକ ଅଗ୍ରଗତି ଜିଓ-ରେଫରେନ୍ସ ତାରିଖ ଏବଂ ସମୟ ଷ୍ଟାମ୍ପ ହୋଇଥିବା ଫଟୋଗ୍ରାଫ୍ ମାଧମରେ ଯାଞ୍ଚ କରାଯିବ । ମୋବାଇଲ୍ ଆପ୍ ଆପ୍ଲିକେସନ ଦ୍ୱାରା କ୍ୟାପ୍‌ଚର ଏବଂ ଆୱାସ ସଫ୍ଟରେ ଅପ୍‌ଲୋଡ୍ କରାଯିବ ।

---

35 ଆୱାସସଫ୍ଟ ଡମ୍ପ ହୋଇଥିବା ଡାଟା ଅନୁଯାୟୀ 18.40 ଲକ୍ଷ ଏଚ୍ଏଚ୍ ମଧ୍ୟରୁ

36 618 ମାମଲା: ଗୋଟିଏ ମାସ ରୁ ଛଅ ମାସ, 52 ମାମଲା: ଛଅ ମାସରୁ ଏକ ବର୍ଷ, 2 ମାମଲା: ଗୋଟିଏ ବର୍ଷରୁ ଅଧିକ

ତଥାପି ଅଡିଟ୍ ଲକ୍ଷ୍ୟ କଲେ ଯେ ଡିଆରଡିଏ, ନବରଙ୍ଗପୁରରେ ଆର୍ଥିକ ବର୍ଷ 2017-18 ରୁ 2020-21 ମଧ୍ୟରେ 5.8 ଲକ୍ଷ ଟଙ୍କା ଦେୟ ପ୍ରଦାନ କରାଯିବା ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନରେ ମଜୁରୀ ପ୍ରଦାନ ସହିତ 5.89 ଲକ୍ଷ ଟଙ୍କାରେ ଚାରୋଟି ଘର[37] ଘର ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଛି । ଏହି ହିତାଧିକାରୀଙ୍କ ଆକାଉଣ୍ଟରେ ଏହି ସମସ୍ତ କ୍ଷେତ୍ରରେ ସମ୍ପୃକ୍ତ ଟ୍ୟାଗ୍ ହୋଇଥିବା ଅଧିକାରୀମାନେ ଆୱାସ ସଫ୍ଟରେ ନକଲି ଫଟୋ ଅପ୍‌ଲୋଡ୍ କରିଥିଲେ ଏବଂ ହିତାଧିକାରୀଙ୍କ ଆକାଉଣ୍ଟରେ ସମସ୍ତ କିସ୍ତି ପ୍ରଦାନ କରିଥିଲେ । ଯେହେତୁ ସମ୍ପୃକ୍ତ ହିତାଧିକାରମାନେ ଏପରି କୌଣସି ଘର ନିର୍ମାଣ ଏବଂ ନିର୍ମାଣ ପାଇଁ ସହାୟତା ପାଇବା ଅସ୍ୱୀକାର କରିଥିଲେ । ଡିଆରଡିଏ ଏକ ଅନୁସନ୍ଧାନ କରିଥିଲେ ଏବଂ ଅନୁସନ୍ଧାନ ରିପୋର୍ଟ ଆଧାରରେ ଜିଲ୍ଲାପାଳ (ସେପ୍ଟେମ୍ବର-ଅକ୍ଟୋବର 2021) ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆରକ୍ଷୀ ଅଧିକ୍ଷକ ଭିଜିଲାନ୍ସ କୋରାପୁଟକୁ ତଥ୍ୟ ଜଣାଇଥିଲେ । ଭିଜିଲାନ୍ସର ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରାଯାଉଅଛି ।

ଅଡିଟ୍ ଦେଖିଲା ଯେ, ବିଭିନ୍ନ ଦ୍ରାଘିମା ଏବଂ ଅକ୍ଷାଂଶର ଫଟୋଗ୍ରାଫ ଗ୍ରହଣ କରାଯାଇ ଅପ୍‌ଲୋଡ୍ କରାଯାଇଛି ଏବଂ କିସ୍ତି ପ୍ରଦାନ କରାଯାଇଅଛି । ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ଦୁର୍ବଳତା ସୂଚିତ କରୁଅଛି ଏବଂ ବିତରଣ ପ୍ରକ୍ରିୟା ସମ୍ବନ୍ଧରେ ସନ୍ଦେହ ସୃଷ୍ଟି କରୁଛି, ଯାହା ଅଧିକାରୀମାନଙ୍କ[38] ଦ୍ୱାରା କରାଯାଇଥିଲା ।

ଏହି ସତ୍ୟକୁ ସ୍ୱୀକାର କରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ଏମ୍‌ଓଆର୍‌ଡି ଦ୍ୱାରା ବିକଶିତ ମୋବାଇଲ୍ ଆପ୍ ଏବଂ ସଫ୍ଟୱେୟାରରେ ଥିବା ସମସ୍ୟାର ସମାଧାନ ପାଇଁ ଏମ୍‌ଓଆର୍‌ଡିକୁ ସ୍ଥାନାନ୍ତର କରାଯିବ ଯାହାଦ୍ୱାରା ସିଷ୍ଟମ ଫଟୋ ଧାରଣ କରିବାରେ ହେରଫେର ଯାଞ୍ଚ କରିପାରିବ ।

### *2.1.8.5 ଜିଇଏମ୍ ମାଧ୍ୟମରେ ଲୋଗୋ ସଂଗ୍ରହ ନକରିବା*

ଅର୍ଥ ବିଭାଗ ଅନୁଯାୟୀ, ଜିଓର ପରିପତ୍ର (2019) ସାଧାରଣ ବ୍ୟବହାରର ସାମଗ୍ରୀ ଏବଂ ସେବା କ୍ରୟ, ସରକାରୀ ଇ-ମାର୍କେଟପ୍ଲେସ୍ (ଜିଇଏମ୍) ମାଧ୍ୟମରେ କରାଯିବ ।

ଆଠଟି ନମୁନା ଯାଞ୍ଚ ହୋଇଥିବା ଡିଆରଡିଏରେ, ଅଡିଟ୍ ଉଲ୍ଲେଖ କରିଛି ଯେ ପିଏମ୍‌ଏୱାଇ-ଜି ଏବଂ ବିପିଜିୱାଇ ସହ- ବ୍ରାଣ୍ଡିଂ ଲୋଗୋ 8.74 କୋଟି ଟଙ୍କା ବ୍ୟୟରେ କିଣାଯାଇଛି ।

ହୁଏତ କେନ୍ଦ୍ରୀୟ ଭାବରେ ସଂପୃକ୍ତ ଜିଲ୍ଲା ସ୍ତରରେ କିମ୍ବା ବ୍ଲକ ସ୍ତରରେ ଅଟେ । ଏହି ଲୋକୋଗୁଡ଼ିକ ବିଭିନ୍ନ ହାରରେ କ୍ରୟ କରାଯାଇଥିଲା, ବିଭିନ୍ନ ଜିଲ୍ଲାରେ ଖଣ୍ଡ ପିଛା 62.40 ଟଙ୍କା ରୁ 584 ଟଙ୍କା ପର୍ଯ୍ୟନ୍ତ ଅଟେ । ଏପରିକି ନବରଙ୍ଗପୁର ଜିଲ୍ଲା ମଧ୍ୟରେ ଲୋଗୋ ଖଣ୍ଡ ପିଛା 62.40 ଟଙ୍କା (ଉମରକୋଟ ବ୍ଲକ) ରେ 79 ଟଙ୍କା (କୋଷାଗୁମୁଡ଼ା ବ୍ଲକ) ପର୍ଯ୍ୟନ୍ତ ହାରରେ କିଣାଯାଇଥିଲା ।

ଅଡିଟ୍ ଆହୁରି ମଧ୍ୟ ଅବଲୋକନ କରିଥିଲେ ଯେ ଏହି ଲୋଗୋଗୁଡ଼ିକ ଜିଇଏମ୍ ମାଧ୍ୟମରେ କ୍ରୟ କରିବା ପରିବର୍ତ୍ତେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କ୍ରୟ କରାଯାଇଛି । ଜିଇଏମ୍ ବ୍ୟବହାର ନକରିବାର କାରଣ ଲୋଗୋ କ୍ରୟ ପାଇଁ ରେକର୍ଡରେ ଉପଲବ୍ଧ ନଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ସମସ୍ତ ଆର୍ଥିକ ପ୍ରକ୍ରିୟା ପାଳନ କରୁଥିବା ଜିଲ୍ଲା ଏବଂ ପିଏସ୍ ସ୍ତରରେ ଲୋଗ କ୍ରୟ କରାଯାଇଥିଲା । ଜିଇଏମ୍ ମାଧ୍ୟମରେ ସଂଗ୍ରହ ନକରିବା ଦ୍ୱାରା ବିଭିନ୍ନ ପିଏସ୍ ଏବଂ ଜିଲ୍ଲାରେ ସମାନ ଉତ୍ପାଦର ହାରରେ ପରିବର୍ତ୍ତନ ହେତୁ ଉତ୍ତର ସକ୍ଷମ ନୁହେଁ ।

[37] କୋଷାଗୁମୁଡ଼ା ବ୍ଲକର ତିନୋଟି (ଆଇଡି ସଂଖ୍ୟା: ଓଆର୍ 4699114, ଓଆର୍ 4705300 ଏବଂ ଓଆର୍ 4697825) ଏବଂ ନନ୍ଦହାଣ୍ଡି ବ୍ଲକ୍ ମଧ୍ୟରୁ ଗୋଟିଏ (ଆଇଡି ସଂଖ୍ୟା: ଓଆର୍ 4611959)

[38] ଫଟୋଗ୍ରାଫ୍ ଦାଖଲ କରିଥିବା ଅଧିକାରୀ, ବ୍ଲକ ସ୍ତରରେ ବିପିସି ଯେଉଁମାନେ ଅସ୍ତିତ୍ୱହୀନ ଘରର ନକଲି ଫଟୋଗ୍ରାଫ୍ ଗ୍ରହଣ କରିଥିଲେ ଏବଂ ଜିଆର୍‌ଏସ୍ ଯେଉଁମାନେ କୌଣସି କାର୍ଯ୍ୟ କାର୍ଯ୍ୟକାରୀ ନକଲି ମିଥ୍ୟା ମଷ୍ଟର ରୋଲ୍ ସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରୁ ମଜୁରୀ ପ୍ରଦାନ କରିଥିଲେ ।

### 2.1.8.6 ଜିଲ୍ଲା ଏବଂ ବ୍ଲକ ଦ୍ୱାରା ପ୍ରଶାସନିକ ପାଣ୍ଠି ଫେରସ୍ତ ନକରିବା

କାର୍ଯ୍ୟାନ୍ୱୟର ରୂପରେଖ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 10.9 ଅନୁପାଳନରେ ଏସ୍ଏନ୍ଏର ପ୍ରଶାସନିକ ପାଣ୍ଠି ସ୍ଥାନାନ୍ତର ଏଫ୍ଟିଓ ମାଧ୍ୟମରେ ଆୱାସସଫ୍ଟ ଏବଂ ପିଏଫ୍ଏମ୍ଏସ୍ ପ୍ଲାଟଫର୍ମ ବ୍ୟବହାର କରି ଏମ୍ଓଆର୍ଡି ନିର୍ଦ୍ଦେଶ ଦେଇଥିଲେ (ଅଗଷ୍ଟ 2019) ଯେ, ଅନ୍ୟ ସମସ୍ତ ଆକାଉଣ୍ଟ ବନ୍ଦ କରିବାକୁ ଯାହା ରାଜ୍ୟ, ଜିଲ୍ଲା ଓ ବ୍ଲକ ସ୍ତରରେ ପ୍ରଶାସନିକ ପାଣ୍ଠି ବିତରଣ ପାଇଁ କାର୍ଯ୍ୟ କରୁଛି ।

ତଦନୁଯାୟୀ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ସମସ୍ତ ଜିଲ୍ଲା ଓ ବ୍ଲକକୁ ମଇ 2021 ସୁଦ୍ଧା ରାଜ୍ୟ ନୋଡାଲ ଆକାଉଣ୍ଟକୁ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇନଥିବା ଆଇଏୱାଇ/ ପିଏମ୍ଏୱାଇ-ଜି ପାଣ୍ଠି ଫେରସ୍ତ କରିବାକୁ ଅପ୍ରେଲ 2021 ରେ ନିର୍ଦ୍ଦେଶ ଦେଇଛନ୍ତି ।

ଅଡିଟ୍ ଜାଣିବାକୁ ପାଇଲା ଯେ ଆଠଟି ପରୀକ୍ଷା ଯାଞ୍ଚ ହୋଇଥିବା ଜିଲ୍ଲା ଏବଂ 24 ଟି ପରୀକ୍ଷା ଯାଞ୍ଚ ବ୍ଲକ୍ ଏସ୍ଏନ୍ଏକୁ 51.14 କୋଟି ଟଙ୍କା (***ପରିଶିଷ୍ଟ -2.9***) ଖର୍ଚ୍ଚ ହୋଇନଥିବା ରାଶି ଫେରସ୍ତ କରିନାହାଁନ୍ତି ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଖର୍ଚ୍ଚ ହୋଇନଥିବା ପ୍ରଶାସନିକ ପାଣ୍ଠି ବ୍ଲକ୍ ଏବଂ ଜିଲ୍ଲା ଦ୍ୱାରା ଏସ୍ଏନ୍ଏକୁ ଫେରସ୍ତ କରାଯାଇଛି । ତଥାପି, ତାରିଖ ଏବଂ ଜମା ହୋଇଥିବା ରାଶି ଇତ୍ୟାଦି ସମ୍ବନ୍ଧରେ କୌଣସି ତଥ୍ୟଭିତ୍ତିକ ପ୍ରମାଣ ବିଭାଗ ଦ୍ୱାରା ଉତ୍ତର ସମର୍ଥନରେ ପ୍ରଦାନ କରିନଥିଲେ ।

### 2.1.8.7 ପ୍ରଶାସନିକ ପାଣ୍ଠି ମଧ୍ୟରୁ ଅଗ୍ରାହ୍ୟ ଖର୍ଚ୍ଚ

ଏଫ୍ଏଫ୍ଆଇର ଅନୁଚ୍ଛେଦ 3.3.1 କାର୍ଯ୍ୟର ତାଲିକା ପ୍ରଦାନ କରେ ଯାହା ପ୍ରଶାସନିକ ଖର୍ଚ୍ଚ ଅଧିନରେ କରିବାକୁ ଅନୁମତି ଦିଆଯାଇଛି, ଯେପରିକି ବ୍ଲକ୍ ଏବଂ ଡିଆରଡିଏର ରେକର୍ଡଗୁଡ଼ିକର କ୍ରମିକ ନମ୍ବର (i) ରୁ (xiii) ରେ ତାଲିକାଭୁକ୍ତ ହୋଇଛି ଏବଂ ଡିଆର୍ଡିଏ ପ୍ରକାଶ କରିଛି ଯେ ନିମ୍ନଲିଖିତ ଅଗ୍ରାହ୍ୟ ସାମଗ୍ରୀ ଉପରେ 7.83 କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।

- ତିନୋଟି ପରୀକ୍ଷାମୂଳକ ଯାଞ୍ଚ ହୋଇଥିବା ବ୍ଲକ[39] ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ 7.60 କୋଟି ଟଙ୍କା ପ୍ରଦାନ କରିଥିଲେ, ଘର ଶୀଘ୍ର ସମାପ୍ତ କରିବା ପାଇଁ ପ୍ରୋତ୍ସାହନ ଦିଗରେ, ଯଦିଓ ରାଜ୍ୟର ନିଜସ୍ୱ ସମ୍ବଳରୁ ସମାନ ଦେୟ ଦିଆଯାଇଥିଲା ।
- ରାଜ୍ୟ ଯୋଜନା ମୋ ସରକାର[40] ଏବଂ କାଳିଆ ଏବଂ ଶିଶୁ ଦିବସ ପାଳନ ସମ୍ପର୍କରେ ବିଡିଓମାନେ[41] ଝୋରିଗାମ, ଏବଂ ଚନ୍ଦାହାଣ୍ଡି ଫ୍ଲେକ୍ସ ବ୍ୟାନର ଏବଂ ସାଇନ୍‌ବୋର୍ଡ ମୁଦ୍ରଣ ଏବଂ ଯୋଗାଣ ଦିଗରେ 10.85 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ।
- ଡିଆର୍ଡିଏ, ସୋନପୁର, ଇପିଏଫ୍ ଦେୟ ସୁଧ ଏବଂ ଜରିମାନା ପ୍ରଦାନ ଦିଗରେ (ନଭେମ୍ବର 2019) 12.00 ଲକ୍ଷ ଟଙ୍କା ପ୍ରଦାନ କରିଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ସଂପୃକ୍ତ ଯୋଜନାରୁ ପାଣ୍ଠି ପାଇବା ପରେ କୌଣସି ଅଗ୍ରାହ୍ୟ ଆଇଟମ୍ ଦେୟ ପୁନରୁଦ୍ଧାର କରାଯିବ ।

---

[39] ବିଡିଓ ଝରିଗାଁ:6.43 କୋଟି ଟଙ୍କା; ବିଡିଓ ଚନ୍ଦାହାଣ୍ଡି: 0.98 କୋଟି ଟଙ୍କା;; ଏବଂ ବିଡିଓ ଜଗନ୍ନାଥ ପ୍ରସାଦ: 0.19 କୋଟି ଟଙ୍କା;

[40] ମୋ ସରକାରଙ୍କ ପଦକ୍ଷେପ ହେଉଛି ରାଜ୍ୟ ଯୋଜନା ଯାହା ସରକାରଙ୍କ କାର୍ଯ୍ୟକ୍ରମ ଉପରେ ସେମାନଙ୍କର ମତାମତ ଗ୍ରହଣ କରି ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି ।

[41] ବିଡିଓ ଝରିଗାଁ: ମୋ ସରକାର -17,860 ଟଙ୍କା, କାଳିଆ ଫ୍ଲେକ୍ସ - 1. 03 ଲକ୍ଷ ଟଙ୍କା ଏବଂ ଶିଶୁ ଦିବସ ଉତ୍ସବ ପାଳନ- 4.77 ଲକ୍ଷ ଟଙ୍କା; ବିଡିଓ ଚନ୍ଦାହାଣ୍ଡି: ଶିଶୁ ଦିବସ ଉତ୍ସବ ପାଳନ-4.87 ଲକ୍ଷ ଟଙ୍କା

*ସୁପାରିଶ:*

***8.*** ***ଘରଗୁଡ଼ିକ ସୁରୁଖୁରରେ ସମାପ୍ତ ହେବା ପାଇଁ କିସ୍ତିର ଠିକ୍ ସମୟରେ ପ୍ରଦାନ ସୁନିଶ୍ଚିତ କରିବା ।***

***9.*** ***ଆୱାସ୍‌ସଫ୍ଟ ଏବଂ ପିଏଫ୍‌ଏମ୍‌ଏସ୍ ପ୍ଲାଟଫର୍ମ ବ୍ୟବହାର କରି ଏଫ୍‌ଟିଓ ମାଧ୍ୟମରେ ପ୍ରଶାସନିକ ଖର୍ଚ୍ଚ ସହିତ ଦେୟ ପ୍ରଦାନ କରିବା ।***

***10.*** ***ପ୍ରଶାସନିକ ପାଣ୍ଠିରୁ ଖର୍ଚ୍ଚ କେବଳ ଗ୍ରହଣୀୟ ସାମଗ୍ରୀ ପାଇଁ କରାଯାଇପାରେ ।***

***11.*** ***ଜିଲ୍ଲା ଏବଂ ବ୍ଲକସ୍ତରରେ ଉପଲବ୍ଧ ପ୍ରଶାସନିକ ପାଣ୍ଠି ଏସ୍‌ଏନ୍‌ଏକୁ ଫେରସ୍ତ କରାଯାଇପାରେ ।***

### *2.1.9 ତଦାରଖ ଏବଂ ନିରୀକ୍ଷଣ*

#### *2.1.9.1 ଜିଲ୍ଲା/ ବ୍ଲକ୍ ସ୍ତର ଅଧିକାରୀଙ୍କ ଦ୍ୱାରା ନିରୀକ୍ଷଣ*

***ସ୍ୱଚ୍ଛତା ଏବଂ ସାର୍ବଜନିନ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ପରୀକ୍ଷା ଯାଞ୍ଚ ହୋଇଥିବା ଜିପି ଏବଂ ପିଏସ୍‌ରେ କୌଣସି ସାମାଜିକ ଅଡିଟ୍ କରାଯାଇନାହିଁ । ଅଭିଯୋଗ ସମାଧାନ ବ୍ୟବସ୍ଥା ଦକ୍ଷ ନଥିଲା କାରଣ ଅଭିଯୋଗ ଗୁଡ଼ିକ ଏହାର ଉପଯୁକ୍ତ ନିଷ୍କାସନ ସୁନିଶ୍ଚିତ ନକରି କେବଳ କ୍ଷେତ୍ର କାର୍ଯ୍ୟାଳୟକୁ ଦିଆଯାଇଥିଲା ।***

ଏଫ୍‌ଏଫ୍‌ଆଇର ଅନୁଚ୍ଛେଦ 9.3.2 ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ଗୁଡ଼ିକରେ କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍ (ପିଏମ୍‌ୟୁ) ବିଭିନ୍ନ ସ୍ତରରେ ଯୋଜନା କାର୍ଯ୍ୟକାରିତା ଏବଂ  ଗୁଣବତ୍ତା ତଦାରଖ ଉପରେ ନଜର ରଖିବା । ଏଥିରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ, (କ) ବ୍ଲକ ସ୍ତରରେ ଅଧିକାରୀମାନେ ନିର୍ମାଣ ସମୟରେ ଯଥାସମ୍ଭବ 10 ପ୍ରତିଶତ ଘର ଯାଞ୍ଚ କରିବା ଉଚିତ୍ (ଖ) ଜିଲ୍ଲା ସ୍ତରୀୟ ଅଧିକାରୀମାନେ ନିର୍ମାଣ ସମୟରେ ଦୁଇ ପ୍ରତିଶତ ଘର ଯାଞ୍ଚ କରିବା ଉଚିତ୍ ଏବଂ (ଗ) ପିଏମ୍‌ଏୱାଇ-ଜି ଅଧିନରେ ଅନୁମୋଦିତ ପ୍ରତ୍ୟେକ ଘରକୁ  ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ଟ୍ୟାଗ୍ କରାଯିବା ଉଚିତ୍ ଯିଏ ଘର ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ହିତାଧିକାରୀଙ୍କ ସୁବିଧା ଦେଖିବେ ଏବଂ ଅନୁସରଣ କରିବେ ।

ପ୍ରାସଙ୍ଗିକ ରେକର୍ଡର ଅନୁପସ୍ଥିତିରେ ତଥାପି ଅଡିଟ୍ ନିଶ୍ଚିତ କରିପାରିଲେ ନାହିଁ ଯେ, ଆଠଟି ପରୀକ୍ଷା ଯାଞ୍ଚ ହୋଇଥିବା ଜିଲ୍ଲା ଏବଂ 24 ଟି ପରୀକ୍ଷା ଯାଞ୍ଚ ବ୍ଲକରେ କାର୍ଯ୍ୟାନ୍ୱୟନ ରୂପରେଖ ନିୟମ ଅନୁସାରେ ନିରୀକ୍ଷଣ କରାଯାଇଥିଲା କି ନାହିଁ । ଅନୁଚ୍ଛେଦ ସଂଖ୍ୟା 2.1.6.5 ରେ ଆୱାସସଫ୍ଟରେ ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ ଦେଖାଇବାର ଉଦାହରଣ ଅଛି । ଏହା ମଧ୍ୟ ନିୟମିତ ଯାଞ୍ଚର ଅନୁପସ୍ଥିତିକୁ ସୂଚିତ କରେ । ତେଣୁ ଯାଞ୍ଚ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ, ଯାହାକି ଅସମ୍ପୂର୍ଣ୍ଣ ଘରକୁ ସମ୍ପୂର୍ଣ୍ଣ ହେବାର ଦେଖାଯାଇଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ବିଭିନ୍ନ ସ୍ତରରେ ପିଏମ୍‌ୟୁ କର୍ମଚାରୀମାନେ ଦୈନିକ ଏହି ଯୋଜନା କାର୍ଯ୍ୟକାରିତା ଉପରେ ନଜର ରଖିଛନ୍ତି । ତଥାପି, ନିରୀକ୍ଷଣ ତଦନ୍ତ ଏବଂ ଦିଆଯାଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପରି ତଥ୍ୟଗୁଡ଼ିକୁ ପ୍ରମାଣ କ୍ଷେତ୍ର ଅଡିଟ୍ ସମୟରେ ଦେଖାଯାଉଥିବା ଯେକୌଣସି ପରୀକ୍ଷା ଯାଞ୍ଚ ୟୁନିଟରେ ଉପଲବ୍ଧ ଥିଲା ।

#### *2.1.9.2 ସାମାଜିକ ଅଡିଟ୍*

ଏଫ୍‌ଏଫ୍‌ଆଇର ଅନୁଚ୍ଛେଦ 9.6.1 ପ୍ରଦାନ କରେ ଯେ, ସମସ୍ତ ଦିଗର ଏକ ବାଧ୍ୟତାମୂଳକ ସମୀକ୍ଷା ସହିତ ଜଡ଼ିତ ଅଡିଟ୍ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବର୍ଷରେ ଅତି କମରେ ଥରେ କରାଯିବ । ଆହୁରି ମଧ୍ୟ, ଅନୁଚ୍ଛେଦ 9.6.2 ଅନୁଯାୟୀ, ସାମାଜିକ ଅଡିଟର ମୌଳିକ ଉଦ୍ଦେଶ୍ୟ ହେଉଛି ପିଏମ୍‌ଏୱାଇ-ଜିର କାର୍ଯ୍ୟକାରିତାରେ ଜନସାଧାରଣଙ୍କ ଉତ୍ତରଦାୟିତ୍ୱ ହାସଲ ସୁନିଶ୍ଚିତ କରିବା । ଏହି ପ୍ରକ୍ରିୟା ଅଡିଟ୍ ଅନୁଶାସନର ଆବଶ୍ୟକତା ସହିତ ଲୋକଙ୍କ ଅଂଶ ଗ୍ରହଣ ଏବଂ ତଦାରଖକୁ ମିଶ୍ରଣ କରେ । ଓଡ଼ିଶାରେ ଏହିପରି ଅଡିଟ୍ ପାଇଁ ସାମାଜିକ ଅଡିଟ୍ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ପାଇଁ ଓଡ଼ିଶା ସୋସାଇଟି ଦାୟୀ ।

ଅଡିଟ୍ ଯାହାହେଉ, ଅବଲୋକନ କଲେ ଯେ ଆର୍ଥିକ ବର୍ଷ 2016-17 ରୁ 2020-21 ମଧ୍ୟରେ, କୌଣସି ପରୀକ୍ଷା ଯାଞ୍ଚ ହୋଇଥିବା ଜିପି ଏବଂ ପିଏସ୍‌ରେ କୌଣସି ସାମାଜିକ ଅଡିଟ୍ କରାଯାଇନାହିଁ । ସାମାଜିକ ଅଡିଟ୍ ପରିଚାଳନା ନ କରିବା କାରଣରୁ ଏହି ଯୋଜନାର କାର୍ଯ୍ୟକାରିତାରେ ଜନସାଧାରଣଙ୍କ ଉତ୍ତରଦାୟିତ୍ୱରେ ଉଦ୍ଦେଶ୍ୟ ହାସଲ

ହୋଇପାରିଲା ନାହିଁ । ଆହୁରି ମଧ୍ଯ ତଦାରଖ ପ୍ରକ୍ରିୟା ସହିତ ଲୋକଙ୍କ ଅଂଶ ଗ୍ରହଣର ଉଦ୍ଦେଶ୍ୟ ମଧ୍ଯ ହାସଲ ହୋଇପାରିଲା ନାହିଁ ।

ଏହି ସତ୍ୟକୁ ଗ୍ରହଣ କରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ସେପ୍ଟେମ୍ବର 2022 ରୁ ସାମାଜିକ ଅଡିଟ୍ କରାଯାଇଥିଲା ।

### *2.1.9.3 ଅଭିଯୋଗ ସମାଧାନ ସଂକ୍ରିୟା*

ଏଫ୍ଏଫ୍ଆଇର ଅନୁଚ୍ଛେଦ 12.1 ଏବଂ 12.2 ପ୍ରଦାନ କରେ ଯେ, ପ୍ରଶାସନର ବିଭିନ୍ନ ସ୍ତରରେ ଏକ ଅଭିଯୋଗ ସମାଧାନ ବ୍ୟବସ୍ଥା ସ୍ଥାପନ କରାଯିବ । ଅର୍ଥାତ୍ ଜିପି, ବ୍ଲକ୍, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ଅଭିଯୋଗକାରୀଙ୍କ ସନ୍ତୁଷ୍ଟି ପାଇଁ ରାଜ୍ୟସରକାରଙ୍କ ଜଣେ ଅଧିକାରୀଙ୍କୁ ଅଭିଯୋଗର ସମାଧାନ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ସ୍ତରରେ ନିର୍ଦ୍ଦିଷ୍ଟ କରାଯିବ । ପ୍ରତ୍ୟେକ ସ୍ତରରେ ମନୋନୀତ ହୋଇଥିବା ଅଧିକାରୀ ଅଭିଯୋଗ/ ଅଭିଯୋଗ ଗ୍ରହଣ ତାରିଖ ଠାରୁ 15 ଦିନ ମଧ୍ୟରେ ଅଭିଯୋଗ/ ଅଭିଯୋଗର ସମାଧାନ ପାଇଁ ଦାୟୀ ରହିବେ । ଅଡିଟ୍ ବିଭିନ୍ନ ସ୍ତରରେ ଅଭିଯୋଗର ସମାଧାନରେ ନିମ୍ନଲିଖିତ ଅଭାବକୁ ଲକ୍ଷ୍ୟ କରିଛି:

- ରାଜ୍ୟ ସ୍ତରରେ ଆର୍ଥିକ ବର୍ଷ 2016-17 ରୁ 2020-21 ଅବଧିରେ 937 ଟି ଅଭିଯୋଗ ଗ୍ରହଣ କରାଯାଇଥିଲା, ଯେଉଁଥିରୁ 887 ଟି ଅଭିଯୋଗର ସମାଧାନ କରାଯାଇଥିଲା ଏବଂ ଆର୍ଥିକ ବର୍ଷ 2016-17 ଏବଂ 2017-18 ସମ୍ବନ୍ଧୀୟ 50 ଟି ଅଭିଯୋଗ ଅଗଷ୍ଟ 2021 ସୁଦ୍ଧା ସମାଧାନ ପାଇଁ ବିଚାରାଧିନ ରହିଲା । ତିନି ବର୍ଷର ଅବସାନ ପରେ ମଧ୍ଯ ଜିଲ୍ଲା ସ୍ତରରୁ ରିପୋର୍ଟ ନ ମିଳିବା କାରଣରୁ ଏହି ମାମଲା ଗୁଡ଼ିକର ସମାଧାନ ହୋଇପାରିଲା ନାହିଁ ।
- ଆହୁରି ମଧ୍ୟ, ଆଠଟି ପରୀକ୍ଷା ଯାଞ୍ଚ ହୋଇଥିବା ଜିଲ୍ଲା ମଧ୍ୟରୁ ସାତଟି[42] ଜିଲ୍ଲା ଏବଂ 24ଟି ପରୀକ୍ଷା ଯାଞ୍ଚ ହୋଇଥିବା ବ୍ଲକ ମଧ୍ୟରୁ 23[43] ଟିରେ ଅଭିଯୋଗ / ଅଭିଯୋଗର ରସିଦ୍ ଏବଂ ସମାଧାନ ଦେଖିବା ପାଇଁ କୌଣସି ରେକର୍ଡ ସାଇତି ରଖାଯାଇନଥିଲା । ଜିଲ୍ଲା ସ୍ତରରେ ପ୍ରାପ୍ତ ଅଭିଯୋଗଗୁଡ଼ିକ ଅନୁପାଳନ ପାଇଁ ସଂପୃକ୍ତ ପିଏସ୍‌କୁ ପଠାଯାଇ ନଥିଲା । ସେହିଭଳି, ପିଏସ୍ ସ୍ତରରେ ପ୍ରାପ୍ତ ଅଭିଯୋଗଗୁଡ଼ିକ ସଂପୃକ୍ତ ପିଇଓଙ୍କୁ ସେମାନଙ୍କ ଶେଷରେ ଅନୁସନ୍ଧାନ ପାଇଁ ଅଗ୍ରଗାମୀ କରାଯାଇଥିଲା । ଏହିପରି ଜିଲ୍ଲା ଏବଂ ବ୍ଲକ ସ୍ତରରେ ଅଭିଯୋଗର ପ୍ରକୃତ ସମାଧାନ ନିଶ୍ଚିତ କରାଯାଇ ନଥିଲା ଏବଂ ଅଭିଯୋଗର ସମାଧାନ ଅଭିଯୋଗକାରୀଙ୍କୁ ଅବଗତ କରାଯାଇ ନଥିଲା ।

ପ୍ରକଳ୍ପ ନିର୍ଦ୍ଦେଶକ, ଡିଆର୍‌ଡିଏ ଏବଂ ବିଡିଓମାନେ ଭବିଷ୍ୟତରେ ମାର୍ଗଦର୍ଶନ ପାଇଁ ଅଡିଟ୍ ପର୍ଯ୍ୟବେକ୍ଷଣ ( ଅକ୍ଟୋବର 2021 ରୁ ଜାନୁଆରୀ 2022) ଉଲ୍ଲେଖ କରିଛନ୍ତି । ଆହୁରି ମଧ୍ୟ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ହିତାଧିକାରୀଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ (ଅକ୍ଟୋବର 2022) ଜଣାଇଛନ୍ତି ।

### *2.1.9.4 ଆୱାସସଫ୍ଟରେ ଭୁଲ୍ ତଥ୍ୟ*

ଏଫଏଫ୍ଆଇର ଅନୁଚ୍ଛେଦ 5.2.1 ଏବଂ 9.3.1 ଅନୁଯାୟୀ, ଏକ ମଞ୍ଜୁରୀ ଆଦେଶ ଜାରି କରିବା ପୂର୍ବରୁ ହିତାଧିକାରୀ ବର୍ତ୍ତମାନ ରହୁଥିବା ଘର ସମ୍ମୁଖରେ ହିତାଧିକାରୀଙ୍କ ArcGIS[44] ଜିଓ-ରେଫରେନ୍ସ ହୋଇଥିବା ଫଟୋଗ୍ରାଫ୍‌କୁ ଧରି ସୁନିଶ୍ଚିତ କରିବା ପାଇଁ ବିଡିଓଙ୍କର ଆବଶ୍ୟକ ଥିଲା । ଏହା ପରେ ସେହି ଜମିର ଏକ ଜିଓ-ଟ୍ୟାଗ୍ ହୋଇଥିବା ଫଟୋଗ୍ରାଫ୍ ଯାହା ଉପରେ ହିତାଧିକାରୀ ଘର ନିର୍ମାଣ ଏବଂ ଏହାକୁ ଆୱାସସଫ୍ଟରେ ଅପ୍‌ଲୋଡ୍ କରିବାକୁ ପ୍ରସ୍ତାବ ଦେଇଥିଲେ । ଆହୁରି ମଧ୍ୟ, ଭୂମିର ମଞ୍ଚ ଅନୁଯାୟୀ, ନିର୍ମାଣର ଭୌତିକ ଅଗ୍ରଗତି ଜିଓ-ରେଫ୍‌ରେନ୍ସ ତାରିଖ ଏବଂ

[42] ଡିଆର୍‌ଡିଏ ବରଗଡ଼ ବ୍ୟତୀତ

[43] ବିଡିଓ, ଗଞ୍ଜାମ ବ୍ୟତୀତ

[44] ArcGIS ଯେକୌଣସି ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ମ୍ୟାପିଙ୍ଗ ପାଇଁ ଗୋଟିଏ ଆପ୍ଲିକେସନ ସଫ୍ଟୱେୟାର ଏବଂ ମ୍ୟାପ୍ ପ୍ରସ୍ତୁତ

ସମୟ ଷ୍ଟାମ୍ପ ହୋଇଥିବା ଫଟୋଗ୍ରାଫ୍ ମାଧମରେ ଯାଞ୍ଚ ଏବଂ ତଦାରଖ କରାଯାଇ ଇନ୍ସ୍ପେକ୍ଟରଙ୍କ ଦ୍ୱାରା କଏଦ କରାଯାଇଥିଲା ।

ଅଡିଟ୍ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଘରର ଭୌଗୋଳିକ ଅବସ୍ଥାନ ସମ୍ବନ୍ଧୀୟ ଆୱାସସଫ୍ଟ ତଥ୍ୟକୁ ବିଶ୍ଳେଷଣ କରି ଜାଣିବାକୁ ପାଇଲା ଯେ, 3,521[45] କ୍ଷେତ୍ରରେ ଘର ଗୁଡ଼ିକ ରାଜ୍ୟ ବାହାରେ ଅବସ୍ଥିତ । ଏହା ଆୱାସସଫ୍ଟ ତଥ୍ୟର ଅଖଣ୍ଡତା ଉପରେ ସନ୍ଦେହ ସୃଷ୍ଟି କଲା । ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ (ଅକ୍ଟୋବର 2022) ଜଣାଇଥିଲେ ଯେ, ଆୱାସ୍ ଆପ୍‌ରେ ଘରର ସଠିକ୍ ସ୍ଥାନ ପ୍ରଦର୍ଶନ କଲେ ଏମ୍‌ଓଆର୍‌ଡିକୁ ସ୍ଥାନାନ୍ତର କରାଯିବ ।

*ସୁପାରିଶ*

***12. ରାଜ୍ୟ ସରକାର ବିଭିନ୍ନ ସ୍ତରରେ ବାଧତାମୂଳକ ଯାଞ୍ଚର ସମୟୋଚିତ ଏବଂ ନିୟମିତ ଆଚରଣ ସୁନିଶ୍ଚିତ କରିପାରନ୍ତି ଏବଂ ଜିପି ସ୍ତରରେ ନିୟମିତ ସାମାଜିକ ଅଡିଟ୍ କରିପାରନ୍ତି, ଯୋଜନା କାର୍ଯ୍ୟକାରିତାକୁ ଉନ୍ନତ କରିବା ଏବଂ ଯୋଜନାର କାର୍ଯ୍ୟକାରିତାରେ ତ୍ରୁଟିର ସମାଧାନ କରିପାରନ୍ତି ।***

***13. ସମସ୍ତ ଅଭିଯୋଗ ସମାଧାନ କରି, ଅଭିଯୋଗକାରୀଙ୍କୁ ସୂଚନା ଦେବା ।***

[45] ବରଗଡ଼:339, ବଲାଙ୍ଗୀର:332, ଢେଙ୍କାନାଳ:120, ଗଞ୍ଜାମ:741, ମୟୂରଭଞ୍ଜ:1270, ନବରଙ୍ଗପୁର:628, ପୁରୀ:13 ଏବଂ ସୋନପୁର:78